## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୭।୦୨।୨୦୨୨

| | |
|---|---|
| ୭, ୦୧, ୫୧୨ ଟଙ୍କା | |
| ସୁନା | ୪୦୦ ମିଲିଗ୍ରାମ |
| ରୁପା | ୨୮.୨୦୦ ଗ୍ରାମ |

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ ସ୍କୁଲ ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ ପାଳନ, ବିଜେବି ଇଂଲିଶ ମିଡିୟମ ସ୍କୁଲ ପରିସର, ସକାଳ ୮ଟା ୩୦।
- ଉତ୍କଳ ସମ୍ମିଳନୀ ଓ ଭିଏସ୍ଏସ୍ ନଗର ଉନ୍ନୟନ ପରିଷଦ ପକ୍ଷରୁ ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ଭିଏସ୍ଏସ୍ ନଗର, ସକାଳ ୯ଟା।
- ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲାଇଫ ସାଇନ୍ସ ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ ପାଳନ, ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ୟୁନିଟ-୮, ସକାଳ ୯ଟା ୩୦।
- ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫିଜିକ୍ସ ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ ପାଳନ, ଇନ୍‌ଷ୍ଟିଚ୍ୟୁଟ ଅଫ୍ ଫିଜିକ୍ସ କ୍ୟାମ୍ପସ ପରିସର, ପୂର୍ବାହ୍ନ ୧୦ଟା।
- ଭାରତୀୟ ସର୍ବେକ୍ଷଣ ବିଭାଗ ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ ପାଳନ, ସର୍ଭେ ଭବନ, ଇଗ୍ନୋ ରୋଡ୍, ଜାଭିୟର ସ୍କୋୟାର ନିକଟ, ପୂର୍ବାହ୍ନ ୧୦ଟା ୩୦।

**କଟକ**

- ଅନ୍ନପୂର୍ଣ୍ଣା ଥିଏଟର'ବି' ଗ୍ରୁପ କଳାକାରଙ୍କ ଦ୍ୱାରା ନାଟକ 'ଅଭିଶାପ' ମଞ୍ଚସ୍ଥ, ବାରପଥର, ବକ୍ସିବଜାର, ସନ୍ଧ୍ୟା ୬ଟା ୩୦।

# ଶ୍ରୀଲୋକନାଥଙ୍କ ଦର୍ଶନ କଲେ ଶ୍ରଦ୍ଧାଳୁ

## ପୀଠରେ ପଙ୍କୋଦ୍ଧାର ନୀତି ସମ୍ପନ୍ନ

**ପୁରୀ ଅଫିସ, ୨୭।୨**

ଫାଲଗୁନ ମାସ କୃଷ୍ଣପକ୍ଷ ଏକାଦଶୀ ତିଥିରେ ରବିବାର ପ୍ରସିଦ୍ଧ ଶୈବପୀଠ ଶ୍ରୀଲୋକନାଥ ଦେବଙ୍କ ମନ୍ଦିରରେ ପଙ୍କୋଦ୍ଧାର ନୀତି ସମ୍ପନ୍ନ ହୋଇଛି। ଶ୍ରୀଲୋକନାଥ ମନ୍ଦିରରେ ବର୍ଷତମାମ୍ ଠାକୁରଙ୍କ ପ୍ରତ୍ୟକ୍ଷ ଶକ୍ତି ସର୍ବଦା ପାଣିରେ ବୁଡ଼ି ରହିଥାଏ। ତେଣୁ ଶ୍ରଦ୍ଧାଳୁମାନେ ଶ୍ରୀଲୋକନାଥଙ୍କ ଚଳନ୍ତି ପ୍ରତିମା ଦର୍ଶନ କରିଥାନ୍ତି। ପଙ୍କୋଦ୍ଧାର ଏକାଦଶୀରେ ଗମ୍ଭୀରାରୁ ପଙ୍କ ବାହାର କରାଯାଏ। ବର୍ଷକରେ ଏହି ଗୋଟିଏ ଦିନ ଶ୍ରଦ୍ଧାଳୁମାନେ ପ୍ରଭୁ ଲୋକନାଥଙ୍କ ଗମ୍ଭୀରା ଭିତରକୁ ଯାଇ ମହାଦେବଙ୍କ ଶକ୍ତି ଦର୍ଶନ କରିବାର ସୁଯୋଗ ପାଇଥାନ୍ତି। ଶ୍ରୀମନ୍ଦିର ସହ ପ୍ରତ୍ୟକ୍ଷ ସଂପୃକ୍ତ ଥିବା ଶ୍ରୀଲୋକନାଥ ମନ୍ଦିରରେ ମହାଶିବରାତ୍ରିର ଗୋଟିଏ ଦିନ ପୂର୍ବରୁ ପଙ୍କୋଦ୍ଧାରର ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥାଏ। ବର୍ଷତମାମ ଫୁଲ, ବେଲପତ୍ର, କ୍ଷୀର, କଦଳୀ, ଦହି, ସୁନାରୁପାରେ ଆଚ୍ଛାଦିତ ହୋଇ ରହୁଥିବା ମହାପ୍ରଭୁ ଶ୍ରୀଲୋକନାଥଙ୍କ ଏହି ସମସ୍ତ ସାମଗ୍ରୀକୁ ଏକଦାଶୀ ଦିନ ବାହାର କରାଯାଇଥାଏ।



ଯାହାକୁ ପଙ୍କୋଦ୍ଧାର ନୀତି କୁହାଯାଇଥାଏ। ରବିବାର ଥିଲା ପବିତ୍ର ପଙ୍କୋଦ୍ଧାର ଏକାଦଶୀ। ସକାଳ ପ୍ରାୟ ୮ଟା ୩୦ରେ ସେବାୟତଙ୍କ ଦ୍ୱାରା ପଙ୍କୋଦ୍ଧାର ଆରମ୍ଭ ହୋଇଥିଲା। ନୀତି ସମ୍ପନ୍ନ ପରେ ଅପରାହ୍ନ ୧ଟାରୁ ସର୍ବସାଧାରଣ ଦର୍ଶନ ଓ ପରିମାଣିକ ଦର୍ଶନ ଆରମ୍ଭ ହୋଇଥିଲା। ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ପ୍ରଭୁ ଶ୍ରୀଲୋକନାଥଙ୍କ ପ୍ରତ୍ୟକ୍ଷ ଶକ୍ତି ଦର୍ଶନ କରିଥିଲେ। ନୀତି ଓ ଦର୍ଶନ ଲାଗି ଶନିବାର ରାତିରୁ ମନ୍ଦିର ଦ୍ୱାର ଫିଟିଥିଲା। ଏହାପରେ ଠାକୁରଙ୍କ ମଙ୍ଗଳ ଆଳତି ଓ ଅବକାଶ ଆଦି ନୀତି ବଢିଥିଲା। ପରେ ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳ ବଲ୍ଲଭ, ସକାଳ ଧୂପ ବଢି ପୂର୍ବାହ୍ନ ୮ ଟା ୩୦ରୁ ପଙ୍କୋଦ୍ଧାର ନୀତି ଆରମ୍ଭ ହୋଇଥିଲା। ସେବାୟତମାନେ ଗମ୍ଭୀରାରୁ ପଙ୍କ ବାହାର କରିଥିଲେ। ପଙ୍କୋଦ୍ଧାର ସରି ମହାପ୍ରଭୁଙ୍କ ମାଘସ୍ନାନ ନୀତି ବଢିଥିଲା। ପରେ ଭକ୍ତମାନେ ଧାଡ଼ିରେ ଯାଇ ଭିତରକାଠ ନିକଟରୁ ଠାକୁରଙ୍କୁ ଦର୍ଶନ କରି ନିଜକୁ କୃତାର୍ଥ ମଣିଥିଲେ। କରୋନା କଟକଣା ଯୋଗୁ ଦୁଇବର୍ଷ ଧରି ଭକ୍ତମାନେ ଏହି ଦର୍ଶନରୁ ବଞ୍ଚିତ ଥିଲେ। ୨ହଜାର ସ୍ୱତନ୍ତ୍ର ଦର୍ଶନ ଟିକେଟ ବ୍ୟବସ୍ଥା କରାଯାଇଥିଲା। ଶୃଙ୍ଖଳିତ ଦର୍ଶନ ସହ ଟ୍ରାଫିକ ବ୍ୟବସ୍ଥା ନିୟନ୍ତ୍ରଣ ଓ ସୁରକ୍ଷା ପାଇଁ ୭ ପ୍ଲାଟୁନ ପୋଲିସ ଫୋର୍ସ ସମେତ ବରିଷ୍ଠ ଅଧିକାରୀ ମୁତୟନ ଥିଲେ। ଦର୍ଶନ ସମୟରେ ଭକ୍ତମାନେ କୋଭିଡ୍ କଟକଣା ପାଳନ କରିଥିଲେ। ତେବେ ଅନେକ ଭକ୍ତ ଦୀର୍ଘ ସମୟ ଧରି ବ୍ୟାରିକେଡ୍‌ରେ ଠିଆ ହୋଇଥିଲେ ମଧ୍ୟ ଦର୍ଶନରେ ବିଳମ୍ବ ଯୋଗୁ ଅସନ୍ତୋଷ ପ୍ରକାଶ କରିଥିଲେ। କେତେଜଣ ସେବାୟତ ମନଇଚ୍ଛା ଲୋକଙ୍କୁ ସାଥିରେ ନେଇ ଦର୍ଶନ କରାଉଥିବା ଭକ୍ତମାନେ ଅଭିଯୋଗ କରିଥିଲେ।

# ପ୍ରଜ୍ୱଳିତ ହେଲା ସର୍ବବୃହତ ଜଗତ ମଙ୍ଗଳ ଜାଗର ଦୀପ



ଜଗତ ମଙ୍ଗଳ ଜାଗର ଦୀପକୁ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ପ୍ରଜ୍ୱଳନ କରୁଛନ୍ତି।

**ପୁରୀ ଅଫିସ, ୨୭।୨**

ପଙ୍କୋଦ୍ଧାର ଏକାଦଶୀରେ ରବିବାର ଶ୍ରୀଲୋକନାଥଙ୍କ ପୀଠରେ ସର୍ବବୃହତ ଜଗତ ମଙ୍ଗଳ ଜାଗର ଦୀପ ପ୍ରଜ୍ୱଳିତ ହୋଇଛି। ପାର୍ବତୀ ସାଗର ନିକଟରେ ଏହି ଦୀପକୁ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ପ୍ରଜ୍ୱଳିତ କରିଥିଲେ। ପଙ୍କୋଦ୍ଧାର ଏକାଦଶୀଠାରୁ ଶିବରାତ୍ରି ପର୍ଯ୍ୟନ୍ତ ଏହି ଦୀପ ପ୍ରଜ୍ୱଳିତ ରହିବ। ପ୍ରାୟ ୬ଫୁଟ ଲମ୍ବ, ୪ ଫୁଟ ଓସାର ଏବଂ ଅଢେଇ ଫୁଟ ଗଭୀର ବିଶିଷ୍ଟ ଏହି ଦୀପରେ ପ୍ରାୟ ଅଢେଇ କୁଇଣ୍ଟାଲ ଘିଅ ଢଳାଯିବ। ପବିତ୍ର ଶିବରାତ୍ରି ବା ଜାଗର ଦିନ ମହାଦୀପ ଉଠିବା ପରେ ଏହି ଦୀପକୁ ପାର୍ବତୀ ସାଗରରେ ବିସର୍ଜନ କରାଯିବ। ଜଗତ ମଙ୍ଗଳ ଜାଗର ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ଭବତାରଣ ସାହୁ ଯୋଗ ଦେଇଥିଲେ। ସାମାଜିକ କର୍ମୀ ରାମକୃଷ୍ଣ ହୋତାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଦୀର୍ଘ ୧୦ବର୍ଷ ହେବ ପଙ୍କୋଦ୍ଧାର ଏକାଦଶୀରେ ସର୍ବବୃହତ ଜଗତ ମଙ୍ଗଳ ଜାଗର ଦୀପ ପ୍ରଜ୍ୱଳନ କରାଯାଉଛି।

# ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ

**ଗୋପ, ୨୭।୨ (ଡି.ଏନ୍.ଏ.)**

ପୁରୀ ଜିଲା ଗୋପ ଥାନା ଅନ୍ତର୍ଗତ ବାଲିଗୋରଡ଼ି ଗ୍ରାମରେ ରବିବାର ଏକ ଦୁଃଖଦ ଘଟଣା ଘଟିଛି। ପୋଖରୀରେ ବୁଡ଼ି ଜଣେ ଶିଶୁପୁତ୍ରର ମୃତ୍ୟୁ ଘଟିଛି। ମୃତକ ହେଲେ ଦିବ୍ୟଜ୍ୟୋତି ଆଚାର୍ଯ୍ୟ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୂର୍ବାହ୍ନ ୧୦ଟାରେ ଦିବ୍ୟଜ୍ୟୋତି ଘର ନିକଟରେ ଖେଳୁଥିବା ବେଳେ ହଠାତ୍ ନିଖୋଜ ହୋଇଯାଇଥିଲେ। ମା'ସ୍ୱର୍ଣ୍ଣଲତା ପୁଅକୁ ନ ପାଇ ବ୍ୟତିବ୍ୟସ୍ତ ହୋଇପଡିଥିଲେ। ପରିବାର ଲୋକଙ୍କ ସମେତ ଗ୍ରାମବାସୀ ବହୁ ଖୋଜାଖୋଜି କରିବା ପରେ ନିକଟସ୍ଥ ପୋଖରୀରୁ ଦିବ୍ୟଜ୍ୟୋତିଙ୍କୁ ଉଦ୍ଧାର କରି ଗୋପ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରକାଶ ଯେ, ଗତ ୬ମାସ ପୂର୍ବେ ଦିବ୍ୟଜ୍ୟୋତିଙ୍କ ବାପା ମାନସ ଆଚାର୍ଯ୍ୟଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଥିବା ବେଳେ ମା'ସ୍ୱର୍ଣ୍ଣଲତା ଦିବ୍ୟାଙ୍ଗ। ସ୍ୱର୍ଣ୍ଣଲତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଜିଲାପାଳଙ୍କୁ କହିଛନ୍ତି।

# 'କବିତାରେ କେହି ବଡ଼ ସାନ ନ ଥାନ୍ତି'

## 'ଆଖିରେ ଆକାଶ' କବିତା ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର, ୨୭।୨ (ବ୍ୟୁରୋ):** ଭୁବନେଶ୍ୱରର ବୁଦ୍ଧ ମନ୍ଦିର ପରିସରରେ କବୟିତ୍ରୀ ପଦ୍ମାଳୟା ସାମଲଙ୍କ ପ୍ରଥମ କବିତା ସଂକଳନ 'ଆଖିରେ ଆକାଶ' ରବିବାର ଉନ୍ମୋଚିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ, ବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ବୈଷ୍ଣବ ଚରଣ ସାମଲ, ସମ୍ମାନିତ ଅତିଥି ଭାବେ କବି ପ୍ରଦୀପ କୁମାର ବିଶ୍ୱାଳ ଯୋଗ ଦେଇଥିଲେ। ପ୍ରାଧ୍ୟାପକ ନୂତନ ରଞ୍ଜନ ମହାନ୍ତି ଏବଂ ପ୍ରାଧ୍ୟାପକ ରୁଦ୍ର ନାରାୟଣ ମହାପାତ୍ର ପୁସ୍ତକର ସମୀକ୍ଷା କରିଥିଲେ। ଡ. ମଲ୍ଲିକ ତାଙ୍କ ବକ୍ତବ୍ୟରେ କହିଲେ, କବିତାରେ କେହି ବଡ଼ ବା ସାନ ନ ଥାନ୍ତି, କେତେବେଳେ କେଉଁ ଭାବଯୁକ୍ତ ଶବ୍ଦଟି ଚମତ୍କାର ଭାବେ କାହା କଲମରୁ ଉତୁରି ଆସିବ କେହି ଜାଣିନାହିଁ ସେଥିପାଇଁ ତ କବି ସର୍ବଦା ଶବ୍ଦ ସନ୍ଧାନରେ ଥାଏ। ସେମିତି ମନକୁ ଛୁଇଁଗଲାଭଳି ଶବ୍ଦ ସଂଯୋଜନା 'ଆଖିରେ ଆକାଶ' କବିତା ଗ୍ରନ୍ଥରେ ସନ୍ନିବେଶିତ ହୋଇଛି। ସଂକଳନଟି ପାଠକୀୟତା ଲାଭ କରିବ ବୋଲି ଆଲୋଚକ ମତ ରଖିଥିଲେ। ଉକ୍ତ ସଭାରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉପାଧ୍ୟକ୍ଷ ପ୍ରଫେସର ତୁଷାରକାନ୍ତି ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ଶୁଭ୍ରାଂଶୁ ବେହେରା ମଞ୍ଚ ପରିଚାଳନା କରିଥିଲେ। କଥାକାର ଡ. ଯଶୋବନ୍ତ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# କୋଭିଡ୍ କଟକଣାରେ ହେବ ସାଂସ୍କୃତିକ କାର୍ଯ୍ୟକ୍ରମ

## ମହାଶିବରାତ୍ରି ପ୍ରସ୍ତୁତି

- ଏକାମ୍ର ସାଂସ୍କୃତିକ ପ୍ରକାଶନୀର ୩୩ତମ ଭଜନ ସମାରୋହ
- ବ୍ରହ୍ମେଶ୍ୱର ମନ୍ଦିରରେ ବସନ୍ତ ପାତ୍ର ଟ୍ରୁପ୍‌ର ଭଜନ ପରିବେଷଣ

**ଭୁବନେଶ୍ୱର, ୨୭।୨ (ବ୍ୟୁରୋ)**

ମହାଶିବରାତ୍ରି ପାଇଁ ଭୁବନେଶ୍ୱରର ବିଭିନ୍ନ ମନ୍ଦିରରେ ସାଜସଜା ଓ ପୂଜାନୀତି ପାଇଁ ପ୍ରସ୍ତୁତି ଚାଲିଛି। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ କେତେକ ଅନୁଷ୍ଠାନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ଏଥର ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରି ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ କଟକଣା ମଧ୍ୟରେ ଭଜନ ସମାରୋହ ସହ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ଏ ସଂକ୍ରାନ୍ତରେ ରବିବାର ଲିଙ୍ଗରାଜ ଲାଇବ୍ରେରୀ ହଲ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସଭାପତି ସୁରେଶ କୁମାର ରାଉତରାୟ ଓ ସମ୍ପାଦକ ସନତ ମିଶ୍ର ସୂଚନା ଦେଇ କହିଛନ୍ତି, ଏହି ଜାତୀୟସ୍ତରୀୟ ଭଜନ ସମାରୋହ ଚଳିତ ବର୍ଷ ୩୩ ବର୍ଷ ପାଳନ କରିବ। ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଅନୁଷ୍ଠାନ ପକ୍ଷରୁ ଉଦ୍ୟମ କରାଯାଇଛି। ମୁମ୍ବାଇର ଖ୍ୟାତନାମା କଣ୍ଠଶିଳ୍ପୀ କବିତା କ୍ରିଷ୍ଣାମୂର୍ତ୍ତି ଓ ଅନୁରାଧା ପଡ଼ୱାଲଙ୍କ ସମେତ ସଙ୍ଗୀତ ନିର୍ଦ୍ଦେଶକ ମନ୍ମଥ ମିଶ୍ରଙ୍କ ନିର୍ଦ୍ଦେଶନାରେ ଓଡ଼ିଶାର ବହୁ କଣ୍ଠଶିଳ୍ପୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେବେ। ଉକ୍ତ ଦିନ ଭୋର୍ ୪ଟାରୁ ଶଙ୍ଖଧ୍ୱନି, ବେଦପାଠ, ଶିବ ସହସ୍ରନାମ, ଭାଗବତ ଓ ଗୀତା ପାଠ, ଶିବ ଚେତନା, ହରି ଭଜନ, ରାମଚରିତ ପାରାୟଣ, ପ୍ରବଚନ ଆଦି କାର୍ଯ୍ୟକ୍ରମ ରହିଛି ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ସେହିପରି ବ୍ରହ୍ମେଶ୍ୱର ମନ୍ଦିରରେ କୋଭିଡ୍ ସଂକ୍ରମଣକୁ ଆଖି ଆଗରେ ରଖି କେବଳ ମହାଦୀପ ଉଠିବା ପର୍ଯ୍ୟନ୍ତ ବସନ୍ତ ପାତ୍ର ଟ୍ରୁପ ଦ୍ୱାରା ଭଜନ କାର୍ଯ୍ୟକ୍ରମ କରାଯିବ। ଏ ନେଇ ମନ୍ଦିର ଟ୍ରଷ୍ଟ ବୋର୍ଡ ସଦସ୍ୟ ପୁଷ୍ପା ଦାସ କହିଛନ୍ତି।

ସୂଚନାଯୋଗ୍ୟ, ଭିଡ଼ ଓ ସଂକ୍ରମଣ ଏଡାଇବା ପାଇଁ ଶୁକ୍ରବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଗାଇଡ୍‌ଲାଇନ୍ ମଧ୍ୟ ଜାରି କରାଯାଇଛି। ଲିଙ୍ଗରାଜ ମନ୍ଦିରରେ ସାହାଣମେଳା ଓ ଗର୍ଭଗୃହ ଦର୍ଶନ ସହ ପୂଜା ଓ ଭୋଗଲାଗିକୁ ବାରଣ କରାଯାଇଛି। ଶ୍ରଦ୍ଧାଳୁମାନେ ସିଂହଦ୍ୱାରଠାରୁ ଆଡ଼କାଠ ମଧ୍ୟରେ ପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନ କରି ପାରିବେ। ଉଭୟ ସେବାୟତ ଓ ଭକ୍ତ କୋଭିଡର ସମସ୍ତ ନିୟମ ଯଥା, ସାମାଜିକ ଦୂରତା, ମାସ୍କ ପିନ୍ଧିବାକୁ ପରାମର୍ଶ ଦିଆଯାଇଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅନୁରାଗ



@ ହରିସ୍



@ ନୀଳାକ୍ଷୀ



@ ତାପସ



@ ମନୋରଞ୍ଜନ



@ ସତ୍ୟବ୍ରତ

# ମନୋଜ ଦାସଙ୍କ ରଚନା ଓଡ଼ିଆ ସାହିତ୍ୟର ସର୍ବଶ୍ରେଷ୍ଠ ଉପଲବ୍ଧି

**ଭୁବନେଶ୍ୱର, ୨୭।୨ (ବ୍ୟୁରୋ)**

ବିଶିଷ୍ଟ ଲେଖକ ମନୋଜ ଦାସଙ୍କ ଜନ୍ମଦିନ ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀର ତ୍ରୈମାସିକ ମୁଖପାତ୍ର 'କୋଣାର୍କ'ର ୨୦୩ତମ ବିଶେଷ ସଂଖ୍ୟା ଉନ୍ମୋଚିତ ହୋଇଯାଇଛି। ରବିବାର ଏକାଡେମୀ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକ, ଉପସଭାପତି ସଂଗ୍ରାମ ଜେନା ଏବଂ ସଚିବ ପ୍ରବୋଧ କୁମାର ରାଉତ ଉପସ୍ଥିତ ଥିଲେ। ଆମ ସଂସ୍କୃତିର ମୂଳ ଆଧାରକୁ ଭିତ୍ତିକରି ମନୋଜ ଦାସଙ୍କ ରଚନା ବିଶ୍ୱସ୍ତରରେ ସମଗ୍ର ଓଡ଼ିଆ ସାହିତ୍ୟର ସର୍ବଶ୍ରେଷ୍ଠ ଉପଲବ୍ଧି ବୋଲି ସଭାରେ ଉପସ୍ଥିତ ଅତିଥିମାନେ କହିଥିଲେ। ସୁଦୃଶ୍ୟ ରଙ୍ଗିନ ପ୍ରଚ୍ଛଦ ସହ ୩୬୪ ପୃଷ୍ଠାର ଏହି ବିଶେଷ ସଂଖ୍ୟାରେ ଅନୁଗାମୀ ଓ ବିଭିନ୍ନ ପ୍ରତିଷ୍ଠିତ ଆଲୋଚକଙ୍କ ଦ୍ୱାରା ମନୋଜଙ୍କ ବ୍ୟକ୍ତିଗତ ଓ ସାରସ୍ୱତ ଜୀବନ ସ୍ମୃତିଚାରଣ ସହ ତାଙ୍କର କୃତିତ୍ୱର ବିଶ୍ଳେଷଣ କରାଯାଇଛି।



ଭୁବନେଶ୍ୱର ବୁଦ୍ଧ ମନ୍ଦିରଠାରେ ରବିବାର କବି ପଦ୍ମାଳୟା ସାମଲଙ୍କ ପ୍ରଥମ କବିତା ସଙ୍କଳନ 'ଆଖିରେ ଆକାଶ'କୁ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ହୃଷୀକେଶ ମଲ୍ଲିକ ଓ ଅନ୍ୟମାନେ ଉନ୍ମୋଚନ କରୁଛନ୍ତି।



ମହାଶିବରାତ୍ରିରେ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିର ସମ୍ମୁଖରେ ତିଆରି ହୋଇଥିବା ବ୍ୟାରିକେଡ୍।



ଆଚାର୍ଯ୍ୟ ହରିହରଙ୍କ ୧୪୪ତମ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ରବିବାର ଭୁବନେଶ୍ୱର ଆଚାର୍ଯ୍ୟ ବିହାରସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

# ଜାନୁୟାରୀରେ ୧.୮୮ କୋଟିରୁ ଊର୍ଦ୍ଧ୍ୱ ଜରିମାନା

ଭୁବନେଶ୍ୱର,୨୭।୨(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରର ପରିସୀମା ସହ ଜନସଂଖ୍ୟା ବଢ଼ି ଚାଲିଛି। ସେହି ଅନୁପାତରେ ଗାଡ଼ିମୋଟର ସଂଖ୍ୟା ମଧ୍ୟ ଢେର ବଢ଼ିଛି। ତେବେ ସ୍ମାର୍ଟସିଟିରେ ସୁରକ୍ଷିତ ଯାତ୍ରା ପାଇଁ କମିଶନରେଟ ପୋଲିସ ଗୁରୁତ୍ୱ ଦେବା ସହ ରହିଥିବା ନିୟମକୁ କଡାକଡି କରୁଛି। ଓଡ଼ିଶା ମୋଟର ଯାନ ଆଇନ ଓ ସହରାଞ୍ଚଳ ପୋଲିସ ଆଇନ ଅନୁଯାୟୀ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ ସହ ଗିରଫ ମଧ୍ୟ କରାଯାଉଛି। ଏପରିକି ଲୋକଙ୍କୁ ସଚେତନତା କରାଯାଉଥିଲେ ମଧ୍ୟ ଲୋକେ ବାରମ୍ବାର ନିୟମ ଉଲ୍ଲଂଘନ କରୁଛନ୍ତି। ନିୟମ ଉଲ୍ଲଂଘନ ବଢୁଥିବାରୁ ଜରିମାନା ଆଦାୟ ବି ବଢ଼ି ଚାଲିଛି।

ମିଳିଥିବା ରିପୋର୍ଟ ଅନୁଯାୟୀ, ଗତ ଡିସେମ୍ବରରେ ଓଡ଼ିଶା ମୋଟର ଯାନ ଆଇନ ଓ ସହରାଞ୍ଚଳ ପୋଲିସ ଆଇନ ଅନୁଯାୟୀ ମୋଟ ୧୭ ହଜାର ୮୪୨ଜଣ ଉଲ୍ଲଂଘନକାରୀଙ୍କୁ ଚାଲାଣ କଟାଯାଇଥିଲା। ସେମାନଙ୍କଠାରୁ ୧ କୋଟି ୭୦ ଲକ୍ଷ ୨ ହଜାର ୧୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ତେବେ ଜାନୁୟାରୀ ମାସରେ ୨୦ ହଜାର ୧୦୭ଜଣ ନିୟମ ଉଲ୍ଲଂଘନ କରିଥିବାବେଳେ ମୋଟ ୧ କୋଟି ୮୮ ଲକ୍ଷ ୪୭ ହଜାର ୬୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି ଓ ଆଉ କିଛି ଜରିମାନା ପେଣ୍ଡିଙ୍ଗ୍ ରହିଛି। ହେଲମେଟ୍ ନ ପିନ୍ଧି ୧୫ ହଜାର ୯୫୪ଜଣ, ସିଟ୍ ବେଲ୍ଟ ନ ପିନ୍ଧି ୪୭୭ ଜଣ, ଟ୍ରାଫିକ୍ କର୍ମଚାରୀଙ୍କ ସହ ଯୁକ୍ତିତର୍କ କରି ୧୫ଜଣ, ବାଇକରେ ୩ ଜଣଙ୍କୁ ବସାଇ ୩୮୨ ଜଣ, ମୋବାଇଲ ଫୋନ୍ ବ୍ୟବହାର କରି ୭୯ଜଣ, ଦ୍ରୁତଗତିରେ ଗାଡ଼ି ଚଳାଇ ୧୫୮ଜଣ, ଜେନେରାଲ ଅଫେନ୍ସରେ ୧ ହଜାର ୯୮୯ ଜଣ, ସାଇଲେନ୍ସର ଦ୍ୱାରା ଉଚ୍ଚ ଶବ୍ଦ ପାଇଁ ୧୧୮ଜଣ, ଓ ଗାଡିରେ କଳାକାଚ ପାଇଁ ୩ ଜଣଙ୍କଠାରୁ ଏହି ଚାଲାଣ କଟାଯାଇଛି। ସେହିପରି ସହରାଞ୍ଚଳ ପୋଲିସ ଆଇନ ଅନୁଯାୟୀ ହେଲମେଟ୍ ନ ପିନ୍ଧି ୧୧ ଜଣ, ରଙ୍ଗ ସାଇଡ୍‌ରେ ଗାଡ଼ି ନେଇ ୧୦ ଜଣ, ବେନିୟମ ପାର୍କିଂ କରି ୧୪୪ ଜଣ, ମୋବାଇଲ ଫୋନ୍ ବ୍ୟବହାର କରି ୨ଜଣ, ଓଭର୍ ଲୋଡ୍ ପାଇଁ ଜଣେ, ନୋ ଏଣ୍ଟ୍ରି ଜୋନ୍‌ରେ ଗାଡ଼ି ନେଇ ୨ଜଣ, ସାମାଜିକ ଦୂରତା ଉଲ୍ଲଂଘନ କରି ୧୭୨ଜଣ ଓ ମାସ୍କ ବ୍ୟବହାର ନ କରିବାରୁ ୫୯୦ଜଣ ଜରିମାନା ଗଣିଛନ୍ତି।

ଅନ୍ୟପକ୍ଷରେ ରାଜଧାନୀର ସମସ୍ତ ଟ୍ରାଫିକ୍ ପୋଷ୍ଟ ନିକଟରେ ପାଦଚଲା ରାସ୍ତାକୁ ଲାଗି ବାମପାର୍ଶ୍ୱ ରାସ୍ତା (ଫ୍ରି-ଲେଫ୍ଟ)ରେ କୌଣସି ଗାଡ଼ି ରହିପାରିବ ନାହିଁ। ଉକ୍ତ ରାସ୍ତା ଜରୁରୀକାଳୀନ ଯାନବାହନ ପାଇଁ ସବୁ ସମୟରେ ଖାଲି ରହିବ। ତେଣୁ ରାଜଧାନୀର ବିଭିନ୍ନ ସ୍ଥାନରେ ପର୍ଯ୍ୟାୟକ୍ରମେ ବାମପାର୍ଶ୍ୱ ରାସ୍ତାକୁ ଖାଲି କରାଯାଇ ସଚେତନ କରାଯାଉଛି। ଆଗକୁ ଏହି ନିୟମ ଉଲ୍ଲଂଘନ କଲେ ଜରିମାନା ନିଆଯିବ ବୋଲି ଟ୍ରାଫିକ୍ ପୋଲିସ ପକ୍ଷରୁ କୁହାଯାଇଛି।

ଭୁବନେଶ୍ୱର ଟ୍ରାଫିକ୍ ଏସିପି ସ୍ୱସ୍ତିକ୍ ପଣ୍ଡା କହିଛନ୍ତି, ସଡ଼କ ଦୁର୍ଘଟଣାକୁ ଦୃଷ୍ଟିରେ ରଖି ଟ୍ରାଫିକ୍ ନିୟମକୁ କଡ଼ାକଡ଼ି କରାଯାଇଛି। ସହରର ଗୁରୁତ୍ୱପୂର୍ଣ୍ଣ ଚେକ୍‌ପୋଷ୍ଟରେ ଏନ୍‌ଫୋର୍ସମେଣ୍ଟ କରାଯାଉଛି। ତେଣୁ ଚାଳକଙ୍କୁ ଟ୍ରାଫିକ୍ ନିୟମ ପାଳନ କରିବାକୁ ଅନୁରୋଧ କରାଯାଉଛି। ନିୟମ ଉଲ୍ଲଂଘନ କଲେ ସମ୍ପୃକ୍ତ ଚାଳକଙ୍କ ଉପରେ ଜରିମାନା ସହ ରହିଥିବା ଅନ୍ୟାନ୍ୟ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥା ସେ କହିଛନ୍ତି।

**ରାଜଧାନୀରେ ଟ୍ରାଫିକ ନିୟମ ଉଲ୍ଲଂଘନ ବଢୁଛି**



- ହେଲମେଟ୍ ନ ପିନ୍ଧି ଧରା ପଡ଼ିଛନ୍ତି ୧୫୯୬୫ଜଣ
- ଯୁକ୍ତିତର୍କ କରିବାରୁ ୧୫ ଜଣଙ୍କୁ କୋର୍ଟଚାଲାଣ
- ଫ୍ରି ଲେଫ୍ଟ ନିୟମ: ଏବେ ସଚେତନତା, ଆଗକୁ ଜରିମାନା

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

ଫୁଲନଖରା, ୨୭।୨(ଡି.ଏନ୍.ଏ.)- କଟକ ସଦର ଥାନା ଅନ୍ତର୍ଗତ ଅଡାଳିଆ ଗ୍ରାମର ଶିବପ୍ରସାଦ ସାହୁ (୩୨) ବେକରେ ଶାଢ଼ୀ ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଶନିବାର ରାତିରେ ସେ ଘରେ ଶୋଇଥିଲେ। ରବିବାର ପରିବାର ଲୋକେ ତାଙ୍କ ଶୋଇବା ଘରର କବାଟ ବାଡେଇଥିଲେ ମଧ ସେ ଖୋଲି ନ ଥିଲେ। ପରେ କବାଟ ଭାଙ୍ଗିବାରୁ ଶିବଙ୍କ ମୃତଦେହ ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ମିଳିଥିଲା। କଟକ ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା(ନଂ.୫/୨୨) ରୁଜୁ ହୋଇଛି।

### ଯୁଦ୍ଧ ବିରୋଧରେ ଆସ୍ଥା ଫାଉଣ୍ଡେଶନ ପକ୍ଷରୁ ବିକ୍ଷୋଭ

ଭୁବନେଶ୍ୱର, ୨୭।୨(ବ୍ୟୁରୋ): ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧକୁ ବିରୋଧ କରି ଆସ୍ଥା ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକଠାରେ ରବିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଂଗଠନ ଅଧ୍ୟକ୍ଷ ଶୁଭକାନ୍ତ ସାମଲ କହିଲେ, ଯୁଦ୍ଧ କୌଣସି ସମସ୍ୟାର ସମାଧାନ ନୁହେଁ। ଦୁଇ ଦେଶର ମୁଖିଆଙ୍କ ମଧ୍ୟରେ ଶାନ୍ତିପୂର୍ଣ୍ଣ ଆଲୋଚନା ମାଧ୍ୟମରେ ସମସ୍ତ ସମସ୍ୟାର ସମାଧାନ ହୋଇପାରିବ। ଯୁଦ୍ଧ କରି ଲକ୍ଷ ଲକ୍ଷ ଲୋକଙ୍କୁ ମୃତ୍ୟୁ ମୁଖକୁ ଓ ସାରା ବିଶ୍ୱକୁ ଆତଙ୍କ ଭିତରକୁ ଠେଲି ନ ଦେବାକୁ ସେ ନିବେଦନ କରିଛନ୍ତି। ଏଥିସହ ଏହି ଅବସରରେ ଟ୍ରଷ୍ଟର କର୍ମକର୍ତ୍ତାମାନେ 'ଯୁଦ୍ଧ ନୁହେଁ ବିଶ୍ୱ ଶାନ୍ତି ଚାହୁଁ, ପ୍ରତିଶୋଧ ନୁହେଁ, ଆମେ ବନ୍ଧୁତ୍ୱ ଚାହୁଁ, ଯୁଦ୍ଧ ବନ୍ଦ, ସମାଧାନର ରାସ୍ତା ଯୁଦ୍ଧ ନୁହେଁ' ଆଦି ସ୍ଲୋଗାନ ଦେଇଥିଲେ।

### 'ଝର୍କା ବାହାରେ ଭାରତ' ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୨୭।୨(ବ୍ୟୁରୋ) - ସାହିତ୍ୟ ପତ୍ରିକା 'କାହାଣୀ' ଆନୁକୂଲ୍ୟରେ କବି ପ୍ରଫେସର ଡ. ଶଶଧର ଦାସଙ୍କ କବିତା ପୁସ୍ତକ 'ଝର୍କା ବାହାରେ ଭାରତ' ରବିବାର ଉନ୍ମୋଚିତ ହୋଇଯାଇଛି। ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କବି ରମାକାନ୍ତ ରଥ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସଂସ୍କୃତି ସଚିବ ମନୋରଞ୍ଜନ ପାଣିଗ୍ରାହୀ ଓ 'କାହାଣୀ'ର ସମ୍ପାଦକ ବିଜୟ ନାୟକ ଏବଂ ମୁଖ୍ୟବକ୍ତା ଭାବେ କଥାକାର ଅଧାପକ ବିଶ୍ୱରଞ୍ଜନ ଯୋଗଦେଇ ଏହାକୁ ଉନ୍ମୋଚନ କରିଥିଲେ। କବି ଡ. ରବି ନାରାୟଣ ସେନାପତି ସଭାପତିତ୍ୱ କରିଥିବାବେଳେ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ପୁସ୍ତକ ସମୀକ୍ଷା କରିଥିଲେ। କବି ଶଶଧର ଦାସଙ୍କ କବିତା ମାନବବାଦର ସ୍ୱର ବହନ କରିଛି। ସାମ୍ପ୍ରତିକ କାଳଖଣ୍ଡର ବହୁ ଚିତ୍ର ଓ ଚରିତ୍ର ତାଙ୍କ କବିତାକୁ ଋଦ୍ଧିମନ୍ତ କରିଛି ବୋଲି ମୁଖ୍ୟଅତିଥି ରଥ କହିଥିଲେ। ସେହିପରି ସମାଲୋଚକ ଡ. ପ୍ରେମାନନ୍ଦ ମହାପାତ୍ର ପୁସ୍ତକରେ ସ୍ଥାନିତ କବିତାଗୁଡ଼ିକର ସମୀକ୍ଷା କରି କହିଲେ, କବିଙ୍କ ଦୃଷ୍ଟିରେ ଭାରତ ଓ ଭାରତୀୟ ଗାଁର ସାମ୍ପ୍ରତିକ ମାନଚିତ୍ର ପ୍ରମୁଖ ସ୍ଥାନ ଗ୍ରହଣ କରିଛି। ଗାଁର ଉଜୁଡା ଚିତ୍ର ଓ ଭାରତର ବିକୃତ ଚିତ୍ର କବି ପ୍ରାଣକୁ ବ୍ୟଥିତ କରିଛି। ବ୍ଲାକ୍ ଇଗଲ ବୁକସ୍ ତରଫରୁ ଅଶୋକ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ସାହିତ୍ୟିକ ଦେବାଶିଷ ମହାପାତ୍ର ମଞ୍ଚ ପରିଚାଳନା ଓ ଯୁବ ସାହିତ୍ୟିକ ଅମିତାଭ ଖୁଣ୍ଟିଆର ସଞ୍ଚାଳନ କରିଥିଲେ।

## ରାସ୍ତାରେ ହାତୀ, ଲୋକେ ଭୟଭୀତ



ନିରାକାରପୁର,୨୭।୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ସନ୍ଧ୍ୟା ହେଲେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଗାଁ ଓ ସହରମୁହାଁ ହେଉଛନ୍ତି। ଲୋକଙ୍କ ବାରି ଓ କ୍ଷେତରେ ପଶି ଫସଲ ଖାଇବା ସହ ଦଳଚକଟି ନଷ୍ଟ କରୁଛନ୍ତି। ଅନେକ ସମୟରେ ହାତୀ ଆକ୍ରମଣରେ ଲୋକଙ୍କ ଜୀବନ ଯାଉଥିବା ନଜିର ରହିଛି। ରବିବାର ଅପରାହ୍ନ ପ୍ରାୟ ୧ଟା ୩୦ରେ ଗୋଟିଏ ହାତୀ ଏହି ବନାଞ୍ଚଳ ଅନ୍ତର୍ଗତ ଗୋଳବାଇ ମୁଖ୍ୟ ରାସ୍ତାରେ ବୁଲୁଥିବା ଦେଖିବାକୁ ମିଳିଛି। ଏହି ରାସ୍ତରେ ଯାଉଥିବା ଲୋକେ ହାତୀକୁ ଦେଖି ଭୟଭୀତ ହେବା ସହ ଫେରିଯାଇଥିଲେ। କିଛି ସମୟ ପରେ ହାତୀ ନିକଟରେ ଥିବା ଜଙ୍ଗଲକୁ ପଳାଇଥିଲା। ଏ ସମ୍ପର୍କରେ ଭୂଷଣ୍ଡପୁର ଫରେଷ୍ଟର ରାକେଶ ପଣ୍ଡା କହିଛନ୍ତି, ଏହି ହାତୀ ଦିନରେ ଗୋଳବାଇରେ ରହିଥବା ବେଳ ରାତିରେ ଖଜୁରିପଡ଼ା ଜଙ୍ଗଲରେ ରହିଛି।





ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧକୁ ବିରୋଧ କରି ଆସ୍ଥା ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକଠାରେ ରବିବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ସୁନ୍ଦରଗଡ଼ରେ ଜାତୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଉ

ଭୁବନେଶ୍ୱର,୨୭।୨(ବ୍ୟୁରୋ)

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ ପେଶାରେ ଥିଲେ ଜଣେ କୃଷକ। ତୃଣମୂଳସ୍ତରରୁ ଆରମ୍ଭ କରି ରାଜ୍ୟର ସର୍ବୋଚ୍ଚ ପଦରେ ପହଞ୍ଚି ପାରିଥିଲେ ସେ। ଆଦିବାସୀ ମୁଖ୍ୟମନ୍ତ୍ରୀ ଭାବେ ହେମାନନ୍ଦ ଆଦିବାସୀ, ଦଳିତ, ପଛୁଆ ଶ୍ରେଣୀ ଓ କୃଷକ ତଥା ଗରିବ ମଣିଷଙ୍କ ପାଇଁ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବାକୁ ଜୀବନର ଶେଷ ପର୍ଯ୍ୟନ୍ତ ସଂଗ୍ରାମ କରିଥିଲେ। ସେ ସୁନ୍ଦରଗଡ଼ରେ ଲୋକ ସଭା ସଦସ୍ୟ ଥିବା ବେଳେ ସେଠାରେ ଜାତୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ଆପ୍ରାଣ ଉଦ୍ୟମ କରିଥିଲେ। ତେଣୁ ସୁନ୍ଦରଗଡ଼ରେ ଏହି ବିଶ୍ୱବିଦ୍ୟାଳୟର ଆଞ୍ଚଳିକ ଶାଖା ପ୍ରତିଷ୍ଠା କରାଗଲେ ତାଙ୍କ ପାଇଁ ଏହା ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ଉତ୍କଳ ବିକାଶ ଯୁବ ପରିଷଦ ପକ୍ଷରୁ ମତବ୍ୟକ୍ତ କରାଯାଇଛି। ଶୁକ୍ରବାର ହେମାନନ୍ଦ ବିଶ୍ୱାଳଙ୍କ ପରଲୋକ ଘଟିଥିବାବେଳେ ରବିବାର ପରିଷଦ କାର୍ଯ୍ୟାଳୟଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଦେବୀ ପ୍ରସାଦ ପୃଷ୍ଟି, ଅରୁଣ ଜେନା, ମନୋରଞ୍ଜନ ନାୟକ ଓ ସୋମା କର୍ମକାର ପ୍ରମୁଖ ଉପସ୍ଥିତ ଥିଲେ।

# ୟୁକ୍ରେନ୍‌ରୁ ଫେରିଲେ ଓଡ଼ିଆ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ

ଭୁବନେଶ୍ୱର, ୨୭।୨ (ବ୍ୟୁରୋ)

ଯୁଦ୍ଧଗ୍ରସ୍ତ ୟୁକ୍ରେନ୍‌ରୁ ଘରମୁହାଁ ହେଉଛନ୍ତି ଭାରତୀୟ। 'ଅପରେଶନ ଗଙ୍ଗା' ମାଧ୍ୟମରେ ଭାରତ ସରକାର ନିଜ ନାଗରିକଙ୍କୁ ସୁରକ୍ଷିତ ଭାବେ ସ୍ୱଦେଶ ଫେରାଇ ଆଣୁଛନ୍ତି। ରବିବାର ସକାଳେ କେତେଜଣ ଓଡ଼ିଆ ଛାତ୍ରୀଛାତ୍ର ଓ ପରିବାର ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଛନ୍ତି। ନିଜ ମାଟିକୁ ଫେରିବା ପରେ ସେମାନେ ବେଶ୍ ଖୁସି ଅନୁଭବ କରିବା ସହ ସେଠାକାର ସ୍ଥିତି ସମ୍ପର୍କରେ ବଖାଣିଛନ୍ତି। ଯୁଦ୍ଧ ଯୋଗୁ ସେଠାକାର ସ୍ଥିତି ଅତ୍ୟନ୍ତ ଖରାପ ହେବାରେ ଲାଗିଛି। ପ୍ରତି ମୁହୂର୍ତ୍ତରେ ବୋମା ପଡୁଥିବା ସେମାନେ କହିଛନ୍ତି। 'ଆମେ ଭାଗ୍ୟବାନ ଯେ ସେଠାରୁ ସୁରକ୍ଷିତ ଆସିପାରିଛୁ। ପୂର୍ବରୁ ବି ଏପରି ଯୁଦ୍ଧ ହେବା ନେଇ ଖବର ପ୍ରକାଶିତ ହୋଇଥିଲା। କିନ୍ତୁ ପରେ ସେପରି କିଛି ହୋଇ ନ ଥିଲା। ତେଣୁ ଏଥର ମଧ୍ୟ ସେପରି ହେବ ବୋଲି ଅନେକଙ୍କ ଧାରଣା ଥିଲା। ମାତ୍ର ବାସ୍ତବରେ ଯୁଦ୍ଧ ହୋଇଗଲା। ତେବେ ସେଠାରେ ଫସିଥିବା ଅନ୍ୟ ସହପାଠୀଙ୍କ ପାଇଁ ଚିନ୍ତା ଲାଗୁଥିବା କେତେଜଣ ଛାତ୍ରୀଛାତ୍ର କହିଛନ୍ତି। ସେହିପରି ଅନ୍ୟ ଜଣେ ମହିଳା କହିଛନ୍ତି, ମୁଁ ସେଠାରେ ଆଇବି ସ୍କୁଲରେ ଶିକ୍ଷୟିତ୍ରୀ ଭାବେ କାମ କରୁଛି। ମୋ ସହିତ ଅନ୍ୟ ଦେଶର ଶିକ୍ଷୟିତ୍ରୀଶିକ୍ଷକ ମଧ୍ୟ ସେଠାରେ ପାଠ ପଢ଼ାଉଥିଲେ। ଯୁଦ୍ଧ ସ୍ପଷ୍ଟ ହେବା ପରେ ମୁଁ ଏବଂ ଅନ୍ୟମାନେ ୟୁକ୍ରେନ୍ ଛାଡି ଚାଲି ଆସିଥିଲୁ। ଆମେ ଆସିବା ପରେ ହିଁ ଯୁଦ୍ଧ ଆରମ୍ଭ ହୋଇଗଲା। ଆକ୍ରମଣକାରୀ ଦେଶ ରୁଷିଆ ୟୁକ୍ରେନ୍‌ର ଉତ୍ତର ପଟ ସମ୍ପୂର୍ଣ୍ଣ ଦଖଲ କରି ସାରିଛି। ତେଣୁ ଭାରତୀୟ ଛାତ୍ରୀଛାତ୍ରଙ୍କୁ ଦକ୍ଷିଣପଟ ଦେଇ ଉଦ୍ଧାର କରାଯାଉଥିବା ସେ କହିଛନ୍ତି।

# କଟକ ଜିଲାରେ ବିଦ୍ୟୁତ୍ ବିତରଣ ବ୍ୟବସ୍ଥାର ସୁଦୃଢ଼ୀକରଣ



କଟକ,୨୭।୨

ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ପୁରୁଣା ବିଦ୍ୟୁତ୍ ବିତରଣ ଭିତ୍ତିଭୂମିର ଉନ୍ନତୀକରଣ ଓ ସେଥିରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱାରୋପ କରାଯାଉଛି। ନିକଟରେ କମ୍ପାନୀ ପକ୍ଷରୁ କଟକ ଜିଲାରେ ଏଭଳି ଅନେକ କାର୍ଯ୍ୟ ହାତକୁ ନିଆଯାଇଛି। ଟିପିସିଓଡିଏଲ୍‌ର କଟକ ବିଦ୍ୟୁତ ସର୍କଲ୍ ଅଞ୍ଚଳରେ ନିରବଚ୍ଛିନ୍ନ ଓ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣକୁ ନିଶ୍ଚିତ କରିବା ଲାଗି ଏହା ଅଧୀନରେ ଥିବା ୫ଟି ଡିଭିଜନର କମ୍ ଉଚ୍ଚତା ବିଶିଷ୍ଟ, ପୁରୁଣା ଓ ତ୍ରୁଟିପୂର୍ଣ୍ଣ ବିଦ୍ୟୁତ ଖୁଣ୍ଟକୁ ବଦଳାଇ ୬୦୦୦ରୁ ଅଧିକ ନୂଆ ବିଦ୍ୟୁତ ଖୁଣ୍ଟ ସ୍ଥାପନ କରାଯାଇଛି। ବିଦ୍ୟୁତ ଯୋଗାଣର ଏକ ସୁରକ୍ଷିତ ନେଟୱର୍କ ନିଶ୍ଚିତ କରିବା ଲାଗି ପ୍ରାୟ ୩୭୦୦ଟି ବଙ୍କା ହୋଇଯାଇଥିବା ଖୁଣ୍ଟକୁ ସିଧା କରାଯାଇଛି ଏବଂ ୫୦୦ରୁ ଅଧିକ ଦ୍ୱୈତ ଖୁଣ୍ଟ ଡାଞ୍ଚା ସ୍ଥାପନ କରାଯାଇଛି। କମ୍ପାନୀ ପକ୍ଷରୁ ୧୬୯ଟି ଫିଡର୍‌ରେ ବ୍ୟାପକ ଧରଣର ବିଦ୍ୟୁତ ନେଟ୍‌ୱର୍କ ସୁଦୃଢ଼ୀକରଣ କରାଯାଇଛି। ଫଳରେ ସହରୀ ବିତରଣ ଡିଭିଜନ୍ ୨ଅଧୀନରେ ଥିବା ୧୧କେଭି ପରମହଂସ ଫିଡର୍ ଭଳି ଦୀର୍ଘ ସମୟ ଧରି ଟ୍ରିପିଂ (ବିଦ୍ୟୁତ ବିଭ୍ରାଟ) ସମସ୍ୟା ଦେଇ ଗତି କରୁଥିବା ଅଞ୍ଚଳର ଗ୍ରାହକଙ୍କୁ ଉତ୍ତମ ସେବା ପ୍ରଦାନ କରାଯାଉଛି। ସେହିପରି ବିଭିନ୍ନ ଡିଭିଜନ୍ ଅଧୀନରେ ଥିବା ନହଲପୁର, ରାମକୁମାରପୁର ଓ ଆୟାଦପୁର ଫିଡର ଅଞ୍ଚଳରେ ଜଳସେଚନ ଓ କୃଷି କାର୍ଯ୍ୟ ପାଇଁ ବଡ଼ ଧରଣର ଉପଯୁକ୍ତ ବିଦ୍ୟୁତ ଯୋଗାଣ କରିବାରେ ସହାୟକ ହୋଇପାରିଛି। ଟିପିସିଓଡିଏଲ୍‌ର ୯୬ ବିତରଣ ସବଷ୍ଟେଶନକୁ ମରାମତି କରାଯାଇଛି। ଏହି ସର୍କଲର ବିଭିନ୍ନ ସ୍ଥାନରେ ୬୭ ନୂଆ ୧୧ କେଭି ଏବି ସ୍ୱିଚ୍ ସ୍ଥାପନ କରାଯାଇଛି। ଟିପିସିଓଡିଏଲ୍‌ରେ ଲୋକମାନଙ୍କ ସୁରକ୍ଷାକୁ ପ୍ରାଥମିକତା ସହ ବିଚାର କରାଯାଏ। ଖୋଲା ବିଦ୍ୟୁତ ବ୍ୟବସ୍ଥା ଯଥା ଟ୍ରାନ୍ସଫରମର ଷ୍ଟେଶନ ଆଦି ଯୋଗୁ ଲୋକ ଓ ବୁଲା ପଶୁଙ୍କ ସହିତ ଘଟୁଥିବା ଦୁର୍ଘଟଣାକୁ ଏଡ଼ାଇବା ଲାଗି କମ୍ପାନୀ ପକ୍ଷରୁ ୨୪୦ଟି ସ୍ଥାନରେ ବାଡ଼ ଦେବା କାର୍ଯ୍ୟ କରାଯାଇଛି।

# ସପ୍ତମ ବେତନ ଲାଗୁ ଦାବି ତେଜିଲା

**୨୦୧୮ ବେସରକାରୀ କଲେଜ ଅଧ୍ୟାପକ ଓ କର୍ମଚାରୀ ସଂଘ ବୈଠକ**

ଭୁବନେଶ୍ୱର, ୨୭।୨(ବ୍ୟୁରୋ)

୨୦୧୮ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟ ଅଧ୍ୟାପକ ଓ କର୍ମଚାରୀ ସଂଘର ଏକ ରାଜ୍ୟସ୍ତରୀୟ ବୈଠକ ରାଜ୍ୟ ସଭାପତି ଅଧ୍ୟାପକ ସଲିଳ ରାଜନନ୍ଦନ ମହାନ୍ତିଙ୍କ ସଭାପତିତ୍ୱରେ ରବିବାର ଲୋହିଆ ଏକାଡେମୀଠାରେ ଅନୁଷ୍ଠିତ ହୋଇଯାଇଛି। ୨୦୧୮ ଅନୁଦାନ ଅଧୀନ ସମସ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ତୁରନ୍ତ ସପ୍ତମ ବେତନ ଲାଗୁ କରିବା ପାଇଁ ଦାବି ଉପସ୍ଥାପନ କରାଯିବା ସହ ଆଗାମୀ ଦିନରେ ଦାବି ପୂରଣ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଛି। ସଂଘର କହିବାନୁସାରେ, ୨୦୧୭ରେ ବ୍ଲକ ଗ୍ରାଣ୍ଟ ଉଚ୍ଛେଦ ସମୟରେ ତ୍ରୁଟିପୂର୍ଣ୍ଣ ଭାବେ ବଞ୍ଚିତ ହୋଇଥିବା ଅଧ୍ୟାପକ ଓ କର୍ମଚାରୀଙ୍କ ପାଇଁ ୨୦୧୮ରେ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ଅନୁଦାନ ନିର୍ଦ୍ଦେଶନାମା ଘୋଷଣା କରିଥିଲେ। ସେଥିରେ ଉଲ୍ଲେଖ ଥିଲା ଯେ, ୨୦୧୭ ଅନୁଦାନ ଅଧୀନ ଅଧ୍ୟାପକ ଓ କର୍ମଚାରୀଙ୍କ ପାଇଁ ଯେତେବେଳେ ଦରମା ବୃଦ୍ଧି ନିଷ୍ପତ୍ତି ନିଆଯିବ ତାହାର ଆନୁପାତିକ ହାରରେ ୨୦୧୮ ଅନୁଦାନପ୍ରାପ୍ତ ବର୍ଗ ପାଇଁ ଲାଗୁ ହେବ। କିନ୍ତୁ ବହୁ ଆନ୍ଦୋଳନ ଓ ଆଲୋଚନା ପରେ ରାଜ୍ୟ ସରକାର କ୍ୟାବିନେଟରେ ଗତବର୍ଷ ଡିସେମ୍ବର ୩୧ରେ ଏକ ନିଷ୍ପତ୍ତି ନେଲେ। ସେହିଦିନ ପର୍ଯ୍ୟନ୍ତ ଶତ ପ୍ରତିଶତ ଦରମା ପାଉଥିବା ଅଧ୍ୟାପକ ଓ କର୍ମଚାରୀମାନେ ସପ୍ତମ ବେତନ ପାଇବେ ବୋଲି ନିଷ୍ପତ୍ତି ନିଆଗଲା। କିନ୍ତୁ ୨୦୧୮ ଅନୁଦାନପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀମାନେ ୨୦୨୨ ଜାନୁୟାରୀ ୧ରେ ଶତ ପ୍ରତିଶତ ଦରମା ପାଇବା ପାଇଁ ଯୋଗ୍ୟ ହୋଇଥିଲେ ସୁଦ୍ଧା ୬ ଘଣ୍ଟା ଅନ୍ତର ପାଇଁ ସପ୍ତମ ବେତନ ପାଇବାରୁ ବଞ୍ଚିତ ହୋଇଛନ୍ତି। ତେଣୁ ସରକାର ତୁରନ୍ତ ତ୍ରୁଟିପୂର୍ଣ୍ଣ ସପ୍ତମ ବେତନ ଘୋଷଣା ସଂଶୋଧନ କରିବା ପାଇଁ ସାରା ରାଜ୍ୟରୁ ବୈଠକରେ ଯୋଗଦେଇଥିବା ଅଧ୍ୟାପକ ଓ କର୍ମଚାରୀ ପ୍ରତିନିଧିମାନେ ଦାବି କରିଛନ୍ତି। ସଂଘ ତରଫରୁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ ଶାସନ ସଚିବଙ୍କୁ ଏ ସମ୍ବନ୍ଧରେ ଅବଗତ କରାଯିବ। ସଂଘର ସାଧାରଣ ସମ୍ପାଦକ ଶିବ କୁମାର ରାଉତ, ଉପସଭାପତି ଅନିଲ ଦେବତା ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ଦାବି ହାସଲ ପାଇଁ ସରକାରଙ୍କ ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ ବୋଲି କହିଛନ୍ତି।

# ପୌର ନିର୍ବାଚନ ବିଜ୍ଞପ୍ତିକୁ ଚଞ୍ଚକତାପୂର୍ଣ୍ଣ କହିଲା ସିପିଆଇ(ଏମ୍)

ଭୁବନେଶ୍ୱର,୨୭।୨(ବ୍ୟୁରୋ)

ପଞ୍ଚାୟତ ନିର୍ବାଚନର ଗଣତି ଚାଲିଥିବାବେଳେ ହଠାତ୍ ପୌର ନିର୍ବାଚନ ଘୋଷଣା ପରମ୍ପରା ବିରୋଧୀ ବୋଲି ସିପିଆଇ(ଏମ) ପକ୍ଷରୁ କୁହାଯାଇଛି। ପାର୍ଟି ପକ୍ଷରୁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ନିରପେକ୍ଷତା ପ୍ରତି ପ୍ରଶ୍ନ ଉଠାଯିବା ସହ ଏହି ନିଷ୍ପତ୍ତି ଶାସକ ଦଳକୁ ହିଁ ସୁହାଇଲା ବୋଲି ଅଭିଯୋଗ କରାଯାଇଛି। ସିପିଆଇ(ଏମ) ଓଡ଼ିଶା ରାଜ୍ୟ ସମ୍ପାଦକ ମଣ୍ଡଳୀର ଅନୁଷ୍ଠିତ ବୈଠକରେ ଏହାର ତୀବ୍ର ନିନ୍ଦା କରାଯାଇଛି। ରବିବାର ସିପିଆଇ(ଏମ) କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାଜ୍ୟ କମିଟି ସମ୍ପାଦକ ଅଳିକିଶୋର ପଟ୍ଟନାୟକ କହିଛନ୍ତି, ସରକାରଙ୍କ ପ୍ରରୋଚନାରେ ରାଜ୍ୟ ନିର୍ବାଚନ ଆୟୋଗ ପୌର ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ କରିବା ଚଞ୍ଚକତାପୂର୍ଣ୍ଣ। ଗତ ୩ ବର୍ଷ ଧରି ପୌର ନିର୍ବାଚନ ନ କରାଇବା ଯେପରି ଅଗଣତାନ୍ତ୍ରିକ, ବର୍ତ୍ତମାନ ବିରୋଧୀଦଳଗୁଡ଼ିକୁ ବିଶ୍ୱାସକୁ ନ ନେଇ ହଠାତ୍ ନିର୍ବାଚନ ଘୋଷଣା କରିବା ସେହିପରି ଶଠତାପୂର୍ଣ୍ଣ। ରାଜ୍ୟ ନିର୍ବାଚନ କମିଶନର ଜଣେ ଅବସରପ୍ରାପ୍ତ ସରକାରୀ ଅଫିସର। ରାଜ୍ୟ ସରକାରଙ୍କ ଦ୍ୱାରା ନିୟୋଜିତ। ତଥାପି ଏହି ସଂସ୍ଥା ସରକାରୀ ବିଭାଗ ନୁହେଁ, ଏକ ସାମ୍ବିଧାନିକ ଅନୁଷ୍ଠାନ। ସେହିପରି ପଛୁଆବର୍ଗ ପ୍ରାର୍ଥୀଙ୍କ ନିମନ୍ତେ ସଂରକ୍ଷଣ ପାଇଁ ଆଇନରେ ଉଲ୍ଲେଖ ଥିଲେ ମଧ୍ୟ ଏହାକୁ ବାଦ୍ ଦେବା ପଛୁଆବର୍ଗ ଲୋକଙ୍କ ଅଧିକାର ପ୍ରତି ଛୁରାଘାତ ସଦୃଶ ବୋଲି ପଟ୍ଟନାୟକ କହିଛନ୍ତି।





ଡ. ସୁଦର୍ଶନ ଦାସଙ୍କ ପୁସ୍ତକ 'ଝର୍କା ବାହାରେ ଭାରତ'କୁ ଭୁବନେଶ୍ୱର ବୁଦ୍ଧ ମନ୍ଦିରଠାରେ ଅତିଥିମାନେ ଉନ୍ମୋଚନ କରୁଛନ୍ତି।



ଭୁବନେଶ୍ୱର ଭାରତୀୟ ବିଦ୍ୟାଭବନରେ ରବିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ପକ୍ଷୀଘର ପ୍ରକାଶନୀ ଦ୍ୱାରା ପ୍ରକାଶିତ କାର୍ତ୍ତିକ ସ୍ୱାଇଁଙ୍କ ଲିଖିତ 'ଶାରଦା ରଥଙ୍କ ଆତ୍ମଜୀବନୀ' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।





ଭୁବନେଶ୍ୱର ଗୀତଗୋବିନ୍ଦ ସଦନଠାରେ ରବିବାର କଥାକାର ମିହିର କୁମାର ରାୟଙ୍କ ଗ୍ରନ୍ଥ 'ସମ୍ପର୍କର ସେତୁ' ଲୋକାର୍ପଣ ଅବସରରେ ଉପସ୍ଥିତ ଅତିଥିମାନେ।

## ସଂକ୍ଷେପରେ

### ଶିଶୁଙ୍କୁ ଦିଆଗଲା ପୋଲିଓ ବୁନ୍ଦା

**ଖୋର୍ଦ୍ଧା ଅଫିସ,୨୭।୨:** ଖୋର୍ଦ୍ଧା ଜିଲାରେ ରବିବାର ପଲ୍ସ ପୋଲିଓ ବୁନ୍ଦା ପ୍ରଦାନ ଅଭିଯାନ ଆରମ୍ଭ ହୋଇଛି। ରବିବାର ଜିଲା ସଦର ମହକୁମା ଚିକିତ୍ସାଳୟ ପରିସରରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ୬୨୦ଟି ବୁଥ୍‌ରେ ୦-୫ବର୍ଷର ପିଲାଙ୍କୁ ପୋଲିଓ ବୁନ୍ଦା ଦିଆଯାଇଛି। ୨୮ ଓ ୧ ତାରିଖରେ ଘରକୁ ଘର ବୁଲି ପୋଲିଓ ବୁନ୍ଦା ଦିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଆର୍ତ୍ତବନ୍ଧୁ ନାୟକ, ଏଡିଏମ୍‌ଓ (ପରିବାର କଲ୍ୟାଣ) ଡା. ରଘୁନାଥ ନାୟକ, ହସ୍ପିଟାଲ ମ୍ୟାନେଜର ଡା. ବିନାୟକ ପାଣିଗ୍ରାହୀ, ହସ୍ପିଟାଲ ମ୍ୟାନେଜର (ପ୍ରଶାସନ) ସଙ୍ଗୀତା ସ୍ୱାଇଁ, ଡିପିଏମ୍ ପ୍ରକାଶ ବାନାର୍ଜୀ, ଡିପିଏଚଓ ପ୍ରସନ୍ନ କୁମାର ମହାପାତ୍ର, ପ୍ରଦ୍ୟୁମ୍ନ ମିଶ୍ର, କାଦମ୍ବରୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ବାଇକ୍ ଦୁର୍ଘଟଣା: ଜଣେ ଗୁରୁତର

**ବୋଲଗଡ଼,୨୭।୨(ଡି.ଏନ୍.ଏ.):** ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟ ସମ୍ମୁଖ ରାସ୍ତାରେ ରବିବାର ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨ଜଣ ଆହତ ହୋଇଛନ୍ତି। ଆହତଦ୍ୱୟ ହେଲେ ନୟାଗଡ଼ ଜିଲା ଶିଖରପୁର ଅଞ୍ଚଳର ଅଜୟ ମହାରଣା ଓ ଖୁଣ୍ଟୁଣୀ ଅଞ୍ଚଳର ପପୁ ମୁଦୁଲି। ପପୁଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ଏହି ମହାବିଦ୍ୟାଳୟରେ ପଞ୍ଚାୟତ ନିର୍ବାଚନ ଭୋଟ୍‌ଗଣତି ଚାଲିଥିବା ସମୟରେ ଜାତୀୟ ରାଜପଥରେ ଲୋକମାନେ ଛିଡା ହୋଇଥିଲେ। ମଧ୍ୟାହ୍ନରେ ଅଜୟ ଓ ପପୁ ଏକ ବାଇକ୍‌ରେ ଭୁବନେଶ୍ୱରରୁ ନୟାଗଡ଼ ଅଭିମୁଖେ ଯାଉଥିବା ବେଳେ ମହାବିଦ୍ୟାଳୟ ସମ୍ମୁଖ ରାସ୍ତାରେ ଛିଡ଼ା ହୋଇଥିବା ବାଇକକୁ ଧକ୍କା ଦେଇଥିଲେ। ଫଳରେ ତଳେ ପଡ଼ି ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

### କପିଳେଶ୍ୱରଦେବଙ୍କ ପୀଠରେ ରୁଦ୍ର ମହାଯଜ୍ଞ

**ନିରାକାରପୁର,୨୭।୨(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତସ୍ଥିତ କପିଳେଶ୍ୱର ଦେବଙ୍କ ପୀଠରେ ଶତଚଣ୍ଡୀ ଓ ରୁଦ୍ର ମହାଯଜ୍ଞ ରବିବାର ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଡିଆ ଗ୍ରାମରେ ଥିବା ବଡ ପୋଖରୀରୁ ଶତାଧିକ ମହିଳା ଓ ପୁରୁଷ ଜଳ ଉଠାଇ ଶୋଭାଯାତ୍ରାରେ ଯାଇ ଯଜ୍ଞ ମଣ୍ଡପରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ଏହା ପରେ ଯଜ୍ଞ ଆରମ୍ଭ ହୋଇଥିଲା। ମଙ୍ଗଳବାର ଶିବରାତ୍ରିରେ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ରହିଛି ବୋଲି ଅନୁଷ୍ଠାର ସଞ୍ଜୟ କୁମାର ମହାପାତ୍ର, ମାନସ ଚନ୍ଦ୍ର ପଟ୍ଟନାୟକ, କିଶୋର ଦାସ, ସାରଙ୍ଗଧର ମହାପାତ୍ର ସୂଚନା ଦେଇଛନ୍ତି।

# ସମସ୍ୟା ଅନେକ, ସମାଧାନ ନାହିଁ




ଭୁବନେଶ୍ୱର, ୨୭।୨ (ବ୍ୟୁରୋ)

**ୱାର୍ଡ ନଂ. ୬୫**
**ଡୁମ୍‌ଡୁମାର ଫେଜ୍-୧, ଫେଜ୍-୨, ଫେଜ୍-୪ ଏବଂ ଫେଜ୍-୫, ସୁଭାଷ ନଗର, କାନୁନ୍‌ଗୋ ଡାଇବେଟିସ୍ ହସ୍ପିଟାଲ, ଏକ୍ସ ମିଲିଟାରୀ କଲୋନୀ, ପାତ୍ରପଡ଼ା, ଭଗବାନପୁର।**

ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ–୬୫ରେ ନିର୍ବାଚନ ତାତି ଆରମ୍ଭ ହୋଇଗଲାଣି। ଏହି ୱାର୍ଡରେ ପାତ୍ରପୁର ଓ ଭଗବାନପୁରର କିଛି ଅଂଶ ନୂଆ ମିଶିଥିବାରୁ ନିର୍ବାଚନ ରଣନୀତିରେ କିଛି ନୂଆ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି। ବିଶେଷକରି ପାତ୍ରପଡ଼ା ଏବଂ ଭଗବାନପୁର ଗ୍ରାମର ବିକାଶ ସହ ସମସ୍ୟାର ସମାଧାନ କରି ଲୋକଙ୍କ ମନ ଜିଣିବା ପ୍ରାର୍ଥୀଙ୍କ ପାଇଁ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ। ଅନ୍ୟପଟେ ଭୋଟରଙ୍କ ସମସ୍ୟା ତାଲିକା ଯଥେଷ୍ଟ ଲମ୍ବା ରହିଛି। ଆବର୍ଜନା ନିଷ୍କାସନ, ଡ୍ରେନେଜ୍ ତଥା ସ୍ୱେରେଜ୍ ବ୍ୟବସ୍ଥାକୁ ନେଇ ଜନତା ଅସନ୍ତୁଷ୍ଟ ଅଛନ୍ତି। ୫ନଂ ଜାତୀୟ ରାଜପଥରେ ଟ୍ରାଫିକ୍ ସମସ୍ୟା ସ୍ଥାନୀୟ ଲୋକଙ୍କ ପାଇଁ ଅନ୍ୟତମ ଚିନ୍ତାର କାରଣ ସାଜିଛି। ସେହିପରି ୱାର୍ଡରେ ଥିବା ବସ୍ତିବାସିନ୍ଦା ଥଇଥାନ ନିମନ୍ତେ ଦାବି କରିଆସୁଛନ୍ତି। ଏଭଳି ସ୍ଥିତିରେ ଭୋଟରଙ୍କ ସମର୍ଥନ ପାଇବା ଆଶାୟୀ ପ୍ରାର୍ଥୀଙ୍କ ଲାଗି କଷ୍ଟକର ହୋଇପାରେ। ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ଜ୍ୟୋତ୍ସ୍ନାମୟୀ ଜେନା କର୍ପୋରେଟର ଭାବେ ଦାୟିତ୍ୱ ତୁଲାଇଥିଲେ। ତେବେ ଚଳିତ ଥର ଏହି ୱାର୍ଡ ଅଣସଂରକ୍ଷିତ ରହିଥିବାରୁ ତାଙ୍କ ପୁଅ ସମ୍ବିତ କୁମାର ଜେନା ବିଜେଡିରୁ ନିର୍ବାଚନ ମଇଦାନକୁ ଓହ୍ଲାଇବା ପାଇଁ ଆଶା ବାନ୍ଧିଲେଣି। ଅପରପକ୍ଷେ ୨୦୧୪ ନିର୍ବାଚନରେ ବିଜେଡିରୁ ପ୍ରାର୍ଥୀ ହୋଇ ପରାଜୟ ବରଣ କରିଥିବା ବଳରାମ ସ୍ୱାଇଁ, ପାତ୍ରପଡ଼ାର କିଶୋର ମୋହନ ପଟ୍ଟନାୟକ ଏବଂ ଶମ୍ଭୁ ପାଟ୍ଟଶାଣୀ ମଧ୍ୟ ବିଜେଡି ଟିକେଟ୍ ପାଇବା ଆଶାରେ ରହିଛନ୍ତି। ଅନ୍ୟପକ୍ଷରେ ଭାଜପାରୁ କାର୍ତ୍ତିକ ସୁନ୍ଦରାୟ ପ୍ରାର୍ଥୀ ହେବାକୁ ଆଶା ରଖିଛନ୍ତି। ୨୦୦୮ରୁ ୨୦୧୩ ପର୍ଯ୍ୟନ୍ତ ବିଜେଡି ଟିକେଟ୍ ପାଇ ନିର୍ବାଚନ ବୈତରଣୀ ପାର ହୋଇଥିବା ସୁନ୍ଦରାୟ ପରବର୍ତ୍ତୀ ସମୟରେ ଭାଜପାରେ ଯୋଗଦେଇଛନ୍ତି। ତେଣୁ ତାଙ୍କ ପ୍ରାର୍ଥିତ୍ୱକୁ ନେଇ ଚର୍ଚ୍ଚା ଚାଲିଛି। ସେହିପରି ପାତ୍ରପଡ଼ା ଅଞ୍ଚଳରୁ ତପନ କୁମାର ଶ୍ରୀଚନ୍ଦନ, ଡୁମ୍‌ଡୁମା ଫେଜ୍–୨ର ସୁବାସ ପାତ୍ର ମଧ୍ୟ ଭାଜପାରୁ ଟିକେଟ ଆଶାୟୀ ଥିବା ଚର୍ଚ୍ଚା ହେଉଛି।

> ରାସ୍ତାଘାଟ ସମସ୍ୟା ରହିଛି। ବର୍ଷ ବର୍ଷ ଧରି କାମ ଚାଲୁଥିଲେ ବି ତାହା ସରିବାର ନାଁ ଧରୁନି। ଅଳିଆ ମଧ୍ୟ ଠିକ୍ ଭାବେ ଉଠାଯାଉନାହିଁ। ୨୦ବର୍ଷରୁ ଊର୍ଦ୍ଧ୍ୱ ହେବ ଆମେ ବସ୍ତିରେ ଘର କରି ରହିଛୁ। ବସ୍ତି ଉଚ୍ଛେଦ ପାଇଁ ବାରମ୍ବାର ଉଦ୍ୟମ କରାଯାଉଛି। ଆମ ଭଳି ଗରିବଙ୍କ କଥା କେହି ଚିନ୍ତା କରୁନାହାନ୍ତି।
> **-କେଦାର ପ୍ରଧାନ, ୱାର୍ଡ ବାସିନ୍ଦା**



> ଆଶାୟୀ ତ ଭୋଟ୍ ମାଗିବେ, କିନ୍ତୁ ଆମେ କାମ କରିବା ଲୋକଙ୍କୁ ହିଁ ଭୋଟ୍ ଦେବୁ। ୱାର୍ଡର ଏଠି ସେଠି ଅଳିଆ ଗଦା ହୋଇରହୁଛି। ନିୟମିତ ଭାବେ ସଫେଇ ହେଉନାହିଁ। ଅଧିକାଂଶ ସ୍ଥାନ ଖାଲଖମାରେ ଭର୍ତ୍ତି। ବର୍ଷା ହେଲେ ରାସ୍ତାରେ ଡ୍ରେନ୍ ପାଣି ଭାସୁଛି।
> **-ନମିତା ସାହୁ, ୱାର୍ଡ ବାସିନ୍ଦା**



## ଡ. ସୁରେନ୍ଦ୍ର ମହାନ୍ତିଙ୍କୁ ଜ୍ଞାନଭକ୍ତି ପ୍ରଦୀପ ସମ୍ମାନ

ବାଙ୍କୀ,୨୭।୨(ସ୍ୱ.ପ୍ର.)

ନିଖିଳ ଉତ୍କଳ ଭାଗବତ ପ୍ରଚାର ପ୍ରସାର ସମିତି ଓଡ଼ିଶା ଆନୁକୂଲ୍ୟରେ ବାଙ୍କୀ ବ୍ଲକସ୍ଥିତ ବୈଦ୍ୟେଶ୍ୱର ପ୍ରସିଦ୍ଧ କଇଁଫୁଲ ମଠରେ ଏକ ସ୍ୱତନ୍ତ୍ର ଉତ୍ସବରେ ବିଶିଷ୍ଟ ଇଂରାଜୀ ଭାଷା ସାହିତ୍ୟ ଅଧ୍ୟାପକ ତଥା ଆଧ୍ୟାତ୍ମିକ ପୁସ୍ତକ ଲେଖକ ଡ.ସୁରେନ୍ଦ୍ର ମହାନ୍ତିଙ୍କୁ ଜ୍ଞାନଭକ୍ତି ପ୍ରଦୀପ ସମ୍ମାନ ୨୦୨୨ରେ ସମ୍ବର୍ଦ୍ଧିତ କରାଯାଇଛି । ଆୟୋଜିତ ଉତ୍ସବରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି କବି ଲଲାଟେନ୍ଦୁ ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବାଙ୍କୀ ମହାବିଦ୍ୟାଳୟ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ସମ୍ମାନିତ ଅତିଥିଭାବେ ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ମହାପାତ୍ର ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ କଇଁଫୁଲ ମଠ ପୂଜକ ଦେବରାଜ ପାତ୍ର, ନିଖିଳ ଉତ୍କଳ ଭାଗବତ ପ୍ରଚାର ପ୍ରସାର ସମିତି ସମ୍ପାଦକ କମଳାକାନ୍ତ ପ୍ରହରାଜ, ବଂଶୀଧର ବେହେରା, ଅଧ୍ୟାପକ ଜିତେନ୍ଦ୍ର ମହାନ୍ତି ଓ ବୈଜୟନ୍ତି ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## 'ପ୍ରଫେସର ନବକିଶୋର ଥିଲେ ଚିନ୍ତନଧର୍ମୀ ସାରସ୍ୱତ ସ୍ରଷ୍ଟା'

କଟକ ଅଫିସ,୨୭।୨

କଟକ ଶ୍ରୀରାମଚନ୍ଦ୍ର ଭବନରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ସାଧକ ପ୍ରଫେସର ନବକିଶୋର ପୃଷ୍ଟିଙ୍କ ତୈଳଚିତ୍ର ରବିବାର ଉନ୍ମୋଚିତ ହୋଇଯାଇଛି। ସାହିତ୍ୟ ସମାଲୋଚକ ପ୍ରଫେସର ଦାଶରଥି ଦାସ ତୈଳଚିତ୍ରକୁ ଅନାବରଣ କରି କହିଥିଲେ, ପ୍ରଫେସର ପୃଷ୍ଟିଙ୍କ ସାହିତ୍ୟ ରଚନା ଓ ଅଧ୍ୟାପନା କ୍ଷେତ୍ରରେ ପାରଦର୍ଶିତା ତାଙ୍କୁ ସ୍ମରଣୀୟ କରି ରଖିବ। ଓଡ଼ିଆ ସମାଲୋଚନା ସାହିତ୍ୟ କ୍ଷେତ୍ରରେ ପ୍ରଫେସର ପୃଷ୍ଟି ଥିଲେ ଚିନ୍ତନଧର୍ମୀ ସାରସ୍ୱତ ସ୍ରଷ୍ଟା। ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ରେକି ମିଶନର ପ୍ରତିଷ୍ଠାତା ଶ୍ରୀ ସନ୍ଥ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ପ୍ରଫେସର ପୃଷ୍ଟି ଜଣେ ମହାନ ଶିକ୍ଷକ ଥିଲେ। ସମ୍ମାନିତ ଅତିଥି ବିଶିଷ୍ଟ କଥାଶିଳ୍ପୀ ଡ. ସୁଲୋଚନା ଦାସ ଯୋଗଦେଇ ପ୍ରଫେସର ପୃଷ୍ଟିଙ୍କ ସାଧନାମୟ ଓ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ କହିଥିଲେ, ଯୁବ ଅଧ୍ୟାପକ ସମୟରୁ ପ୍ରଫେସର ପୃଷ୍ଟି ନିଜର ସ୍ୱତନ୍ତ୍ର ଦୃଷ୍ଟିକୋଣ ପ୍ରତିପାଦନ କରିଆସଥିଲେ। ଅନୁଷ୍ଠାନର ଉପସଭାପତି ତଥା ନାଟ୍ୟକାର ସଞ୍ଜୀବ୍ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ, ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା, ଅଧ୍ୟାପକ କମଳ ମାହୁନ୍ତ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବାବେଳେ କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ବ୍ରହ୍ମାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ।



ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

## ଲିଙ୍ଗରାଜ ମନ୍ଦିରରେ ପଲିଥିନ ନିଷିଦ୍ଧ ହେଉ

ପୁରୁଣା ଭୁବନେଶ୍ୱର, ୨୭।୨ (ଡି.ଏନ୍.ଏ.)

ଆଉ ଦିନକ ପରେ ଜାଗର ଯାତ୍ରା। ଏନେଇ ଚଳଚଞ୍ଚଳ ହୋଇପଡ଼ିଛି ଏକାମ୍ର କ୍ଷେତ୍ର। ଜାଗରରେ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ଠାକୁରଙ୍କ ନିକଟରେ ଭୋଗ କିମ୍ବା ଦୀପ ଜାଳିବା ଲାଗି ଅନେକ ଭକ୍ତ ମନ୍ଦିର ଭିତରକୁ ପଲିଥିନ୍, ପ୍ଲାଷ୍ଟିକ ଦ୍ରବ୍ୟ ଆଦି ଭୋଗ ସାଥିରେ ନେଇ ଆସିଥାନ୍ତି। ପରବର୍ତ୍ତୀ ସମୟରେ ସେଗୁଡ଼ିକୁ ମନ୍ଦିର ବେଢା ଭିତରେ ଏଣେତେଣେ ଫୋପାଡ଼ି ପଳାଇଥାନ୍ତି। ଏହାଦ୍ୱାରା ମନ୍ଦିରର ପରିବେଶ ନଷ୍ଟ ହୋଇଥାଏ। ଏଥିସହ କେତେଜଣ ଅସାମାଜିକ ବ୍ୟକ୍ତି ମନ୍ଦିର ଭିତରେ ମାଦକଦ୍ରବ୍ୟ ଖାଇଥାନ୍ତି। ଯାହ ମନ୍ଦିର ସଫେଇ ସମୟରେ ନଜରକୁ ଆସିଥାଏ। ତେଣୁ ଏନେଇ ସ୍ୱତନ୍ତ୍ର ମାର୍ଗଦର୍ଶିକା ସହ ପଲିଥିନ ଓ ମାଦକଦ୍ରବ୍ୟ ନିଷିଦ୍ଧ ପାଇଁ କଟକଣା ଜାରି କରାଯାଉ ବୋଲି ପରିବେଶବିତ୍ ସୁଶାନ୍ତ ସାହୁ ଲିଙ୍ଗରାଜ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

## 'ଆଚାର୍ଯ୍ୟ ହରିହରଙ୍କ ସରଳ ଜୀବନ ଅନୁକରଣ କର'

ପୁରୀ ଅଫିସ,୨୭।୨

ପୁରୀ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ଆଚାର୍ଯ୍ୟ ହରିହର ସ୍ମୃତି ସଂସଦ ମିଳିତ ଆନୁକୂଲ୍ୟରେ ରବିବାର ଆଚାର୍ଯ୍ୟ ହରିହରଙ୍କ ୧୪୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଆଚାର୍ଯ୍ୟ ହରିହର ଛକସ୍ଥିତ ଆଚାର୍ଯ୍ୟ ହରିହର ଓ ଗାନ୍ଧୀସ୍ମୃତି ପୀଠରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ଗାନ୍ଧୀ ସ୍ମୃତି ପୀଠରେ ଆଚାର୍ଯ୍ୟ ହରିହର ସ୍ମୃତି ସଂସଦର ସଭାପତି ଉମାବଲ୍ଲଭ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଆଚାର୍ଯ୍ୟ ହରିହରଙ୍କ ବାଣୀ, ସେବା ଓ ତ୍ୟାଗ ଆଗାମୀ ପିଢ଼ୀଙ୍କୁ ପ୍ରେରଣା ଯୋଗାଇବା ସହ ଯୁବପିଢ଼ୀଙ୍କୁ ସୁପଥଗାମୀ କରିବ। ଶିକ୍ଷାକ୍ଷେତ୍ରରେ ଆଚାର୍ଯ୍ୟ ହରିହରଙ୍କର ଯଥେଷ୍ଟ ଅବଦାନ ରହିଛି। ଆଜିକାର ପିଢ଼ି ଏହାକୁ ପାଥେୟ କରି ଆଗକୁ ବଢ଼ିବା ଦରକାର। ସେହିଭଳି ତାଙ୍କ ସରଳ ଜୀବନକୁ ଅନୁକରଣ କରିବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ରୀୟ ଜେନା, ଅବସରପ୍ରାପ୍ତ ପ୍ରଶାସକ ବିଜୟ କୁମାର ନନ୍ଦ, ଶିକ୍ଷାବିତ୍ ସୁଧାକର ମହାପାତ୍ର ଏବଂ ଗଙ୍ଗାଧର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ଜିଲା ସ୍କୁଲର ଛାତ୍ରୀ ସଂଘମିତ୍ରା ବେହେରା ଓ ରାମଚନ୍ଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସାଇ ଇପ୍ସିତା ପାଢ଼ୀଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଥିଲା। ଶିବପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ନବକିଶୋର ରଥ ଧନ୍ୟବାଦ ଦେଇଥିଲେ। ପ୍ରଫେସର ମାନସ ରଞ୍ଜନ ମହାପାତ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

## ଗାଁ ବୁଲି ସମସ୍ୟା ବୁଝିଲେ ଛାତ୍ରୀଛାତ୍ର

ଭୁବନେଶ୍ୱର,୨୭।୨(ଡି.ଏନ୍.ଏ.)

ଉତ୍କଳ ବିଶ୍ୱବିଦ୍ୟାଳୟ ମାଷ୍ଟର ଅଫ୍ ସୋସିଆଲ୍ ୱେଲ୍‌ଫେୟାର (ଏମ୍‌ଏସ୍‌ଡବ୍ଲ୍ୟୁ) ବିଭାଗର ଛାତ୍ରୀଛାତ୍ରମାନେ ଗ୍ରାମୀଣ ଶିବିର(ରୁରାଲ କ୍ୟାମ୍ପ)ରେ ଯୋଗଦେଇଛନ୍ତି। ଏମ୍‌ଏସ୍‌ଡବ୍ଲ୍ୟୁ ବିଭାଗର ମୁଖ୍ୟ ଅଧ୍ୟାପକ ଡ. ଦିଲୀପ ମିଶ୍ର, ଡ. ବିଶ୍ୱଭୂଷଣ ଘଡ଼େଇଙ୍କ ନେତୃତ୍ୱରେ ଗତ ୨୨ତାରିଖରୁ ଆୟୋଜିତ ୩ଦିନିଆ ଶିବିରରେ ଛାତ୍ରୀଛାତ୍ରମାନେ ଯାଜପୁର ଜିଲା ବଡ଼ଚଣା ବ୍ଲକର ଆରୁହା ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ସେଠାକାର ଲୋକଙ୍କ ନାନା ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ପ୍ରଥମ ଦିନରେ ମହିଳା, ଚାଷୀ, କିଶୋରୀ, ଗର୍ଭବତୀ, ପ୍ରସୂତି ମହିଳା, ଶିଶୁ, ବିପିଏଲ୍ ଶ୍ରେଣୀର ଲୋକଙ୍କୁ ଭେଟିଥିଲେ। ଏପରିକି ବିଭିନ୍ନ ବିଦ୍ୟାଳୟ ଶ୍ରେଣୀଗୃହର ଅବସ୍ଥା ତଥା ପାଇଖାନା ଏବଂ ନଳକୂପର ଅବ୍ୟବସ୍ଥା ବୁଲି ଦେଖିଥିଲେ। ୨ୟ ଦିନରେ ଧାନମଣ୍ଡଳ ନିକଟସ୍ଥ ଉଦୀୟମାନ ସ୍ୱେଚ୍ଛାସେବୀ ସଂଗଠନର ସମ୍ପାଦକ ଅନିଲ କୁମାର ଦାସ ଏବଂ ଯୁଗ୍ମ ସମ୍ପାଦକ ଚନ୍ଦନ କୁମାର ପଣ୍ଡା ତଥା ଗ୍ରୁପର ଅନ୍ୟ ସଦସ୍ୟଙ୍କ ସହାୟତାରେ ସଞ୍ଜୟନଗର ନିକଟସ୍ଥ ବିଡ଼ିସାହି ଭ୍ରମଣ କରିଥିଲେ। ୩ୟ ଦିନରେ ଛାତ୍ରୀଛାତ୍ରମାନେ ଚାଷୀଭାଇଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଚାଷଜମିକୁ ପାଣି ଯୋଗାଣ ଠିକ୍‌ରେ ହୋଇପାରୁ ନ ଥିବାରୁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

## କାଳଜୟୀ କବିତା ଉପରେ ଆଲୋଚନା

ସାକ୍ଷୀଗୋପାଳ,୨୭।୨(ଡି.ଏନ୍.ଏ.)

ଲେଖନୀ ସାହିତ୍ୟ ଅନୁଷ୍ଠାନର ବାର୍ଷିକ ଉତ୍ସବ ସ୍ଥାନୀୟ ବନପୁର ଗ୍ରାମରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସାହିତ୍ୟିକା ଡ.ପ୍ରତିଭା ମହାରଥୀ, ମୁଖ୍ୟ ବକ୍ତା ନିରଞ୍ଜନ ବାହିନୀପତି ଓ ଅତିଥି ଭାବେ କ୍ଷୀରୋଦ କୁମାର ରାୟମହାପାତ୍ର ଯୋଗଦେଇ କାଳଜୟୀ କବିତା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥିଭାବେ ରବୀନ୍ଦ୍ରନାଥ ଷଡ଼ଙ୍ଗୀ, ଦିଲୀପ ସେନାପତି ଯୋଗଦେଇଥିଲେ। ଉତ୍ସବ କମିଟିର ଆବାହକ ମାନସ ରଞ୍ଜନ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ଲେଖନୀ ଅନୁଷ୍ଠାନର ସମ୍ପାଦକ ବିଜୟ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ଜିଲାର ପ୍ରାୟ ୭୦ଜଣ କବୟିତ୍ରୀ ଓ କବି ଯୋଗଦେଇ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। କବି ସୁଜାତା ଦେବୀଙ୍କ ଶିଶୁଗଳ୍ପ ପୁସ୍ତକ 'ନୂଆ କାହାଣୀ'କୁ ଅତିଥିମାନେ ଲୋକାର୍ପିତ କରିଥିଲେ। ନଳିନୀପ୍ରଭା ଦାସ, ଦେବୀ ପ୍ରସାଦ ମହାପାତ୍ର, ଶରତ କୁମାର ଚଉଁରୀ ଓ ସୁନିତା ପଣ୍ଡା କବିତା ଆସର ସଂଯୋଜନା କରିଥିଲେ। ଏହି ଅବସରରେ କଳାକାରଙ୍କ ଦ୍ୱାରା ପାଲା ପ୍ରତିଯୋଗିତା ହୋଇଥିଲା। ଦାଶରଥି ମହାନ୍ତି ଧନ୍ୟବାଦ ଦେଇଥିଲେ।

## ବିଜେଡି ୯, ଭାଜପା ୧ରେ ବିଜୟୀ

ଖୋର୍ଦ୍ଧା ଅଫିସ,୨୭।୨

**ପ୍ରଥମ ପର୍ଯ୍ୟାୟ ଜିଲା ପରିଷଦ ଆସନ ଫଳାଫଳ**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ଫଳାଫଳ ଘୋଷଣା ହୋଇଛି। ଖୋର୍ଦ୍ଧା ଜିଲାର ୧୦ଟି ଜିଲାପରିଷଦ ଆସନ ମଧ୍ୟରୁ ବିଜେଡି ୯ଟିରେ ଜିତିଥିବା ବେଳେ ଭାଜପାକୁ ଗୋଟିଏ ଆସନରେ ସନ୍ତୁଷ୍ଟ ରହିବାକୁ ପଡ଼ିଛି। କଂଗ୍ରେସ ଖାତା ଖୋଲିପାରିନାହିଁ। ଖୋର୍ଦ୍ଧା ବ୍ଲକର ୧ନଂ. ଜିଲା ପରିଷଦ ଜୋନରେ ବିଜେଡିର ପ୍ରଫୁଲ୍ଲ ଦଳାଇ ୪୫୪୨ ଭୋଟ୍ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି। ଚିଲିକା ବ୍ଲକ ୪ନଂ ଜୋନରେ ବିଜେଡି ପ୍ରାର୍ଥୀ ମମତା ପାଇକରାୟ ୬୭୭ ଭୋଟ ବ୍ୟବଧାନରେ ଜିତିଛନ୍ତି। ଜଟଣୀ ବ୍ଲକ ୭ନଂ. ଜୋନରେ ବିଜେଡି ପ୍ରାର୍ଥୀ ମୋହିନୀ ନାୟକ କଂଗ୍ରେସର ସସ୍ମିତା ଗୁମାନସିଂ (୫୦୪୭)ଙ୍କଠାରୁ ୯୫୯୧ ଭୋଟରେ ଜିତିଛନ୍ତି। ଟାଙ୍ଗୀ ବ୍ଲକ ୯ନଂ. ଜୋନରେ ବିଜେଡି ପ୍ରାର୍ଥୀ ମୀତାଞ୍ଜଳି ବଳିଆରସିଂ ୪୨୭୧ ଭୋଟ ବ୍ୟବଧାନରେ ଜିତିଛନ୍ତି। ବେଗୁନିଆ ୨୨ନଂ. ଜୋନରେ ବିଜେଡିର ପ୍ରକାଶ ଚନ୍ଦ୍ର ସାହୁ ୨୦,୨୩୧ ଖଣ୍ଡ ଭୋଟ ପାଇ ଭାଜପାର ସରୋଜ ମହାପାତ୍ର(୫୬୨୦)ଙ୍କଠାରୁ ୧୪,୬୧୧ ସର୍ବାଧିକ ଭୋଟରେ ବିଜୟୀ ହୋଇଛନ୍ତି। ବୋଲଗଡ଼ ବ୍ଲକ ୨୫ନଂ ଜୋନରେ ବିଜେଡି ପ୍ରାର୍ଥୀ ସୁନନିତା ସାହୁ ୧୧,୩୩୧ ଭୋଟ୍‌ରେ ଜିତିଛନ୍ତି। ବାଣପୁର ବ୍ଲକ ୧୩ନଂ ଜୋନରେ ଭାଜପାର ଟିକି ଶବର ୯୫୩୫ ଖଣ୍ଡ ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡିର ସସ୍ମିତା ପ୍ରଧାନ (୮୨୩୦)ଙ୍କ ଠାରୁ ୧୩୦୫ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଭୁବନେଶ୍ୱର ୨୮ନଂ. ଜୋନରେ ବିଜେଡିର ପ୍ରଭାତ ପରିଡ଼ା ୧୦,୦୪୦ ଖଣ୍ଡ ଭୋଟ ପାଇ ଭାଜପାର ବିଶ୍ୱନାଥ ପିଙ୍ଗୁଆ(୯୭୩୯)ଙ୍କୁ ୩୦୧ ଭୋଟ ବ୍ୟବଧାନରେ ହରାଇଛନ୍ତି। ବାଲିଅନ୍ତା ବ୍ଲକ ୧୬ ନଂ. ଜୋନରେ ବିଜେଡିର ମହେଶ୍ୱର ଦାସ ୮୫୨୩ ଖଣ୍ଡ ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସ୍ୱାଧିନ ପ୍ରାର୍ଥୀ ତ୍ରୈଲକ୍ୟ ମଙ୍ଗରାଜ(୬୯୧୩)ଙ୍କ ଠାରୁ ୧୬୦୦ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଭାଜପା ପ୍ରାର୍ଥୀ ସିଦ୍ଧେଶ୍ୱର ନାଥ ୧୩୮୬ ଭୋଟ ପାଇଛନ୍ତି। ବାଲିପାଟଣା ବ୍ଲକ ୧୯ ନଂ. ଜୋନରେ ୨୪୧୪୩ ମତଦାନ ହୋଇଛି। ୭୪୮ ଭୋଟ ନାକଚ ହୋଇଛି। ଏଠାରୁ ବିଜେଡି ପ୍ରାର୍ଥୀ ଗଙ୍ଗାଧର ମଳିକ ୧୩,୯୫୮ ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ପ୍ରସନ୍ନ କୁମାର ଭୋଇ (୬୪୫୧)ଙ୍କଠାରୁ ୭୫୦୭ ଖଣ୍ଡ ଭୋଟ ବ୍ୟବଧାନରେ ଜିତିଛନ୍ତି। କଂଗ୍ରେସ ପ୍ରାର୍ଥୀ ତ୍ରିନାଥ ମଲ୍ଲିକ ୧୨୪୦ ଭୋଟ ପାଇଛନ୍ତି।

# ଉଠାଦୋକାନୀଙ୍କୁ ନେଇ ପୁଣି ତେଜିଲା ଅସନ୍ତୋଷ

ଭୁବନେଶ୍ୱର, ୨୭।୨ (ବ୍ୟୁରୋ)

**ମାର୍କେଟ୍ ବିଲ୍ଡିଂରେ ବଢ଼ିଲା ଜବରଦଖଲ**
- ଫେରାଇଦେଲା ଥାନା, ଅଭିଯୋଗ ଶୁଣିଲା ନାହିଁ ବିଏମ୍‌ସି
- ପ୍ରତିବାଦରେ ଅଳିଆ ଉଠାଇବାକୁ ଦେଲାନି ସଂଘ

ଉଠା ଦୋକାନୀ ଓ ମାର୍କେଟ ବିଲ୍ଡିଂ ବ୍ୟବସାୟୀଙ୍କ ମଧ୍ୟରେ ପୁଣିଥରେ କନ୍ଦଳ ଆରମ୍ଭ ହୋଇଛି। ଉଠାଦୋକାନୀଙ୍କ ପ୍ରାଦୁର୍ଭାବରେ ବ୍ୟତିବ୍ୟସ୍ତ ହୋଇପଡିଛନ୍ତି ସ୍ଥାନୀୟ ବ୍ୟବସାୟୀ। ଦିନକୁ ଦିନ ସେମାନେ ଜବରଦଖଲ କରି ବେପାର ଆରମ୍ଭ କରିବା ସହ ମାର୍କେଟ ପରିସରକୁ ଆର୍ବଜନାମୟ କରିଦେଉଥିବାରୁ ସେମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରତିବାଦ ସ୍ୱରୂପ ଗତ ୪ଦିନ ହେବ ମାର୍କେଟ ପରିସରରୁ ଅଳିଆ ଉଠାଇବାକୁ ଦେଉନାହିଁ ମାର୍କେଟ ବିଲ୍ଡିଂ ସେଣ୍ଟ୍ରାଲ ଆସୋସିଏଶନ। ଯେ ପର୍ଯ୍ୟନ୍ତ ସ୍ଥାୟୀ ସମାଧାନ ନେଇ କୌଣସି ବାଟ ଫିଟିନାହିଁ, ସେ ପର୍ଯ୍ୟନ୍ତ ମାର୍କେଟରୁ ଅଳିଆ ଉଠିବ ନାହିଁ ବୋଲି ଆସୋସିଏଶନ ଜିଦ୍‌ଧରି ବସିଛି। ଫଳରେ ମାର୍କେଟ ପରିବେଶ ଦୂଷିତ ହେବାରେ ଲାଗିଛି। ଗ୍ରାହକମାନେ ଅସନ୍ତୋଷ ପ୍ରକାଶ କରିବା ସହ ନାକରେ ହାତଦେଇ ଯିବାଆସିବା କରୁଥିବା ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ଭୁବନେଶ୍ୱରର ପ୍ରମୁଖ ବଜାର ହେଉଛି ୟୁନିଟ୍–୨ ମାର୍କେଟ ବିଲ୍ଡିଂ। ଏଠାରେ ଉଠାଦୋକାନୀମାନେ ଜବରଦଖଲ କରି ବେପାର କରିବା ସହ ଅସାମାଜିକ କାର୍ଯ୍ୟ କରୁଥିବାରୁ ବଡ ବଡ ଦୋକାନୀଙ୍କ ପାଇଁ ସମସ୍ୟା ଦେଖାଦେଇଛି। ବିଶେଷକରି ପାର୍କିଂ ସମସ୍ୟା ଯୋଗୁ ସେମାନେ କ୍ଷତିର ସମ୍ମୁଖୀନ ହେଉଛନ୍ତି। ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ ବାରମ୍ବାର ବିଏମ୍‌ସି ଓ ପୋଲିସର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅଭିଯୋଗ ହୋଇଛି। ଆସୋସିଏଶନର ସହସମ୍ପାଦକ ରଞ୍ଜିତ୍ ମହାନ୍ତିଙ୍କ କହିବା ଅନୁଯାୟୀ, ଗତ ସପ୍ତାହ ତଳେ ଏ ସମସ୍ୟା ସମ୍ପର୍କରେ ଆମେ ବିଏମ୍‌ସିରେ ଅଭିଯୋଗ କରିଥିଲୁ। ସେମାନେ ଏହାର ସମାଧାନ କରିବା ପରିବର୍ତ୍ତେ କ୍ୟାପିଟାଲ ଥାନାରେ ଅଭିଯୋଗ କରିବାକୁ ପଠାଇ ଦେଲେ। ଥାନାକୁ ଯିବାକୁ ସେମାନେ ବିଏମ୍‌ସିକୁ ଯିବାକୁ କହୁଛନ୍ତି। ଏପରିକି ବିଏମ୍‌ସି କମିଶନର ୨ଥର ଆମକୁ ସାକ୍ଷାତ୍ କରିବାକୁ ସମୟ ଦେଇ ମଧ୍ୟ ଶେଷରେ ସମୟ ନାହିଁ କହି ମନା କରିଦେଇଛନ୍ତି। ତେଣୁ ବାଧ୍ୟ ହୋଇ ଏଭଳି ପଦକ୍ଷେପ ନିଆଯାଇଛି।

ବର୍ଷ ବର୍ଷ ଧରି ଏପରି ସମସ୍ୟା ଲାଗି ରହିଛି। ବାରମ୍ବାର ଅଭିଯୋଗ ପରେ ୭ବର୍ଷ ତଳେ ପ୍ରଥମେ ଉଠା ଦୋକାନୀଙ୍କୁ ଉଚ୍ଛେଦ କରାଯାଇଥିଲା। ତତ୍କାଳୀନ ପୋଲିସ କମିଶନର ଆର୍.ପି .ସିଂ ଓ ମେୟର ଅନନ୍ତ ନାରାୟଣ ଜେନା ପଦକ୍ଷେପ ନେବାରୁ ଉଠା ଦୋକାନୀମାନେ ମାର୍କେଟ ବିଲ୍ଡିଂ ଭିତରୁ ଉଠିବାକୁ ବାଧ୍ୟ ହୋଇଥିଲେ। ସେହିଭଳି ସ୍ଥାନୀୟ ବ୍ୟବସାୟୀଙ୍କୁ ଉଠାଦୋକାନୀଙ୍କ ଆକ୍ରମଣକୁ ନେଇ ଗତ ଜାନୁୟାରୀ ୪ରେ ସଂଘ ୪ଦିନ ବଜାର ବନ୍ଦ କରି ଆନ୍ଦୋଳନ ଚଳାଇଥିଲା। ଏହାପରେ ସଂଘର ଦାବି ଆଧାରରେ ମାର୍କେଟ ବିଲ୍ଡିଂରୁ ଉଠା ଦୋକାନୀଙ୍କୁ ହଟାଇଥିଲା ବିଏମ୍‌ସି। କରୋନା କଟକଣା କୋହଳ ହେବାପରେ ପୁନର୍ବାର ଉଠା ଦୋକାନୀମାନେ ଏଠାରେ ଆଡ୍ଡା ଜମାଇଛନ୍ତି। ମୂଳ ଦୋକାନୀମାନେ ବ୍ୟବସାୟ କଲେ ସରକାରଙ୍କୁ ଜିଏସ୍‌ଟି ଦେଉଛନ୍ତି। ହେଲେ ଉଠାଦୋକାନୀମାନେ କିଛି ଦାଦାବଟି ଦେଇ ମୁଖ୍ୟ ଦୋକାନୀଙ୍କ ପାଇଁ ସମସ୍ୟା ପାଲଟିଛନ୍ତି। ସେହିପରି ମାର୍କେଟ ପରିସର ସଫା କରିବା ପାଇଁ ସଂଘ ପ୍ରତିମାସରେ ୬୦ ରୁ ୭୦ ହଜାର ଖର୍ଚ୍ଚ କରୁଛି। ବିପୁଳ ଅର୍ଥ ଖର୍ଚ୍ଚ କରାଯାଇ ଏଠାରେ ଚେୟାର ଓ ଲାଇଟ ଖୁମ୍ବ, ଫାଉଣ୍ଟେନ ଆଦି ଯେଉଁ ସୌନ୍ଦର୍ଯ୍ୟକରଣ କରାଯାଇଥିବାବେଳେ ଉଠାଦୋକାନୀଙ୍କ ପାଇଁ ତାହା ଭାଙ୍ଗିରୁଜି ଯିବାକୁ ବସିଛି। ବିଏମ୍‌ସି ପଦକ୍ଷେପ ନେଉ ନ ଥିବାରୁ ୫–ଟି ସଚିବ ଭି.କେ. ପାଣ୍ଡିଆନ୍ ଏଥିପ୍ରତି ଦୃଷ୍ଟି ଦେବାକୁ ଆସୋସିଏଶନ ଦାବି କରିଛି। ସମ୍ମିଳନୀରେ ଆସୋସିଏଶନ ସାଧାରଣ ସମ୍ପାଦକ ଶିଶିର କୁମାର ପଣ୍ଡା ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ମାର୍କେଟ୍ ବିଲ୍ଡିଂ ପରିସରରେ ପଡ଼ିରହିଥିବା ଅଳିଆ ଆବର୍ଜନା।

**ପ୍ରଶାନ୍ତ ମହାପାତ୍ର ମେମୋରିଆଲ କ୍ରିକେଟ**

# ସୋଲାର କ୍ଲବ ଚାମ୍ପିୟନ

**ଭୁବନେଶ୍ୱର, ୨୭।୨ (କ୍ରୀଡ଼ା ପ୍ରତିନିଧି):** ନବ ଦାସ ସ୍ମୃତି କମିଟି ଆନୁକୂଲ୍ୟରେ ଆୟୋଜିତ ପ୍ରଥମ ପ୍ରଶାନ୍ତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟରେ ସୋଲାର କ୍ଲବ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ସୋଲାର ୪୨ ରନରେ ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ସୋଲାର ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୧୦ ରନ କରିଥିଲା। ଦଳ ପକ୍ଷରୁ ରୋହିତ ଚୌରାସିଆ ସର୍ବାଧିକ ୮୨ ଓ ପ୍ରୟାସ ସିଂ ୪୬ ରନ କରିଥିଲେ। ବିପକ୍ଷ ଦଳର ସସ୍ମିତ ବରାଳ, ବିଶ୍ୱଜିତ ଭୂୟାଁ, ଲକ୍ଷ୍ମୀଧର ପ୍ରଧାନ ୨ଟି ଲେଖାଏ ଉଇକେଟ ନେଇଥିଲେ। ୨୧୧ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ରାମେଶ୍ୱର ୧୬୮ ରନରେ ଅଲ୍ଆଉଟ ହୋଇ ଯାଇଥିଲା। ଅମ୍ପାୟର ନିର୍ମଳ ମିଶ୍ର ଓ ସୁଶାନ୍ତ ଦାସ ମ୍ୟାଚ ପରିଚାଳନା କରିଥିଲେ। ସୋଲାରର ପ୍ରୟାସ ସିଂ ଠାକୁର ମ୍ୟାନ୍ ଅଫ୍ ଦି ମ୍ୟାଚ ଓ କ୍ଷମାସାଗର ବଳ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ଚାମ୍ପିୟନ ସୋଲାର ଦଳକୁ ଟ୍ରଫି ସହ ୩୦,୦୦୦ ଓ ରନର୍ସଅପ୍ ରାମେଶ୍ୱରକୁ ଟ୍ରଫି ଏବଂ ୨୦,୦୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା।



ସୋଲାର କ୍ଲବ ଦଳର ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

## ପୁଟିନ୍‌ଙ୍କୁ ସସ୍‌ପେଣ୍ଡ କଲା ବିଶ୍ୱ ଜୁଡୋ ପରିଷଦ

**ବୁଦାପେଷ୍ଟ, ୨୭।୨(ଏପି):** ବିଶ୍ୱ ଜୁଡୋ ପରିଷଦ ରବିବାର ଏହାର ସମ୍ମାନଜନକ ସଭାପତି ପଦବୀରୁ ଭ୍ଲାଡିମିର ପୁଟିନ୍‌ଙ୍କୁ ସାମୟିକ ସସ୍‌ପେଣ୍ଡ କରିଛି। ୟୁକ୍ରେନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ କାରଣରୁ ରୁଷିଆ ରାଷ୍ଟ୍ରପତିଙ୍କ ବିରୋଧରେ ଏହି ପଦକ୍ଷେପ ନେଇଛି। ପୁଟିନ ନିଜେ ହେଉଛନ୍ତି ଜଣେ ଜୁଡୋକା। ୨୦୧୨ ଲଣ୍ଡନ ଅଲିମ୍ପିକ୍ସ ଜୁଡୋ ପ୍ରତିଯୋଗିତା ବେଳେ ସେ ଉପସ୍ଥିତ ଥିଲେ।

## ରୁଷିଆ ବିପକ୍ଷରେ ଖେଳିବ ନାହିଁ ଚେକ୍ ରିପବ୍ଲିକ

**ପ୍ରେଗ, ୨୭।୨(ଏପି):** ୟୁକ୍ରେନ ଉପରେ ଆକ୍ରମଣର ପ୍ରତିବାଦ ସ୍ୱରୂପ ଆସନ୍ତା ମାସରେ ରୁଷିଆ ବିପକ୍ଷରେ ୨୦୨୨ ଫିଫା ବିଶ୍ୱକପ୍ କ୍ୱାଲିଫାଇଙ୍ଗ ନ ଖେଳିବା ଲାଗି ଚେକ୍ ରିପବ୍ଲିକ ନିଷ୍ପତ୍ତି ନେଇଛି। ପୂର୍ବରୁ ପୋଲାଣ୍ଡ ଓ ସୁଇଡେନ ଏହି ନିଷ୍ପତ୍ତି ନେଇ ସାରିଛନ୍ତି। ଚେକ୍ ଫୁଟ୍‌ବଲ ଆସୋସିଏଶନର କାର୍ଯ୍ୟନିର୍ବାହୀ କମିଟି ବୈଠକ ବସିଥିଲା। କୌଣସି କ୍ଷେତ୍ରରେ ରୁଷିଆ ସହିତ ନ ଖେଳିବା ଲାଗି ଏଥିରେ ସର୍ବସମ୍ମତି ନିଷ୍ପତ୍ତି ନିଆଯାଇଥିଲା। ପୂର୍ବରୁ ପୋଲାଣ୍ଡ ଓ ସୁଇଡେନ ଫୁଟ୍‌ବଲ ମହାସଂଘ ଶନିବାର ସମାନ ନିଷ୍ପତ୍ତି ନେଇଥିଲେ। ଆସନ୍ତା ମାସରେ ଖେଳାଯିବାକୁ ଥିବା ପ୍ଲେ-ଅଫ୍‌ରେ ଚେକ୍ ରିପବ୍ଲିକ ରୁଷିଆର ଏକ ସମ୍ଭାବ୍ୟ ପ୍ରତିଦ୍ୱନ୍ଦ୍ୱୀ ବିବେଚନା କରାଯାଉଛି। ପୋଲାଣ୍ଡ-ରୁଷିଆ ମ୍ୟାଚର ବିଜେତା ମାର୍ଚ୍ଚ ୨୯ରେ ଆୟୋଜକ ସୁଇଡେନ କିମ୍ବା ଚେକ୍ ରିପବ୍ଲିକକୁ ଭେଟିବା କାର୍ଯ୍ୟକ୍ରମ ରହିଥିଲା।

## ନାଡାଲଙ୍କୁ ୯୧ତମ ଏଟିପି ଟାଇଟଲ

**ଆକାପୁଲ୍‌କୋ (ମେକ୍ସିକୋ), ୨୭।୨ (ଏପି):** ରାଫାଲ ନାଡାଲ ମେକ୍ସିକାନ ଓପନ ଟେନିସ ଟାଇଟଲ ହାସଲ କରିଛନ୍ତି। ସ୍ପେନର ୩୫ ବର୍ଷୀୟ ଏହି ଷ୍ଟାର ଖେଳାଳି ପୁରୁଷ ସିଙ୍ଗଲ୍ସ ଫାଇନାଲରେ କାମେରନ ନୋରିଙ୍କୁ ୬-୪, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ଏହା ହେଉଛି ତାଙ୍କ କ୍ୟାରିୟରର ୯୧ତମ ଏଟିପି ଟାଇଟଲ। ନାଡାଲ ଚଳିତ ବର୍ଷ ଏହାକୁ ମିଶାଇ ତିନୋଟି ଟୁର୍ନାମେଣ୍ଟ ଜିତିବାରେ ସଫଳ ହୋଇଛନ୍ତି।

## ଅଲ୍ ଓଡ଼ିଶା ଓପନ ସିନିୟର ବାସ୍କେଟବଲ

**ଭୁବନେଶ୍ୱର, ୨୭।୨ (କ୍ରୀଡ଼ା ପ୍ରତିନିଧି):** କଟକ ବାସ୍କେଟବଲ ଆସୋସିଏଶନ ଆନୁକୂଲ୍ୟରେ ଜବାହାରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ରବିବାର ଏକଦିବସୀୟ ଧୀରେନ୍ଦ୍ର ନାଥ ପ୍ରଧାନ ମେମୋରିଆଲ ଅଲ୍ ଓଡ଼ିଶା ଓପନ ସିନିୟର ବାସ୍କେଟବଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏହାର ମହିଳା ବିଭାଗ ଫାଇନାଲରେ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ୨୨-୧୫ ପଏଣ୍ଟରେ କଟକର ଏଣ୍ଟରଟେନରକୁ ହରାଇ ଚାମ୍ପିୟନ ହୋଇଛି। ସେହିପରି ପୁରୁଷ ବିଭାଗରେ ଓଡ଼ିଶା ଷ୍ଟୁଡେଣ୍ଟ୍ସ କ୍ଲବ ୪୯-୩୪ ପଏଣ୍ଟରେ କଟକର ସେଲ୍‌ଟିକ୍ସ କ୍ଲବକୁ ହରାଇ ଟାଇଟଲ ହାସଲ କରିଛି। ପ୍ରତିଯୋଗିତାର ପୁରୁଷ ବିଭାଗରେ ୨୦ ଓ ମହିଳାରେ ୬ଟି ଦଳ ଅଂଶଗ୍ରହଣ କରିଥିଲେ।



ଓଡ଼ିଶା ଷ୍ଟୁଡେଣ୍ଟ କ୍ଲବର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

## ଆହାନଙ୍କ ଶ୍ରେଷ୍ଠ ପ୍ରଦର୍ଶନ

**ଭୁବନେଶ୍ୱର, ୨୭।୨ (କ୍ରୀଡ଼ା ପ୍ରତିନିଧି):** ଏସ୍‌ବେସ୍ ଟେନିସ ଏକାଡେମୀର ଅନ୍ୟତମ ପ୍ରତିଭା ଆହାନ ମୁମ୍ବାଇରେ ଅନୁଷ୍ଠିତ ଏଆଇଟିଏ ଜାତୀୟ ଟେନିସ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇ ଇତିହାସ ରଚିଛନ୍ତି। ସମ୍ପ୍ରତି ଭାରତୀୟ ର୍‌ୟାଙ୍କିଙ୍ଗ୍‌ର ୨ ନମ୍ବରରେ ଥିବା ଓଡ଼ିଶାର ଆହାନ ଫାଇନାଲରେ ନମ୍ବର ୱାନ ଖେଳାଳି ହରିୟାଣାର ଆନନ୍ଦିତା ଉପାଧ୍ୟାୟଙ୍କୁ ୬-୪, ୬-୧ ସେଟ୍‌ରେ ହରାଇ ୧୨ ବର୍ଷରୁ କମ୍ ବାଳିକା ବର୍ଗର ଟାଇଟଲ ହାସଲ କରିଛନ୍ତି। କଠିନ ଅଧ୍ୟବସାୟ ଓ ପରିଶ୍ରମ ବଳରେ ଅଳ୍ପ ବୟସରୁ ମଧ୍ୟ ବଡ଼ ସଫଳତା ମିଳିପାରିବ ବୋଲି ସେ ପ୍ରମାଣିତ କରିଛନ୍ତି। ଡବଲ୍ସରେ ସେ ହରିୟାଣାର ପ୍ରାଚୀ ମଲିକଙ୍କୁ ସାଥିକରି ଫାଇନାଲରେ ପ୍ରବେଶ କରିଥିଲେ। ଦୁହେଁ ଲଢୁଆ ପ୍ରଦର୍ଶନ କରିଥିଲେ ମଧ୍ୟ ହରିୟାଣାର ଅନିନ୍ଦିତା ଉପାଧ୍ୟାୟ ଓ ରାଜସ୍ଥାନର ହବିଶା ଚୌଧୁରୀ ଯୋଡ଼ିଙ୍କଠାରୁ ୬-୨, ୬-୭(୫), ୮-୧୦ ସେଟ୍‌ରେ ହାରି ଯାଇଥିଲେ। ଆହାନଙ୍କ ପ୍ରଦର୍ଶନରେ ସ୍ୱାଭାବିକ ଭାବେ ଖୁସି ପ୍ରକାଶ କରିଛନ୍ତି କୋଚ୍ ଅଜୟ ନିଶଙ୍କ। ତାଙ୍କ ସଫଳତାରେ ମୁଁ ଗର୍ବିତ ବୋଲି ସେ ପ୍ରକାଶ କରିଛନ୍ତି। ଏଠାରେ ସ୍ମରଣଯୋଗ୍ୟ ଯେ, ଏସ୍‌ବେସ୍ ଟେନିସ ଏକାଡେମୀର ଅନ୍ୟତମ ଛାତ୍ର ମହେଶ ମହାପାତ୍ର ଏହା ପୂର୍ବରୁ ୧୨ ବର୍ଷରୁ କମ୍ ବର୍ଗରେ ଭାରତର ନମ୍ବର ୱାନ ର୍‌ୟାଙ୍କିଙ୍ଗ୍ ହାସଲ କରିଥିଲେ।



ଟ୍ରଫି ସହ ଆହାନ।

## ଇଶାନ କିଶନଙ୍କ ବ୍ରେନ୍ ସ୍କାନ କରାଗଲା

**ଧର୍ମଶାଳା, ୨୭।୨ (ପି.ଟି.):** ଭାରତ ଓପନର ଇଶାନ କିଶନଙ୍କ ବ୍ରେନ୍ ସ୍କାନ କରାଯାଇଛି। ଶନିବାର ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ରେ ଭାରତର ରନ୍ ଚେଜ୍ ବେଳେ ଚତୁର୍ଥ ଓଭରରେ ଲାହିରୁ କୁମାରାଙ୍କ ଏକ ବାଉନ୍ସର ତାଙ୍କ ମୁଣ୍ଡରେ ବାଜିଥିଲା। ଉଇକେଟକିପର ବ୍ୟାଟର ତୁରନ୍ତ ତାଙ୍କ ମୁଣ୍ଡରୁ ହେଲମେଟ ବାହାର କରିଦେଇଥିଲେ। ଭାରତର ମେଡିକାଲ ଟିମ୍ ପଡ଼ିଆକୁ ଯାଇ ତାଙ୍କର କନକସନ ଟେଷ୍ଟ କରିଥିଲେ। ଇଶାନ କିଶନଙ୍କୁ ସ୍ଥାନୀୟ ଫୋର୍ଟିସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ବ୍ରେନ୍ ସ୍କାନ କରାଯାଇଛି। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଗତ ରାତିରେ ମେଡିକାଲରେ ଅବସ୍ଥାନ କରିବାକୁ ପଡ଼ିଥିଲା। ସୂଚନାଯୋଗ୍ୟ, ଇଞ୍ଜୁରୀ ଯୋଗୁ ପୂର୍ବରୁ ବ୍ୟାଟର ଋତୁରାଜ ଗାଏକ୍ୱାଡ ଓ ସୂର୍ଯ୍ୟକୁମାର ଯାଦବ ଏବଂ ପେସ୍‌ର ଦୀପକ ଚହର ସିରିଜରୁ ବାହାର ହୋଇସାରିଥିଲେ।

## ରୌପ୍ୟ ଜିତିବାରେ ପୂଜା ପ୍ରଥମ ଭାରତୀୟ

**ଦୁବାଇ, ୨୭।୨ (ପି.ଟି.)**

ପାରା ତୀରନ୍ଦାଜ ପୂଜା ଜାଟିଆନ ଇତିହାସ ସୃଷ୍ଟି କରିଛନ୍ତି। ଏଠାରେ ଚାଲିଥିବା ପାରା ବିଶ୍ୱ ଚାମ୍ପିୟନଶିପ୍‌ରେ ସେ ପ୍ରଥମ ଭାରତୀୟ ଭାବେ ବ୍ୟକ୍ତିଗତ ବିଭାଗରେ ଏକ ରୌପ୍ୟ ପଦକ ଜିତିଛନ୍ତି। ଫାଇନାଲରେ ପୂଜା ଇ ଇଟାଲୀର ପେଟ୍ରିଲି ଭିନ୍‌ସେନ୍‌ଜାଙ୍କଠାରୁ ହାରିଯାଇଥିଲେ। ୨୪ ବର୍ଷୀୟା ପୂଜା ବାଲ୍ୟକାଳରୁ ପୋଲିଓ ଆକ୍ରାନ୍ତ। ଟାଇଟଲ ମୁକାମିଲାରେ ସେ ପ୍ରଥମେ ୩-୧ରେ ଅଗ୍ରଣୀ ଥିଲେ। ମାତ୍ର ପ୍ରଚୁର ଅଭିଜ୍ଞତା ସମ୍ପନ୍ନ ବିଶ୍ୱର ୭ ନମ୍ବର ର୍‌ୟାଙ୍କିଙ୍ଗପ୍ରାପ୍ତ ପେଟ୍ରିଲି ପ୍ରତ୍ୟାବର୍ତ୍ତନ କରି ପୂଜାଙ୍କୁ ୩-୭ (୨୪-୨୪, ୨୩-୨୧, ୨୬-୨୮, ୨୪-୨୬, ୨୫-୨୭)ରେ ହରାଇ ଦେଇଥିଲେ। ବିଶ୍ୱ ତୀରନ୍ଦାଜୀ ପାରା ଚାମ୍ପିୟନଶିପ୍‌ରେ ଭାରତ ଶ୍ରେଷ୍ଠ ପ୍ରଦର୍ଶନ କରି ୨ଟି ରୌପ୍ୟ ପଦକ ଜିତିବାରେ ସମର୍ଥ ହୋଇଛି। ପୂର୍ବରୁ କମ୍ପାଉଣ୍ଡ ମିକ୍ସଡ ପେୟାର ଶ୍ୟାମ ସୁନ୍ଦର ସ୍ୱାମୀ ଓ ଜ୍ୟୋତି ବଳିୟାନ ରୌପ୍ୟ ପଦକ ସହ ବିଶ୍ୱପାରା ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ଭାରତର ଖାତା ଖୋଲିଥିଲେ।

# ବିହାରୀଲାଲ ସ୍ମାରକୀ କ୍ରିକେଟ: ଜାଗୃତି ଚାମ୍ପିୟନ

**ପୁରୁଣା ଭୁବନେଶ୍ୱର, ୨୭।୨ (ଡି.ଏନ.ଏ.):** ସ୍ଥାନୀୟ ପୋଖରୀପୁଟ ଷ୍ଟାଡିୟମରେ ଅନୁଷ୍ଠିତ ବିହାରୀଲାଲ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟରେ ଜାଗୃତି କ୍ରିକେଟ ଏକାଡେମୀ (ଏସ୍‌ଜିଓ) ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ଏହି ଦଳ ସହିଦ ସ୍ପୋର୍ଟିଂକୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସହିଦ ସ୍ପୋର୍ଟିଂ ୯ ଓଭରରେ ସମସ୍ତ ଉଇକେଟ ହରାଇ ୯୫ ରନ କରିଥିଲା। ଜବାବରେ ଜାଗୃତି ୯ ଓଭରରେ ୫ ଉଇକେଟ ହରାଇ ୧୦୧ ରନ ସଂଗ୍ରହ କରି ନେଇଥିଲା। କାର୍ତ୍ତିକ ବିଶ୍ୱାଳ ଶେଷ ବଲ୍‌ରେ ଛକାମାରି ଦଳକୁ ବିଜୟୀ କରାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ପଦ୍ମଶ୍ରୀ ଦିଲୀପ ତିର୍କୀ, ପୂର୍ବତନ ରଣଜୀ ଅଧିନାୟକ ରଶ୍ମି ରଞ୍ଜନ ପରିଡ଼ା, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ସୁଦର୍ଶନ ପ୍ରଧାନ, ଅଶୋକ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୧୫,୦୦୦ ଓ ରନର୍ସଅପ୍ ଦଳକୁ ୧୦,୦୦୦ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ଆୟୋଜକ ସଭାପତି ଅକ୍ଷୟ ଜେନାଙ୍କ ସହ କୃଷ୍ଣଚନ୍ଦ୍ର ସାମନ୍ତରାୟ, ନିର୍ଭୟ ସାମନ୍ତରାୟ, ଗୋପାଳ ପଟ୍ଟନାୟକ, ଚିତ୍ତ ବିଶ୍ୱାଳ, ପ୍ରମୋଦ ଜେନା, ବାପି ପ୍ରଧାନ, ଗିରିଶ ପାତ୍ର, ନୀଳାଦ୍ରି ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ପରିଚାଳିତ ହୋଇଥିଲା। ଅମ୍ପାୟର ମୌସମ ପାଢ଼ୀ ଓ ଲଭ୍‌ଲି ମିଶ୍ର ଫାଇନାଲ ପରିଚାଳନା କରିଥିଲେ। ଏସ୍.ବି. ସିମରନ ଭାଷ୍ୟକାର ଦାୟିତ୍ୱ ନିର୍ବାହ କରିଥିଲେ।


ଅତିଥିଙ୍କ ଗହଣରେ ଜାଗୃତି କ୍ରିକେଟ ଏକାଡେମୀ ଖେଳାଳି।

## ଅନ୍ୟାନ୍ୟ ଖବର

# ୟୁକ୍ରେନ୍‌ରେ ସ୍ୱାସ୍ଥ୍ୟ ସଙ୍କଟ

**କ୍ୱିଭ୍, ୨୭।୨**

ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଚତୁର୍ଥ ଦିନରେ ପହଞ୍ଚିଥିବାବେଳେ ସେଠାରେ ଗୁରୁତର ସ୍ୱାସ୍ଥ୍ୟ ସଙ୍କଟ ଦେଖାଦେଇଛି। ରାଜଧାନୀ କ୍ୱିଭ୍ ସମେତ ସାରା ଦେଶରେ ଅକ୍ସିଜେନ୍ ଯୋଗାଣ ସ୍ଥିତି ବିପଜ୍ଜନକ ସ୍ତରରେ ପହଞ୍ଚିଛି। ଟ୍ରକ୍ ଯୋଗେ ପ୍ଲାଣ୍ଟରୁ ଅକ୍ସିଜେନ ନେଇ ହସ୍ପିଟାଲରେ ପହଞ୍ଚାଇବା ସମ୍ଭବ ହେଉନାହିଁ। କେତେକ ହସ୍ପିଟାଲରେ ଅକ୍ସିଜେନ୍ ଶେଷ ହୋଇଥିବାବେଳେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଅଧିକାଂଶ ହସ୍ପିଟାଲରେ ସମାନ ସ୍ଥିତି ଉପୁଜିବାକୁ ଯାଉଛି। ଫଳରେ ହଜାର ହଜାର ରୋଗୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ଏହା ବ୍ୟତୀତ ଅକ୍ସିଜେନ୍ ଜେନେରେଟର ଉତ୍ପାଦନକାରୀ କମ୍ପାନୀ ଜିଓଲାଇଟ୍ ଅଭାବର ସମ୍ମୁଖୀନ ହୋଇଛନ୍ତି। ବାହାର ଦେଶରୁ ତୁରନ୍ତ ଜିଓଲାଇଟ୍ ନିରାପଦରେ ସହ ଉକ୍ତ ପ୍ଲାଣ୍ଟରେ ପହଞ୍ଚିବା ଜରୁରୀ ହୋଇପଡ଼ିଛି।

ଅକ୍ସିଜେନ୍ ଓ ଜରୁରୀ ମେଡିକାଲ ଯୋଗାଣ ଅଭାବକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ମହାନିର୍ଦ୍ଦେଶକ ଟେଡ୍ରୋସ୍ ଆଧାନମ୍ ଘେବ୍ରିଏସସ୍ ଏବଂ ୟୁରୋପ ପାଇଁ ଏହାର ଆଞ୍ଚଳିକ ନିର୍ଦ୍ଦେଶକ ଡ. ହାନ୍ସ ହେନ୍‌ରି ପି. କ୍ଲୁଗେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜରୁରୀ ଔଷଧ ଓ ଅନ୍ୟାନ୍ୟ ଯୋଗାଣ ନିରାପଦର ସହିତ ପହଞ୍ଚାଇବାକୁ ସେମାନେ ଆହ୍ୱାନ ଦେଇଛନ୍ତି। ସଙ୍କଟ ସମୟରେ ମାନବୀୟ ଦାୟିତ୍ୱ ଭାବେ ସ୍ୱାସ୍ଥ୍ୟକୁ ସର୍ବାଧିକ ପ୍ରାଥମିକତା ମିଳିବା ଆବଶ୍ୟକ। ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଏବଂ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ସୁରକ୍ଷିତ, କାର୍ଯ୍ୟକ୍ଷମ ରହିବା ସହ ସମସ୍ତଙ୍କ ପାଇଁ ଉପଲବ୍ଧ ହେବା ଜରୁରୀ।


ହସ୍ପିଟାଲରେ ଅକ୍ସିଜେନ୍ ଅଭାବ

## ବାବାଜୀଙ୍କୁ ମଠକୁ ପଠାଇବେ ୟୁପି ଭୋଟର: ଅଖିଳେଶ

**ଗୋରଖପୁର/ଦେଓରିଆ, ୨୭।୨:** ଉତ୍ତରପ୍ରଦେଶ ଜନସାଧାରଣ ବାବାଜୀଙ୍କୁ ମଠକୁ ଫେରାଇଦେବା ଲାଗି ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଲକ୍ଷ୍ୟ କରି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ରବିବାର ଏହା କହିଛନ୍ତି। ଗୋରଖପୁର ମଠ ମହନ୍ତ ଆଦିତ୍ୟନାଥ ୫ ଥର ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି। ଚିଲୁପାର ନିର୍ବାଚନ ମଣ୍ଡଳୀରେ ଦଳୀୟ ପ୍ରାର୍ଥୀ ବିନୟ ଶଙ୍କର ତିୱାରୀଙ୍କ ପାଇଁ ପ୍ରଚାର କରିବାକୁ ଯାଇଥିବା ଅଖିଳେଶ ଏକ ରାଲିକୁ ସମ୍ବୋଧିତ କରି କହିଥିଲେ, ରବିବାର ୫ମ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେଉଛି। ବାବାଜୀଙ୍କୁ ମଠକୁ ପଠାଇବା ଲାଗି ସମସ୍ତେ ନିଷ୍ପତ୍ତି ନେଇସାରିଛନ୍ତି। ସେହିପରି ଦେଓରିଆଠାରେ ଅନ୍ୟ ଏକ ସଭାକୁ ସମ୍ବୋଧିତ କରି ଅଖିଳେଶ କହିଥିଲେ ବାବାଜୀ ଲାପ୍‌ଟପ୍ କିମ୍ବା ସ୍ମାର୍ଟଫୋନ୍ ଚଳାଇ ଜାଣିନାହାନ୍ତି। ତେଣୁ ସେ କାହାକୁ ଲାପ୍‌ଟପ୍ ଦେବେ ନାହିଁ। ଏଭଳି ଜଣେ ମୁଖ୍ୟମନ୍ତ୍ରୀ କିପରି ରାଜ୍ୟ ଚଳାଇପାରିବେ ବୋଲି ଏସ୍‌ପି ନେତା ପ୍ରଶ୍ନ କରିଥିଲେ। ସମାଜବାଦୀ ପାର୍ଟି ରାଜ୍ୟରେ ପରବର୍ତ୍ତୀ ସରକାର ଗଢ଼ିବ ବୋଲି ଅଖିଳେଶ ଦୃଢ଼ତାର ସହ କହିଛନ୍ତି।

# ଭାଜପାରେ ଗୁଲାମ ନବୀଙ୍କ ପୁତୁରା



ଜମ୍ମୁ-କଶ୍ମୀରର ଭାଜପା ସଭାପତି ରବୀନ୍ଦ୍ର ରାଇନାଙ୍କ ସହ ମୁବାଶିର ଆଜାଦ (ବାମ)।

**ଜମ୍ମୁ, ୨୭।୨:** ବରିଷ୍ଠ କଂଗ୍ରେସ ନେତା ଗୁଲାମ ନବୀ ଆଜାଦଙ୍କ ପୁତୁରା ମୁବାଶିର ଆଜାଦ ରବିବାର ଭାଜପାରେ ସାମିଲ ହୋଇଛନ୍ତି। ତୃଣମୂଳ ସ୍ତରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶମୂଳକ କାର୍ଯ୍ୟରେ ସେ ପ୍ରଭାବିତ ହୋଇଥିବା କହିଛନ୍ତି। ଗୁଲାମ ନବୀଙ୍କ ସାନଭାଇ ଲିଆକତ୍ ଅଲିଙ୍କ ପୁଅ ମୁବାଶିର। ଦାଦା ଗୁଲାମ ନବୀଙ୍କୁ କଂଗ୍ରେସ ନେତୃତ୍ୱ ଅସମ୍ମାନିତ କରୁଛି, ଯାହା ତାଙ୍କୁ ଆଘାତ ଦେଇଛି। ସେହି କାରଣରୁ ସେ ପୁରାତନ ଦଳ ଛାଡ଼ିବାକୁ ନିଷ୍ପତ୍ତି ନେଲେ ବୋଲି ମୁବାଶିର କହିଛନ୍ତି। ତେବେ ଭାଜପାରେ ସାମିଲ ହେବା ଯୋଜନା ସମ୍ପର୍କରେ ସେ ତାଙ୍କ ଦାଦାଙ୍କ ସହ ଆଲୋଚନା କରି ନ ଥିବା କହିଛନ୍ତି।

ଜମ୍ମୁ-କଶ୍ମୀରର ଭାଜପା ସଭାପତି ରବୀନ୍ଦ୍ର ରାଇନା ଏବଂ ଅନ୍ୟ ବରିଷ୍ଠ ନେତାମାନେ ମୁବାଶିର ଓ ତାଙ୍କ ସମର୍ଥକମାନଙ୍କୁ ଦଳକୁ ସ୍ୱାଗତ କରିଛନ୍ତି। ଗୈରିକ ଦଳରେ ମୁବାଶିରଙ୍କ ଯୋଗଦାନ ଏକ ଟର୍ଣ୍ଣିଂ ପଏଣ୍ଟ। ଡୋଡା, କିସ୍ତୱାର ଏବଂ ରାମ୍ବାନ ଜିଲାରୁ ଅଧିକ ଯୁବ କର୍ମୀ ଦଳରେ ସାମିଲ ହେବାରେ ଏହା ସହାୟକ ହେବ ବୋଲି ରାଇନା କହିଛନ୍ତି। ବିଭିନ୍ନ ବିରୋଧୀ ଦଳର ନେତା, ସବୁ ସମ୍ପ୍ରଦାୟରୁ ସାମାଜିକ କର୍ମୀ ଭାଜପାରେ ଯୋଗ ଦେଉଛନ୍ତି। ୨୦୦୯ରେ ଗୁଲାମ ନବୀଙ୍କ ଭାଇ ଗୁଲାମ ଅଲି ଭାଜପାରେ ଯୋଗ ଦେଇଥିଲେ।

# ସିଦ୍ଧିଦୁର୍ଗା ପାହାଡ଼ରୁ ଆସିଥିଲା ୭୩୦ ପଥର

**ଡ. ସୁରେନ୍ଦ୍ର କୁମାର ମିଶ୍ର**

- ଅରାଗଡ଼ ପାହାଡ଼ରୁ ପଥର ଆଣିବା ବେଳେ ଶିବିର ପଡ଼ିଥିଲା ତରାବୋଇ ଗାଁରେ
- ନୀଳଗିରିରୁ ପଥର ଆଣିବାକୁ ସାତୋଟି ନଦୀପଥ ଅତିକ୍ରମ କରିବାକୁ ପଡ଼ୁଥିଲା

**ଐତିହ୍ୟର ଓଡ଼ିଶା**

ବରେନ୍ ପାହାଡ଼ ପଥର ଚିହ୍ନଟ ଦଳର ଦଳପତି ଥିଲେ ଗଦେଇ ମହାରଣା। ଗଦେଇ ମହାରଣା ଆଜି ନାହାନ୍ତି କି ବରେନ୍ ପାହାଡ଼ ବି ନାହିଁ। ତରାବୋଇ ଗାଁଲୋକେ ଚାଉଳ କେବଳ ଯୋଗେଇଥିଲେ ତା'ନୁହେଁ, ସେ ଗାଁରେ ଦିନେ ପଥୁରିଆଙ୍କ ପାଇଁ ଶିବିର ପଡ଼ିଥିଲା।

ଅରାଗଡ଼ ପାହାଡ଼ରେ ପଥର ଚିହ୍ନଟ ପାଇଁ ପହଞ୍ଚିବା ପରେ ରହିଥିଲେ ତରାବୋଇ ଗାଁରେ। ଦଳପତି ଥିଲେ ନିଧି ମହାରଣା। କାର୍ଯ୍ୟନିର୍ବାହ କରିବା ପାଇଁ ବୀରଭଞ୍ଜ ପରିଦର୍ଶନ ଦାୟିତ୍ୱରେ ଥିଲେ। ତରାବୋଇରେ ଭଞ୍ଜ ବଂଶର ଦାୟାଦଙ୍କୁ ଚିହ୍ନଟ କରିହେଲାନି। ତେବେ ସେ ଅରାଗଡ଼ର ହୋଇପାରନ୍ତି। ଭଞ୍ଜ ଏକ ସାଙ୍ଗିଆ ନୁହେଁ, ଏକ ରାଜ ଉପାଧି। ଶିବିର ପଡ଼ିଥିଲା ୩ ମାସ ୧୦ ଦିନ। ଶିବିର ପାଇଁ ଟିକରପଡ଼ା ଭଣ୍ଡାରରୁ ଆସିଲା ୧୭ ଭରଣ ୧୨ ଗୌଣୀ ଚାଉଳ। ସୁନା ଖର୍ଚ୍ଚ ହେଲା ୪୨୮ ମାଢ଼।

ଏଠାରୁ ୧୩୦୭ ଖଣ୍ଡ ରେଗେଡ଼ା କୁଣ୍ଡାପଥର କଟାଗଲା। କଟାଳି ନେଲେ ୩୪ ମାଢ଼ ସୁନା। ପଥର ବୋହିବାକୁ ଲାଗିଲା ୩୪୦ ମାଢ଼ ସୁନା। ଅରାଗଡ଼ରୁ ଏକ ପାଣି ଦଣ୍ଡା (ପ୍ରାକୃତିକ କେନାଲ) ଥିଲା ଦୟାନଦୀ ପର୍ଯ୍ୟନ୍ତ। ଚାପ ଆସିବାକୁ ତାହା ଖୋଳାଯାଇଥିଲା। ୩ଟି ବଡ଼ ଚାପରେ ପଥର ପହଞ୍ଚିଥିଲା ଦୟାନଦୀରେ। ସେଠୁ ୧୦ଟି ବଡ଼ ନୌକାରେ ଚାପରୁ କିଛି ପଥର କଢ଼ାଯାଇ ଲଦାଗଲା। ପଥର ଚାପ ଓ ନାହା ଚାଲିଲେ କୁଆଖାଇ ନଦୀକୁ। କୁଆଖାଇରୁ ସୋଲ ନଦୀକୁ। ଦୟା ନଦୀ ବହୁ ଇତିହାସର ସାକ୍ଷୀ। କୋଣାର୍କକୁ ପଥର ଆସିବାର ସାକ୍ଷୀ, ସତରେ ସେ କଥା କହିପାରୁଥାନ୍ତା କି! ଏହା ଥିଲା କୋଣାର୍କକୁ ଷୋହଳତମ ପଥର ଆସିବାର ପ୍ରସଙ୍ଗ।

ତାପଙ୍ଗ ମଧ୍ୟ ଦୟା ନଦୀ ପରି ଓଡ଼ିଶା ଇତିହାସର ଅନ୍ୟତମ ସାକ୍ଷୀ। ଠିକ୍ ସେମିତି ସୋଲ ନଦୀ ମଧ୍ୟ। ସୋଲ ନଦୀକୁ ଚାପ ନ ଆସିଲେ ଉଦିପୁର ଦଣ୍ଡାକୁ ଆସିପାରିବ ନାହିଁ। ଉଦିପୁର ଦଣ୍ଡା ସିଧା ପଦ୍ମତୋଳା ଗଣ୍ଡ ଦିଗରେ ସଂଯୋଗ ହୋଇଥିଲା।

ତାପଙ୍ଗମାଳର ୨୩୪ଟି ନାଲି ରେଗେଡ଼ା ସାହାଣ ପଥର ଦୟା ନଦୀ-ମହା ନଦୀ-ସୋଲ ନଦୀ-ଉଦିପୁର ଦଣ୍ଡା ଦେଇ ପଦ୍ମତୋଳା ଗଣ୍ଡ ନିକଟରେ ପହଞ୍ଚିଥିଲା। ତାପଙ୍ଗମାଳର ଭୀମଟାଙ୍ଗିରୁ ଏହି ପଥର ଆସିଥିଲା। ପଥୁରିଆଙ୍କ ଦଳପତି ଥିଲେ ନାରାୟଣ ମହାରଣା। ତାପଙ୍ଗ ଦଳବେହେରାଙ୍କ ପକ୍ଷରୁ କାର୍ଯ୍ୟ ତଦାରଖ କରୁଥିଲେ ବୀରମଲ୍ଲ। ତାପଙ୍ଗରେ ଶିବିର ପଡ଼ିଥିଲା ଚାରିମାସ। ଖର୍ଚ୍ଚ ହେଲା ୧୮୦ ମାଢ଼ ସୁନା। ତାପଙ୍ଗ ଭୀମଟାଙ୍ଗିରୁ ପଥର ଆସିବା ସତର ଥର, ଅଠରଥର ପଥର ଆସିଥିଲା ନୀଳଗିରିରୁ। ନୀଳଗିରିରେ ଥିବା 'ପିଠଉଶୁଣି' ପାହାଡ଼ ତଳେ ଥିବା ବାହାରମୁଣ୍ଡା ଗାଁ ମୁଣ୍ଡରେ ଶିବିର ପକେଇ ରହିଥିଲେ ପଥୁରିଆ। ଦଳପତି ନାରାୟଣ ମହାପାତ୍ରଙ୍କ ସହିତ ଯାଇଥିଲେ ୧୭୦ ଜଣ ପଥୁରିଆ। ଏଠିକି ସବୁଠାରୁ ଅଧିକ ପଥୁରିଆ ଯାଇଥିବାର ଜଣାପଡୁଛି। ରହିଲେ ଦୀର୍ଘ ସାତ ମାସ। ଦାୟିତ୍ୱ ନେଇଥିଲେ ରତ୍ନ ଶର୍ମା। ପଥର କଟାଯିବା ପରେ ସାଙ୍ଗି ମାଧ୍ୟମରେ ପଥର ବୁହାହେଲା ବିରୁଡ଼ିନାଳିଆ ପାଖକୁ। ବିରୁଡ଼ିନାଳିଆରୁ ଭସାଣଦଣ୍ଡାକୁ ଆଉ ଏକ ଦଣ୍ଡା ବା କେନାଲ ଥିଲା। ତାକୁ କୁହାଯାଉଥିଲା ମହାନଦୀନାଳିଆ। ନୀଳଗିରିରୁ ଜଳପଥରେ ପଥର ଆଣିବା ସହଜ ନ ଥିଲା। ସେଥିପାଇଁ ବହୁ ପୂର୍ବରୁ ପ୍ରସ୍ତୁତି ସରିଥିଲା। ମହାନଦୀନାଳିଆ ସଂଯୋଗ ହୋଇଥିଲା ଭଷାଣଦଣ୍ଡା ସହିତ। ଭଷାଣଦଣ୍ଡା ଦେଇ ଚାପ ପହଞ୍ଚିଥିଲା 'ବାହାରିଆଜୋର'ରେ। ବାହାରିଆ ଜୋରରୁ ଚିତ୍ରୋପ୍ତଳା ଗଣ୍ଡ, ସେଠାରୁ ସୋଲ ନଦୀ। ସୋଲ ନଦୀ ଗଣ୍ଡରୁ ଉଦିପୁର ଦଣ୍ଡା, ତା'ପରେ ପଦ୍ମତୋଳା ଗଣ୍ଡ।

ବିରୁଡ଼ିନାଳିଆ, ମହାନଦୀନାଳିଆ, ଭସାଣଦଣ୍ଡା, ବାହାରିଆ ଜୋର, ଚିତ୍ରୋପ୍ତଳା ଗଣ୍ଡ, ସୋଲ ନଦୀ ଗଣ୍ଡ, ଉଦିପୁର ଦଣ୍ଡା, ପଦ୍ମତୋଳା ଗଣ୍ଡ। ସାତୋଟି ଜଳପଥ ଦେଇ ଚାପଦଳେଇ ଚାପରେ ପହଞ୍ଚେଇବା ପରେ ସେତେବେଳେ ନେଇଥିଲେ ୧୩୦ ମାଢ଼ ସୁନା। ଅନ୍ୟ ଖର୍ଚ୍ଚ ୧୬୬ ମାଢ଼। ଚାଉଳ ଏବଂ ଅନ୍ୟାନ୍ୟ ଆବଶ୍ୟକ ଦ୍ରବ୍ୟ ଯୋଗାଇଥିଲେ ରେମୁଡ଼ା ଦଣ୍ଡପାଟର ମୁଖିଆ। ପଥୁରିଆ, ଦଳପତି ଓ ଚାପଦଳେଇଙ୍କୁ ସାଧାରଣ ଲୋକେ ସାହାଯ୍ୟ ଓ ସହଯୋଗ କରି ନ ଥିଲେ ଏତେ ଶୃଙ୍ଖଳିତ ଭାବରେ କୌଣସି ଅଘଟଣ ନ ଘଟି ସୁବିଧାରେ ଆସି ପଥର ପଦ୍ମତୋଳା ଗଣ୍ଡରେ ପହଞ୍ଚିପାରି ନ ଥାନ୍ତା।

ନୀଳଗିରିରୁ ପଥର ଆସି ପହଞ୍ଚିବା ପରେ ବାଣେଶ୍ୱରନାସୀରୁ ପଥର ଆସିଥିଲା। ବାଣେଶ୍ୱରନାସୀ ଅଞ୍ଚଳ ବଡ଼ମ୍ବା-ନରସିଂହପୁର ଗଡ଼ଜାତ ଅଞ୍ଚଳରେ ଅବସ୍ଥିତ। ବାଣେଶ୍ୱରନାସୀର ସିଦ୍ଧିଦୁର୍ଗା ପାହାଡ଼ରୁ ବାଲିଆ ହଳଦିଆ ସାହାଣ ପଥର ୭୩୦ ଖଣ୍ଡ ଆସିଥିଲା। ମହାନଦୀ କୂଳରେ ଏହି ପାହାଡ଼ ଅବସ୍ଥିତ। ଦେବୀ ଭଟ୍ଟାରିକାଙ୍କ ପୀଠଠାରୁ ଅଳ୍ପ ଦୂରରେ। ଏହି ପାହାଡ଼ରେ ରହିଛି ପ୍ରଜ୍ଞା-ପାରମିତା ପୀଠ। ବୌଦ୍ଧ ଧାରାର ମହାନ୍ ସାଧିକା ପ୍ରଜ୍ଞାପାରମିତା ଏହି ପାହାଡ଼ରେ ସାଧନା କରିଥିବାର ଐତିହ୍ୟ ରହିଛି। ପାହାଡ଼ର ପାଦଦେଶରେ ରହିଥିଲା 'ବୁଦ୍ଧେଶ୍ୱର ଗାଁ'। ଏଇ ଗାଁରେ ଶିବିର ପଡ଼ିଥିଲା ୩ମାସ ୧୮ ଦିନ। ପଥୁରିଆମାନଙ୍କ ସହିତ ଦେଖାରଖା କରିବାକୁ ରହିଥିଲେ ମଧୁ ମହାରଣା ଓ ବୀର ଓଝା। ପଥର କଟାଳିଙ୍କ ମୁଖିଆ ବୀର ବଡ଼ଜେନା ତଦାରଖ ଦାୟିତ୍ୱରେ ଥିଲେ। ଶିବିର ଖର୍ଚ୍ଚ ସହିତ ମୋଟ ୧୨୬ ମାଢ଼ ସୁନା ଖର୍ଚ୍ଚ ହୋଇଥିଲା। ବଡ଼ବଡ଼ ଆକାରର ପଥର କାଟିବାକୁ ଅଲଗା ୭ ମାଢ଼ ସୁନା ଦିଆଯାଇଥିଲା। ଏହାକୁ ମିଶାଇ ୧୯ ଥର ପଥର ଆସିଲା କୋଣାର୍କକୁ।


ସିଦ୍ଧିଦୁର୍ଗା ପାହାଡ଼ରେ ଥିବା ପ୍ରଜ୍ଞା ପାରମିତା ପୀଠ। (ଫଟୋ: ଦେବ କୁମାର, ନରସିଂହପୁର)

## ସଂକ୍ଷେପରେ

### ପଲ୍‌ସ ପୋଲିଓ ଟିକାକରଣ ଆରମ୍ଭ

**ଖୋର୍ଦ୍ଧା ଅଫିସ,୨୭।୨:** ଖୋର୍ଦ୍ଧା ଜିଲାରେ ରବିବାର ପଲ୍‌ସ ପୋଲିଓ ଟିକାକରଣ ଆରମ୍ଭ ହୋଇଛି। ରବିବାର ଜିଲା ସଦର ମହକୁମା ଚିକିତ୍ସାଳୟ ପରିସରରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ୬୨୦ଟି ବୁଥ୍‌ରେ ୦-୫ବର୍ଷର ପିଲାଙ୍କୁ ପୋଲିଓ ବୁନ୍ଦା ଦିଆଯାଇଛି। ୨୮ ଓ ୧ ତାରିଖରେ ଘରକୁ ଘର ବୁଲି ପୋଲିଓ ବୁନ୍ଦା ଦିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଆର୍ତ୍ତବନ୍ଧୁ ନାୟକ, ଏଡିଏମ୍‌ଓ (ପରିବାର କଲ୍ୟାଣ) ଡା. ରଘୁନାଥ ନାୟକ, ହସ୍ପିଟାଲ ମ୍ୟାନେଜର ଡା. ବିନାୟକ ପାଣିଗ୍ରାହୀ, ହସ୍ପିଟାଲ ମ୍ୟାନେଜର (ପ୍ରଶାସନ) ସଙ୍ଗୀତା ସ୍ୱାଇଁ, ଡିପିଏମ୍ ପ୍ରକାଶ ବାନାର୍ଜୀ, ଡିପିଏଚଓ ପ୍ରସନ୍ନ କୁମାର ମହାପାତ୍ର, ପ୍ରଦ୍ୟୁମ୍ନ ମିଶ୍ର, କାଦମ୍ବରୀ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

### କପିଳେଶ୍ୱରଦେବଙ୍କ ପୀଠରେ ରୁଦ୍ର ମହାଯଜ୍ଞ

**ନିରାକାରପୁର,୨୭।୨(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତସ୍ଥିତ କପିଳେଶ୍ୱର ଦେବଙ୍କ ପୀଠରେ ଶତଚଣ୍ଡୀ ଓ ରୁଦ୍ର ମହାଯଜ୍ଞ ରବିବାର ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଡିଆ ଗ୍ରାମରେ ଥିବା ବଡ ପୋଖରୀରୁ ଶତାଧିକ ମହିଳା ଓ ପୁରୁଷ ଜଳ ଉଠାଇ ଶୋଭାଯାତ୍ରାରେ ଯାଇ ଯଜ୍ଞ ମଣ୍ଡପରେ ପହଞ୍ଚି କଳସ ସ୍ଥାପନ କରିଥିଲେ। ଏହା ପରେ ଯଜ୍ଞ ଆରମ୍ଭ ହୋଇଥିଲା। ମଙ୍ଗଳବାର ଶିବରାତ୍ରିରେ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ରହିଛି ବୋଲି ଅନୁଷ୍ଠାର ସଞ୍ଜୟ କୁମାର ମହାପାତ୍ର, ମାନସ ଚନ୍ଦ୍ର ପଟ୍ଟନାୟକ, କିଶୋର ଦାସ, ସାରଙ୍ଗଧର ମହାପାତ୍ର ସୂଚନା ଦେଇଛନ୍ତି।

### ଦୁର୍ଘଟଣା: ଜଣେ ଗୁରୁତର

**ବୋଲଗଡ଼,୨୭।୨(ଡି.ଏନ୍.ଏ.):** ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟ ସମ୍ମୁଖ ରାସ୍ତାରେ ରବିବାର ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨ଜଣ ଆହତ ହୋଇଛନ୍ତି। ଆହତଦ୍ୱୟ ହେଲେ ନୟାଗଡ଼ ଜିଲା ଶିଖରପୁର ଅଞ୍ଚଳର ଅଜୟ ମହାରଣା ଓ ଖୁଣ୍ଟୁଣୀ ଅଞ୍ଚଳର ପପୁ ମୁଦୁଲି। ପପୁଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ଏହି ମହାବିଦ୍ୟାଳୟରେ ପଞ୍ଚାୟତ ନିର୍ବାଚନ ଭୋଟ୍‌ଗଣତି ଚାଲିଥିବା ସମୟରେ ଜାତୀୟ ରାଜପଥରେ ଲୋକମାନେ ଛିଡା ହୋଇଥିଲେ। ମଧ୍ୟାହ୍ନରେ ଅଜୟ ଓ ପପୁ ଏକ ବାଇକ୍‌ରେ ଭୁବନେଶ୍ୱରରୁ ନୟାଗଡ଼ ଅଭିମୁଖେ ଯାଉଥିବା ବେଳେ ମହାବିଦ୍ୟାଳୟ ସମ୍ମୁଖ ରାସ୍ତାରେ ଛିଡ଼ା ହୋଇଥିବା ବାଇକକୁ ଧକ୍କା ଦେଇଥିଲେ। ଫଳରେ ତଳେ ପଡ଼ି ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

### 'ଆଚାର୍ଯ୍ୟ ହରିହରଙ୍କ ସରଳ ଜୀବନ ଅନୁକରଣ କର'

**ପୁରୀ ଅଫିସ,୨୭।୨:** ପୁରୀ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ଆଚାର୍ଯ୍ୟ ହରିହର ସ୍ମୃତି ସଂସଦ ମିଳିତ ଆନୁକୂଲ୍ୟରେ ରବିବାର ଆଚାର୍ଯ୍ୟ ହରିହରଙ୍କ ୧୪୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଆଚାର୍ଯ୍ୟ ହରିହର ଛକସ୍ଥିତ ଆଚାର୍ଯ୍ୟ ହରିହର ଓ ଗାନ୍ଧୀସ୍ମୃତି ପୀଠରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ଗାନ୍ଧୀ ସ୍ମୃତି ପୀଠରେ ଆଚାର୍ଯ୍ୟ ହରିହର ସ୍ମୃତି ସଂସଦର ସଭାପତି ଉମାବଲ୍ଲଭ ମହାପାତ୍ରଙ୍କ ଅଧକ୍ଷତାରେ ଜିଲାସ୍ତରୀୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଆଚାର୍ଯ୍ୟ ହରିହରଙ୍କ ବାଣୀ, ସେବା ଓ ତ୍ୟାଗ ଆଗାମୀ ପିଢ଼ୀଙ୍କୁ ପ୍ରେରଣା ଯୋଗାଇବା ସହ ଯୁବପିଢ଼ୀଙ୍କୁ ସୁପଥଗାମୀ କରିବ। ଶିକ୍ଷାକ୍ଷେତ୍ରରେ ଆଚାର୍ଯ୍ୟ ହରିହରଙ୍କର ଯଥେଷ୍ଟ ଅବଦାନ ରହିଛି। ଆଜିକାର ପୀଢ଼ି ଏହାକୁ ପାଥେୟ କରି ଆଗକୁ ବଢ଼ିବା ଦରକାର। ସେହିଭଳି ତାଙ୍କ ସରଳ ଜୀବନକୁ ଅନୁକରଣ କରିବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ରୀୟ ଜେନା, ଅବସରପ୍ରାପ୍ତ ପ୍ରଶାସକ ବିଜୟ କୁମାର ନନ୍ଦ, ଶିକ୍ଷାବିତ୍ ସୁଧାକର ମହାପାତ୍ର ଏବଂ ଗଙ୍ଗାଧର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ଜିଲା ସ୍କୁଲର ଛାତ୍ରୀ ସଂଘମିତ୍ରା ବେହେରା ଓ ରାମଚନ୍ଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସାଇ ଇପ୍ସିତା ପାଢ଼ୀଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଥିଲା। ଶିବପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ନବକିଶୋର ରଥ ଧନ୍ୟବାଦ ଦେଇଥିଲେ। ପ୍ରଫେସର ମାନସ ରଞ୍ଜନ ମହାପାତ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

# ବିଜେଡି ୯, ଭାଜପା ୧ରେ ବିଜୟୀ

**ଖୋର୍ଦ୍ଧା ଅଫିସ,୨୭।୨**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ମତଦାନ ଫଳାଫଳ ଘୋଷଣା ହୋଇଛି। ପ୍ରଥମ ଦିବସରେ ଖୋର୍ଦ୍ଧା ଜିଲାର ୧୦ଟି ଜିଲାପରିଷଦ ଆସନ ମଧ୍ୟରୁ ବିଜେଡି ଏକତରଫା ଭାବେ ୯ଟିରେ ଜିତିଥିବା ବେଳେ ଭାଜପାକୁ ଗୋଟିଏ ଆସନରେ ସନ୍ତୁଷ୍ଟ ରହିବାକୁ ପଡ଼ିଛି। କଂଗ୍ରେସ ଖାତା ଖୋଲିପାରିନାହିଁ।

ଖୋର୍ଦ୍ଧା ବ୍ଲକର ୧ନମ୍ବର ଜିଲା ପରିଷଦ ଜୋନରେ ବିଜେଡିର ପ୍ରଫୁଲ୍ଲ କୁମାର ଦଳାଇ ୧୨, ୨୩୯ ଭୋଟ ପାଇଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦୀ ଭାଜପାର ପ୍ରବୀଣା ଭଞ୍ଜଦେଓ ୭୬୯୭ ଭୋଟ୍ ପାଇଛନ୍ତି। ପ୍ରଫୁଲ୍ଲ ୪୫୪୨ ଭୋଟ୍ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି। ସେହିପରି କଂଗ୍ରେସର ସରିଫ ମହମ୍ମଦଙ୍କୁ ୧୯୯୭ ଭୋଟ ପାଇ ଚତୁର୍ଥ ସ୍ଥାନରେ ରହିଛନ୍ତି। ଚିଲିକା ବ୍ଲକ ୪ନଂ ଜୋନରେ ବିଜେଡି ପ୍ରାର୍ଥୀ ମମତା ପାଇକରାୟ ୮୮୨୫ ଖଣ୍ଡ ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦୀ ଭାଜପାର ସୁକାନ୍ତି ଦେଇ (୭୬୮୩)ଙ୍କଠାରୁ ୬୭୭ ଭୋଟ ବ୍ୟବଧାନରେ ଜିତିଛନ୍ତି। ଜଟଣୀ ବ୍ଲକ ୭ନଂ ଜୋନରେ ବିଜେଡି ପ୍ରାର୍ଥୀ ମୋହିନୀ ନାୟକ କଂଗ୍ରେସର ସସ୍ମିତା ଗୁମାନସିଂ (୫୦୪୭)ଙ୍କଠାରୁ ୯୫୯୧ ଭୋଟରେ ଜିତିଛନ୍ତି। ଭାଜପା ପ୍ରାର୍ଥୀ ସଙ୍ଗୀତା ଜେନା ୪୯୭୨ ଭୋଟ ପାଇଛନ୍ତି। ଟାଙ୍ଗୀ ବ୍ଲକ ୯ନଂ. ଜୋନରେ ବିଜେଡି ପ୍ରାର୍ଥୀ ମୀତାଞ୍ଜଳି ବଳିଆରସିଂ ୧୩,୦୯୬ ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦୀ ଭାଜପାର ଆଶିଷ କୁମାର ବରିସଲ(୮୮୨୫)ଙ୍କ ଠାରୁ ୪୨୭୧ ଭୋଟ ବ୍ୟବଧାନରେ ଜିତିଛନ୍ତି। କଂଗ୍ରେସ ପ୍ରାର୍ଥୀ ଚନ୍ଦ୍ରକାନ୍ତ ମହାରଥୀଙ୍କୁ ୧୦୫୨ ଭୋଟ ମିଳିଛି।

ବେଗୁନିଆ ୨୨ନଂ ଜୋନରେ ବିଜେଡିର ପ୍ରକାଶ ଚନ୍ଦ୍ର ସାହୁ ୨୦,୨୩୧ ଖଣ୍ଡ ଭୋଟ ପାଇ ଭାଜପାର ସରୋଜ ମହାପାତ୍ର(୫୬୨୦)ଙ୍କଠାରୁ ୧୪,୬୧୧ ସର୍ବାଧିକ ଭୋଟରେ ବିଜୟୀ ହୋଇଛନ୍ତି। କଂଗ୍ରେସ ପ୍ରାର୍ଥୀ ମଦନମୋହନ ସାହୁଙ୍କୁ ୧୯୩୫ ଭୋଟ୍ ମିଳିଛି।

ବୋଲଗଡ଼ ବ୍ଲକ ୨୫ନଂ ଜୋନରେ ୩୦୨୬୪ ଭୋଟ ପଡ଼ିଥିବା ବେଳେ ୬୩୬ ଭୋଟ ନାକଚ ହୋଇଛି। ଏଠାରେ ବିଜେଡି ପ୍ରାର୍ଥୀ ସୁନ୍ଦନିତା ସାହୁ ୧୭,୬୬୨ ଭୋଟ ପାଇ କଂଗ୍ରେସର ରୀତା ପରିଡ଼ା (୬୩୩୧)ଙ୍କଠାରୁ ୧୧,୩୩୧ ଭୋଟ୍‌ରେ ଜିତିଛନ୍ତି। ଭାଜପାର ସୁନିତାରାଣୀ ଦାସ ୬୨୭୧ ଭୋଟ ପାଇଛନ୍ତି। ବାଣପୁର ବ୍ଲକ ୧୩ନଂ ଜୋନରେ ଭାଜପାର ଟିକି ଶବର ୯୫୩୫ ଖଣ୍ଡ ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡିର ସସ୍ମିତା ପ୍ରଧାନ (୮୨୩୦)ଙ୍କ ଠାରୁ ୧୩୦୫ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି। କଂଗ୍ରେସରୁ ସତ୍ୟବାଦୀ ଯାନୀ ୩୨୮ ଭୋଟ ପାଇଛନ୍ତି। ଭୁବନେଶ୍ୱର ୨୮ନଂ. ଜୋନରେ ବିଜେଡିର ପ୍ରଭାତ ପରିଡ଼ା ୧୦,୦୪୦ ଖଣ୍ଡ ଭୋଟ ପାଇ ଭାଜପାର ବିଶ୍ୱନାଥ ପିଙ୍ଗୁଆ(୯୭୩୯)ଙ୍କୁ ୩୦୧ ଭୋଟ ବ୍ୟବଧାନରେ ହରାଇଛନ୍ତି। ବାଲିଅନ୍ତା ବ୍ଲକ ୧୬ ନଂ. ଜୋନରେ ୧୮୪୨୫ ଭୋଟ ପଡିଛି। ସେଥିରୁ ୭୪୭ ଭୋଟ ନାକଚ ହୋଇଛି। ଏହି ଆସନରେ ବିଜେଡିର ମହେଶ୍ୱର ଦାସ ୮୫୨୩ ଖଣ୍ଡ ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦୀ ସ୍ୱାଧିନ ପ୍ରାର୍ଥୀ ତ୍ରୈଲକ୍ୟ ମଙ୍ଗରାଜ( ୬୯୧୩)ଙ୍କ ଠାରୁ ୧୬୦୦ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଭାଜପା ପ୍ରାର୍ଥୀ ସିଦ୍ଧେଶ୍ୱର ନାଥ ୧୩୮୬ ଭୋଟ ପାଇଛନ୍ତି। ବାଲିପାଟଣା ବ୍ଲକ ୧୯ ନଂ. ଜୋନରେ ୨୪୧୪୩ ମତଦାନ ହୋଇଛି। ୭୪୮ ଭୋଟ ନାକଚ ହୋଇଛି। ଏଠାରୁ ବିଜେଡି ପ୍ରାର୍ଥୀ ଗଙ୍ଗାଧର ମଳିକ ୧୩,୯୫୮ ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦୀ ଭାଜପାର ପ୍ରସନ୍ନ କୁମାର ଭୋଇ (୬୪୫୧)ଙ୍କଠାରୁ ୭୫୦୭ ଖଣ୍ଡ ଭୋଟ ବ୍ୟବଧାନରେ ଜିତିଛନ୍ତି। କଂଗ୍ରେସ ପ୍ରାର୍ଥୀ ତ୍ରିନାଥ ମଲ୍ଲିକ ୧୨୪୦ ଭୋଟ ପାଇଛନ୍ତି।

**ପ୍ରଥମ ପର୍ଯ୍ୟାୟ ଜିଲାପରିଷଦ ଆସନ ଫଳାଫଳ**



ପଙ୍କୋଦ୍ଧାର ଏକାଦଶୀରେ କଟକ ଚାନ୍ଦିନୀଚୌକ ଅଷ୍ଟଶମ୍ଭୁ ମନ୍ଦିର ପ୍ରାଙ୍ଗଣରେ ଧାତୁରେ ନିର୍ମିତ ନାଗଦେବତାଙ୍କୁ ସଫା କରାଯାଉଛି।



ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତସ୍ଥିତ କପିଳେଶ୍ୱର ଦେବଙ୍କ ପୀଠରେ ରୁଦ୍ର ମହାଯଜ୍ଞ ଉପଲକ୍ଷେ ରବିବାର ବାହାରିଥିବା କଳସ ଶୋଭାଯାତ୍ରା।

## ନିର୍ବାଚିତ ସରପଞ୍ଚ, ସମିତିସଭ୍ୟ

**ଟାଙ୍ଗୀ/ନିରାକାରପୁର, ୨୭।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ୯ନମ୍ବର ଜିଲା ପରିଷଦ ଜୋନ ଅନ୍ତର୍ଗତ ୭ଟି ପଞ୍ଚାୟତର ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି। ଓଲସିଂହ ପଞ୍ଚାୟତର ଶୁଭଦର୍ଶୀନି ଭୋଳ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିବା ବେଳେ ନେତ୍ରାନନ୍ଦ ପ୍ରଧାନ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ଅଚ୍ୟୁତପୁର ପାଟଣାରେ ସରପଞ୍ଚ ସୋନାଲି ମହାପାତ୍ର ଓ ସମିତିସଭ୍ୟ ପୂର୍ଣ୍ଣ ଚନ୍ଦ୍ର ସିଂ, କମାଗୁରୁ ପଞ୍ଚାୟତର ସରପଞ୍ଚ ସୁନୀତା ଚମ୍ପତ ଓ ସମିତି ସଭ୍ୟ ଲକ୍ଷ୍ମୀ ପ୍ରିୟା ଦାମ୍ଭଳ, ଟାଙ୍କୋଳ ପଞ୍ଚାୟତର ସରପଞ୍ଚ ବିରେଶ କୁମାର ରାଜଗୁରୁ ଓ ସମିତି ସଭ୍ୟ ବିଶ୍ୱନାଥ ସାହୁ, ସରପାରୀ ପଞ୍ଚାୟତର ସରପଞ୍ଚ ପ୍ରଭାତ କୁମାର ଦାସ, ସମତିସଭ୍ୟ ସ୍ମିତାଞ୍ଜଳୀ ସାହୁ, ଛଣଗିରି ପଞ୍ଚାୟତର ସରପଞ୍ଚ ପୂର୍ଣ୍ଣିମା ମହାପାତ୍ର, ସମିତି ସଭ୍ୟ ଭାବେ ସୁମିତ୍ରା ବରିସଲ ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ବଡପୋଖରିଆ ପଞ୍ଚାୟତରେ ସରପଞ୍ଚ ଭାବେ ରୁନୁ ସେଠି, ସମିତି ସଭ୍ୟ ଜୋସ୍ନାରାଣୀ ଜେନା ଅପ୍ରତିଦ୍ୱନ୍ଦୀ ଭାବେ ନିର୍ବାଚିତ ହୋଇଥିଲେ।

**ଜଟଣୀ,(ଡି.ଏନ୍.ଏ.):** ଜଟଣୀ ବ୍ଲକ ୭ନମ୍ବର ଜିଲା ପରିଷଦ ଜୋନ ଅନ୍ତର୍ଗତ ୮ଟି ପଞ୍ଚାୟତର ଫଳାଫଳ ପ୍ରକାଶ ପାଇଛି। ଅଙ୍ଗାରପଡ଼ା ପଞ୍ଚାୟତର ମମତା ସାହୁ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିବା ବେଳେ ସୁମିତ୍ରା ସ୍ୱାଇଁ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ଛତାବର ପଞ୍ଚାୟତର ସରପଞ୍ଚ ବିଷ୍ଣୁ ପ୍ରସାଦ ଡେଙ୍ଗ ଓ ସମିତିସଭ୍ୟ ବ୍ରଜବନ୍ଧୁ ପ୍ରଧାନ, ଗଙ୍ଗପଡ଼ାରେ ସରପଞ୍ଚ ସୁଧାଂଶୁ ଶେଖର ମହାରଣା, ସମିତିସଭ୍ୟ ବିଜୟଲକ୍ଷ୍ମୀ ସାମନ୍ତରା, ପଦନପୁରରେ ସରପଞ୍ଚ ଅହଲ୍ୟା ନାୟକ, ସମିତିସଭ୍ୟ ପ୍ରିୟରଞ୍ଜନ ବେହେରା, ହରିପୁରରେ ସରପଞ୍ଚ ଲକ୍ଷ୍ମୀପ୍ରିୟା ପ୍ରଧାନ, ସମିତିସଭ୍ୟ ଜୟନ୍ତୀ ଛୋଟରାୟ, ତରାବୋଇରେ ସରପଞ୍ଚ ନର୍ମଦା ବଳିୟାରସିଂହ, ସମିତିସଭ୍ୟ ଶୁଭଶ୍ରୀ ମହାପାତ୍ର, ବେଣା ପଞ୍ଚୁରୀରେ ସରପଞ୍ଚ ଆରଜୁ ପରବିନ, ସମିତିସଭ୍ୟ ଶରତ ପାଲଟାସିଂହ, ତିରିମଲ ପଞ୍ଚାୟତର ସରପଞ୍ଚ ପ୍ରସନ୍ନ ଛୋଟରାୟ ଓ ସମିତିସଭ୍ୟ ଭାବେ ପ୍ରତାପ କୁମାର ବିଶ୍ୱାଳ ନିର୍ବାଚିତ ହୋଇଛନ୍ତି।

**ବାଣପୁର, (ଡି.ଏନ୍.ଏ.):** ବାଣପୁର ବ୍ଲକ ୧୩ନମ୍ବର ଜିଲା ପରିଷଦ ଜୋନ ଅନ୍ତର୍ଗତ ୫ଟି ପଞ୍ଚାୟତର ଫଳାଫଳ ପ୍ରକାଶ ପାଇଛି। ନୀଳାଦ୍ରିପ୍ରସାଦ ପଞ୍ଚାୟତର ସରପଞ୍ଚ ଭାବେ ଉମାକାନ୍ତ ସାହୁ ନିର୍ବାଚିତ ହୋଇଥିବା ବେଳେ ସମିତିସଭ୍ୟ ଭାବେ କୌଶଲ୍ୟା ଜାନୀ ନିର୍ବାଚିତ ହୋଇଛନ୍ତି। ସେହିପରି ଦାମିଆ ବରବରାରେ ସରପଞ୍ଚ ବୀଣାପାଣି ଷଣ୍ଢ, ସମିତି ସଭ୍ୟ ମାନି ଶବର, ଭେଟେଶ୍ୱରରେ ସରପଞ୍ଚ ସାବିତ୍ରୀ ଭୋଳ, ସମିତିସଭ୍ୟ ସସ୍ମିତା ପ୍ରଧାନ, ଭବାନୀପୁରରେ ସରପଞ୍ଚ କାର୍ତ୍ତିକ ବାରିକ, ସମିତିସଭ୍ୟ ଅମରେନ୍ଦ୍ର ରଣସିଂହ, ଡୁମୁରାପୁଟରେ ସରପଞ୍ଚ ଅକ୍ଷୟ ସେଠୀ ଓ ସମିତିସଭ୍ୟ ସୀତାମଣି ଦେଇ ନିର୍ବାଚିତ ହୋଇଛନ୍ତି।

**ବୋଲଗଡ଼,(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ୨୫ନଂ. ଜିଲାପରିଷଦ ଜୋନ ଅନ୍ତର୍ଗତ ୬ଟି ପଞ୍ଚାୟତର ଫଳାଫଳ ପ୍ରକାଶ ପାଇଛି। ବୋଲଗଡ଼ ପଞ୍ଚାୟତର ସରପଞ୍ଚ ଗୀତାଞ୍ଜଳି ସାହୁ ଓ ସମିତି ସଭ୍ୟ ଭାବେ ନିର୍ମଳା ପ୍ରଧାନ ନିର୍ବାଚିତ ହୋଇଛନ୍ତି। ସେହିପରି ଦଳେଇସାହି ପଞ୍ଚାୟତର ସରପଞ୍ଚ ସତ୍ୟାଭାମା ଦେଇ, ସମିତିସଭ୍ୟ ମନସ୍ୱିତା ଦଳେଇ, ଖଙ୍ଗୁରିଆ ପଞ୍ଚାୟତର ସରପଞ୍ଚ ଜଳଧର ମହାନ୍ତି, ସମିତି ସଭ୍ୟ ବିନୋଦିନୀ ଦତ୍ତ, ଫାସିଓଦା ପଞ୍ଚାୟତର ସରପଞ୍ଚ ପୁଷ୍ପଲତା ଭଞ୍ଜ, ସମିତିସଭ୍ୟ ପ୍ରଦୀପ ପ୍ରଧାନ, ଡାବରଧୁଆ ପାଟଣା ପଞ୍ଚାୟତର ସରପଞ୍ଚ ବିଜୟ ସେଠୀ, ସମିତିସଭ୍ୟ ନାଣ୍ଡି ଦେଇ, କଳାଙ୍ଗ ପଞ୍ଚାୟତର ସରପଞ୍ଚ ସରୋଜିନୀ ପରିଡ଼ା ଓ ସମିତିସଭ୍ୟ ଭାବେ ରଶ୍ମିରଞ୍ଜନ ପ୍ରଧାନ ନିର୍ବାଚିତ ହୋଇଛନ୍ତି।

**ବେଗୁନିଆ,(ଡି.ଏନ.ଏ):** ବେଗୁନିଆ ବ୍ଲକ ୨୨ନଂ.ଜୋନ ଅନ୍ତର୍ଗତ ୭ଟି ପଞ୍ଚାୟତର ଫଳାଫଳ ପ୍ରକାଶ ପାଇଛି। ସାରୁଅ ପଞ୍ଚାୟତର ସରପଞ୍ଚ ରଞ୍ଜିତା ମହାଭୋଇ ଓ ସମିତି ସଭ୍ୟ ଲକ୍ଷ୍ମୀଧର ସୁବୁଦ୍ଧି ବିଜୟୀ ହୋଇଛନ୍ତି। ସେହିପରି ବାଘମାରୀ ପଞ୍ଚାୟତର ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ ଓ ସମିତି ସଭ୍ୟା ନବନୀତା ମହାନ୍ତି, ସିମୋର ପଞ୍ଚାୟତର ସରପଞ୍ଚ ହାଡିବନ୍ଧୁ ମହାପାତ୍ର ଓ ସମିତି ସଭ୍ୟ ନଳିନୀ ପଣ୍ଡା, ପୋଡାଡିହ ପଞ୍ଚାୟତର ସରପଞ୍ଚ ଲତା ସେଠୀ ଓ ସମିତି ସଭ୍ୟ ଅଲେଖ ବେହେରା, ପଙ୍ଗାରସିଂହ ପଞ୍ଚାୟତର ସରପଞ୍ଚ ଲାବଣ୍ୟ ଜୟସିଂହ ଓ ସମିତି ସଭ୍ୟା ସଞ୍ଜୟ ଦେଉରୀ, ବଡବେରଣା ପଞ୍ଚାୟତ ସରପଞ୍ଚ ଅସିତ୍ ତ୍ରିପାଠୀ ଓ ସମିତି ସଭ୍ୟା ମିନତୀଲତା ମହାପାତ୍ର, କଣ୍ଟାବାଡ଼ ପଞ୍ଚାୟତ ସରପଞ୍ଚ ବିଳାସ ବେହେରା ଓ ସମିତି ସଭ୍ୟା ମାମା ନାୟକ ବିଜୟୀ ହୋଇଛନ୍ତି।

## ମାର୍କେଟ ବିଲ୍ଡିଂରେ ଉଠାଦୋକାନୀଙ୍କୁ ନେଇ ଅସନ୍ତୋଷ

**ଭୁବନେଶ୍ୱର, ୨୭।୨ (ବ୍ୟୁରୋ)**

ଉଠା ଦୋକାନୀ ଓ ମାର୍କେଟ ବିଲ୍ଡିଂ ଦୋକାନୀଙ୍କ ମଧ୍ୟରେ ପୁଣି ଥରେ କନ୍ଦଳ ଆରମ୍ଭ ହୋଇ ଯାଇଛି। ଉଠାଦୋକାନୀଙ୍କ ପ୍ରାଦୁର୍ଭାବରେ ବ୍ୟତିବ୍ୟସ୍ତ ହୋଇ ଏହାର ସ୍ଥାୟୀ ସମାଧାନ କରିବା ପାଇଁ ମାର୍କେଟ ବିଲ୍ଡିଂ ସେଣ୍ଟ୍ରାଲ ଆସୋସିଏସନ ପକ୍ଷରୁ ଦାବି କରାଯାଇଛି। ଯେ ପର୍ଯ୍ୟନ୍ତ ଏହାର ସ୍ଥାୟୀ ସମାଧାନ ନେଇ କୌଣସି ବାଟ ଫିଟିନାହିଁ, ସେ ପର୍ଯ୍ୟନ୍ତ ମାର୍କେଟରୁ ଅଳିଆ ଉଠିବ ନାହିଁ ବୋଲି ଆସୋସିଏସନ୍ ଜିଦି ଧରି ବସିଛି। ଗତ ୪ଦିନ ହେବ ଏଠାରୁ ଅଳିଆ ଉଠାଇବାକୁ ଦିଆଯାଉ ନାହିଁ। ଫଳରେ ମାର୍କେଟର ଅନେକ ସ୍ଥାନରେ ଅଳିଆ ଆବର୍ଜନା ଜମା ହୋଇ ଗଲାଣି। ପ୍ରତିଦିନ ଏଠାକୁ ଶହ ଶହ ସଂଖ୍ୟାରେ ଲୋକ ଯାତାୟାତ କରୁ ଥିବାରୁ ଏଭଳି ପରିବେଶ ଦେଖି ଅସନ୍ତୋଷ ପ୍ରକାଶ କରୁଛନ୍ତି। ଅପରପକ୍ଷେ ରାଜଧାନୀର ମାର୍କେଟ ବିଲ୍ଡିଂରେ ଉଠାଦୋକାନୀମାନେ ଜବରଦଖଲ କରି ଆସୁଥିବାରୁ ବଡ ବଡ ଦୋକାନୀମାନଙ୍କ ପାଇଁ ସମସ୍ୟା ଦେଖାଦେଇଛି। ବିଶେଷକରି ପାର୍କିଂ ସମସ୍ୟା ଦେଖାଦେଉଛି। ସେଣ୍ଟ୍ରାଲ ମାର୍କେଟ ଆସୋସିଏସନ ବାରମ୍ବାର ବିଏମସି ଓ ପୋଲିସର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ରବିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ହୋଇଛି। ଆସୋସିଏସନର ସହ ସମ୍ପାଦକ ରଞ୍ଜିତ୍ ମହାନ୍ତିଙ୍କ କହିବା ଅନୁଯାୟୀ, ଗତ ସପ୍ତାହ ତଳେ ଏ ସମସ୍ୟା ସମ୍ପର୍କରେ ଆମେ ବିଏମ୍‌ସିରେ ଅଭିଯୋଗ କରିଥିଲୁ। ସେମାନେ ଏହାର ସମାଧାନ କରିବା ପରିବର୍ତ୍ତେ କ୍ୟାପିଟାଲ ଥାନାରେ ଅଭିଯୋଗ କରିବାକୁ ପଠାଇ ଦେଲେ। ଥାନାକୁ ଯିବାକୁ ସେମାନେ ବିଏମ୍‌ସିକୁ ଯିବାକୁ କହୁଛନ୍ତି। ଏପରିକି ବିଏମ୍‌ସି କମିଶନର ୨ଥର ଆମକୁ ସାକ୍ଷାତ୍ କରିବାକୁ ସମୟ ଦେଇ ମଧ୍ୟ ଶେଷରେ ସମୟ ନାହିଁ କହି ଫେରାଇ ଦେଉଛନ୍ତି। ସେହିପରି କମିଶନରଙ୍କ ପାଖକୁ ଯିବାରୁ ସେ ମଧ୍ୟ ନିରାଶ କଲେ। ତେଣୁ ବାଧ୍ୟ ହୋଇ ଏଭଳି ନିଷ୍ପତ୍ତି ନିଆଯାଇଛି। ୭ ବର୍ଷ ତଳେ ମାର୍କେଟ ଆସୋସିଏସନ ଏହି ସମାସ୍ୟା ବିଏମସି ଓ ପୁଲିସର ଦୃଷ୍ଟି ଆକର୍ଷଣ କରିବାରୁ ଉଠା ଦୋକାନୀମାନଙ୍କୁ ଉଚ୍ଛେଦ କରାଯାଇଥିଲା। ତତ୍କାଳୀନ ପୋଲିସ କମିଶନର ଆର.ପି .ସିଂ ଓ ପୂର୍ବତନ ମେୟର ଅନନ୍ତ ନାରାୟଣ ଜେନା ପଦକ୍ଷେପ ନେବାରୁ ଉଠା ଦୋକାନୀମାନେ ମାର୍କେଟ ବିଲ୍‌ଡିଙ୍ଗ ଭିତରୁ ଉଠିବାକୁ ବାଧ୍ୟ ହୋଇଥିଲେ। କରୋନା କଟକଣା କୋହଳ ହେବାପରେ ପୁର୍ନବାର ଉଠା ଦୋକାନୀମାନେ ଏଠାରେ ଆଡ୍ଡା ଜମାଇଛନ୍ତି। ମୂଳ ଦୋକାନୀମାନେ ବ୍ୟବସାୟ କଲେ ସରକାରଙ୍କୁ ଜିଏସ୍‌ଟି ଦେଉଛନ୍ତି। ହେଲେ ଉଠାଦୋକାନୀମାନେ କିଛି ଦାଦାବଟି ଦେଇ ମୁଖ୍ୟ ଦୋକାନୀମାନଙ୍କ ପାଇଁ ସମସ୍ୟା ପାଲଟିଛନ୍ତି। ବିଏମ୍‌ସି ଏହାକୁ ଅଣଦେଖା କରୁଥିବାରୁ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ଏଥିପ୍ରତି ଦୃଷ୍ଟି ଦେବାକୁ ଆସୋସିଏସନ୍ ଦାବି କରିଛି। ମାର୍କେଟ ବିଲ୍‌ଡିଙ୍ଗ ପରିସର ସଫା କରିବା ପାଇଁ ପ୍ରତିମାସରେ ୬୦ ରୁ ୭୦ ହଜାର ସଂଘ ଖର୍ଚ୍ଚ କରୁଛି। ଆସୋସିଏସନ ପକ୍ଷରୁ ବିପୁଳ ଅର୍ଥ ଖର୍ଚ୍ଚ କରାଯାଇ ଏଠାରେ ଚେୟାର ଓ ଲାଇଟ ଖୁମ୍ବ, ଫାଉଣ୍ଟେନ ଆଦି ଯେଉଁ ସୌନ୍ଦର୍ଯ୍ୟକରଣ କରାଯାଇଥିଲା ତାହା ଏବେ ଭାଙ୍ଗିରୁଜି ଯିବାକୁ ବସିଛି।

## ଲିଙ୍ଗରାଜ ମନ୍ଦିରରେ ପଲିଥିନ ନିଷିଦ୍ଧ କରାଯାଉ

**ପୁରୁଣା ଭୁବନେଶ୍ୱର, ୨୭।୨ (ଡି.ଏନ୍.ଏ.)**

ଆଉ ଦିନକ ପରେ ଜାଗର ଯାତ୍ରା। ଏନେଇ ଚଳଚଞ୍ଚଳ ହୋଇପଡ଼ିଛି ଏକାମ୍ର କ୍ଷେତ୍ର। ଜାଗରରେ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ଠାକୁରଙ୍କ ନିକଟରେ ଭୋଗ କିମ୍ବା ଦୀପ ଜାଳିବା ଲାଗି ଅନେକ ଭକ୍ତ ମନ୍ଦିର ଭିତରକୁ ପଲିଥିନ୍, ପ୍ଲାଷ୍ଟିକ ଦ୍ରବ୍ୟ ଆଦି ଭୋଗ ସାଥିରେ ନେଇ ଆସିଥାନ୍ତି। ପରବର୍ତ୍ତୀ ସମୟରେ ସେଗୁଡ଼ିକୁ ମନ୍ଦିର ବେଢା ଭିତରେ ଏଣେତେଣେ ଫୋପାଡ଼ି ପକାଇଥାନ୍ତି। ଏହାଦ୍ୱାରା ମନ୍ଦିରର ପରିବେଶ ନଷ୍ଟ ହୋଇଥାଏ। ଏଥିସହ କେତେଜଣ ଅସାମାଜିକ ବ୍ୟକ୍ତି ମନ୍ଦିର ଭିତରେ ମାଦକଦ୍ରବ୍ୟ ଖାଇଥାନ୍ତି। ଯାହ ମନ୍ଦିର ସଫେଇ ସମୟରେ ନଜରକୁ ଆସିଥାଏ। ତେଣୁ ଏନେଇ ସ୍ୱତନ୍ତ୍ର ମାର୍ଗଦର୍ଶିକା ସହ ପଲିଥିନ ଓ ମାଦକଦ୍ରବ୍ୟ ନିଷିଦ୍ଧ ପାଇଁ କଟକଣା ଜାରି କରାଯାଉ ବୋଲି ପରିବେଶବିତ୍ ସୁଶାନ୍ତ ସାହୁ ଲିଙ୍ଗରାଜ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

# ବିଜେଡି ୭, ଭାଜପା ୨ ଆସନରେ ଆଗୁଆ

**୨ୟ ଦିବସ ଗଣତି ଜାରି**

**ଖୋର୍ଦ୍ଧା ଅଫିସ,୨୭।୨**

ଖୋର୍ଦ୍ଧା ଜିଲାରେ ଦ୍ୱିତୀୟ ଦିନରେ ରବିବାର ୧୦ଟି ବ୍ଲକର ୧୦ଜିଲାପରିଷଦ ଆସନର ୪୨ ପ୍ରାର୍ଥୀଙ୍କ ପାଇଁ ଭୋଟ ଗଣତି ଚାଲିଛି। ରାତି ୧୦ଟା ସୁଦ୍ଧା ଜିଲା ପ୍ରଶାସନଠାରୁ ମିଳିଥିବା ରିପୋର୍ଟ ମୁତାବକ, ବିଜେଡି ୭ ଏବଂ ଭାଜପା ୨ଟି ଆସନରେ ଆଗୁଆ ରହିଛି। ବେଗୁନିଆ ବ୍ଲକ ୨୩ ନଂ. ଜୋନରେ ୯ମ ରାଉଣ୍ଡ ସୁଦ୍ଧା ବିଜେଡି ପ୍ରାର୍ଥୀ ଅନାଦି ସାହୁ ୯୦୫୯ ଭୋଟ ପାଇ ଭାଜପାର ଜିତେନ୍ଦ୍ର କୁମାର ସାହୁ (୪୪୩୩)ଙ୍କ ଠାରୁ ୪୬୨୬ ଖଣ୍ଡ ଭୋଟରେ ଆଗରେ ରହିଛନ୍ତି। ବୋଲଗଡ଼ ବ୍ଲକ ୨୬ନଂ. ଜୋନରେ ୬ରାଉଣ୍ଡ ସୁଦ୍ଧା ବିଜେଡିର ସୁବାସ ଚନ୍ଦ୍ର ରାୟଗୁରୁ ୯୩୯୨ ଭୋଟ ପାଇ ଭାଜପାର ମିନତୀ ପାଇକରାୟ(୨୯୭୫)ଙ୍କଠାରୁ ୬୪୧୭ ଭୋଟରେ ଆଗୁଆ ଚାଲିଛନ୍ତି। ଜଟଣୀ ବ୍ଲକର ୮ନଂ. ଜୋନରେ ୪ରାଉଣ୍ଡ ସୁଦ୍ଧା ବିଜେଡିର ରୋନିତା ଦଲାଇ ୪୬୬୯ ଖଣ୍ଡ ଭୋଟ ପାଇ କଂଗ୍ରେସର ଜ୍ୟୋତିର୍ମୟୀ ଛୋଟରାୟ (୨୨୭୦)ଙ୍କଠାରୁ ୨୩୯୯ ଭୋଟରେ ଆଗୁଆ ରହିଛନ୍ତି। ଚିଲିକା ବ୍ଲକ ୫ନଂ ଜୋନରେ ୬ରାଉଣ୍ଡ ସୁଦ୍ଧା ବିଜେଡିର ରୀନା ବେହେରା ୬୬୩୫ ଖଣ୍ଡ ଭୋଟ ପାଇ ଭାଜପାର ନମିତା ବେହେରା(୫୪୫୨)ଙ୍କଠାରୁ ୧୧୮୩ ଭୋଟ ବ୍ୟବଧାନରେ ଅଗ୍ରଣୀ ରହିଛନ୍ତି। ବାଣପୁର ବ୍ଲକ ୧୪ ନମ୍ବର ଜୋନରେ ୭ ରାଉଣ୍ଡ ସୁଦ୍ଧା ଭାଜପାର ରୋଜିତା ପ୍ରଧାନ ୭୩୫୮ ଭୋଟ ପାଇ ବିଜେଡିର ଲିଲିବାଳା ଭୋଳ (୬୩୮୩)ଙ୍କଠାରୁ ୯୭୫ ଭୋଟରେ ଆଗରେ ରହିଛନ୍ତି। ବାଲିଅନ୍ତା ବ୍ଲକ ୧୭ ନଂ ଜୋନ୍‌ରେ ୭ମ ରାଉଣ୍ଡ ସୁଦ୍ଧା ବିଜେଡିର କୁନମୁନ ଲେଙ୍କା ୮୬୭୮ ଖଣ୍ଡ ଭୋଟ ପାଇ ଭାଜପାର ଝିଲି ସାମନ୍ତରାୟ (୪୪୦୭)ଙ୍କ ଠାରୁ ୪୨୭୧ ଭୋଟ ପାଇ ଅଗ୍ରଣୀ ରହିଛନ୍ତି। ବାଲିପାଟଣା ବ୍ଲକ ୨୦ନଂ. ଜୋନରେ ୬ଷ୍ଠ ରାଉଣ୍ଡ ସୁଦ୍ଧା ବିଜେଡିର ସୁକନ୍ୟା ସେଠୀ ୭୭୫୩ ଖଣ୍ଡ ଭୋଟ ପାଇ ଭାଜପାର ମିନତୀ ବେହେରା(୩୫୩୨)ଙ୍କ ଠାରୁ ୪୨୨୧ ଖଣ୍ଡ ଭୋଟରେ ଆଗୁଆ ରହିଛନ୍ତି। ଟାଙ୍ଗୀ ବ୍ଲକ ୧୦ନଂ ଜୋନରେ ୩ରାଉଣ୍ଡ ସୁଦ୍ଧା ବିଜେଡିର ବିଜୟ ଜେନା ୨୭୬୪ ଖଣ୍ଡ ଭୋଟ ପାଇ ଭାଜପାର ହେମନ୍ତ କୁମାର ବେହେରା(୨୩୦୨)ଙ୍କଠାରୁ ୪୬୨ ଭୋଟରେ ଆଗରେ ରହିଛନ୍ତି। ସେହିପରି ଭୁବନେଶ୍ୱର ବ୍ଲକ ୨୯ନଂ. ଜୋନରେ ୬ଷ୍ଠ ରାଉଣ୍ଡ ସୁଦ୍ଧା ଭାଜପା ପ୍ରାର୍ଥୀ ସୁଜିତ ବଳବନ୍ତରାୟ ୭୦୦୭ ଖଣ୍ଡ ଭୋଟ ପାଇ ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡିର ସୁବାଷ ସୁନ୍ଦରାୟ (୬୮୮୭)ଙ୍କଠାରୁ ୧୨୦ ଭୋଟରେ ଆଗୁଆ ରହିଛନ୍ତି।



କେନ୍ଦ୍ରରେ ଭୋଟ ଗଣନା କରାଯାଉଛି।

## ୨ ନଂ. ଜୋନ୍‌ର କୈଶରା ବେଗମ ବିଜୟୀ

ଦ୍ୱିତୀୟ ଦିବସରେ ଖୋର୍ଦ୍ଧା ବ୍ଲକ ୨ନଂ. ଜିଲାପରିଷଦ ଜୋନର ଫଳ ପ୍ରକାଶ ପାଇଛି। ବିଜେଡି ପ୍ରାର୍ଥୀ କୈଶରା ବେଗମ ୧୩୨୮୦ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ନିକଟତମ ପ୍ରତିଦ୍ୱନ୍ଦୀ ଭାଜପା ପ୍ରାର୍ଥୀ ୬୯୯୭ ଖଣ୍ଡ ଭୋଟ ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ମମତା ମଞ୍ଜରୀ ବାହୁବଳେନ୍ଦ୍ର ୨୧୯୭ ଭୋଟ ପାଇଛନ୍ତି। ଦ୍ୱିତୀୟ ଦିବସରେ ଜିଲାର ୯ଟି ବ୍ଲକରେ ଭୋଟଗଣତି ଜାରି ରହିଛି। ପ୍ରଥମ ଦିନରେ ୧ନଂ.ଜୋନରୁ ବିଜେଡିର ପ୍ରଫୁଲ୍ଲ କୁମାର ଦଳାଇ ବିଜୟୀ ହୋଇଛନ୍ତି। କରିଥିବା ବେଳେ ୨ୟ ଦିବସ ବିଜେଡି ପ୍ରାର୍ଥୀ ବିପୁଳ ଭୋଟ ବ୍ୟବଧାନରେ ବିଜୟ ହୋଇଛନ୍ତି। ଏନେଇ ବିଜେଡି ମହଲରେ ଖୁସିର ଲହରୀ ଖେଳିଯାଇଛି। ଖୋର୍ଦ୍ଧା ବିଧାୟକ ଜ୍ୟୋତରୀନ୍ଦ୍ରନାଥ ମିତ୍ର ବିଜୟୀ ପ୍ରାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବିଜୟୀ ପ୍ରାର୍ଥୀ କୈଶରା ବେଗମ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ, ଦଳ ପ୍ରତି ଜନତାଙ୍କ ଭଲ ପାଇବା ଯୋଗୁ ବିଜୟୀ ହୋଇଛି। ଏଥିଲାଗି ଜୋନସ୍ତରୀୟ ସମସ୍ତ ପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅଞ୍ଚଳର ବିକାଶ ପ୍ରାଥମିକତା ରହିବବୋଲି ସେ କହିଛନ୍ତି।

## ଗାଁ ବୁଲି ସମସ୍ୟା ବୁଝିଲେ ଛାତ୍ରୀଛାତ୍ର

**ଭୁବନେଶ୍ୱର,୨୭।୨(ଡି.ଏନ୍.ଏ.)**

ଉତ୍କଳ ବିଶ୍ୱବିଦ୍ୟାଳୟ ମାଷ୍ଟର ଅଫ୍ ସୋସିଆଲ୍ ୱେଲ୍‌ଫେୟାର (ଏମ୍‌ଏସ୍‌ଡବ୍ଲ୍ୟୁ) ବିଭାଗର ଛାତ୍ରୀଛାତ୍ର ମାନେ ଗ୍ରାମୀଣ ଶିବିର (ରୁରାଲ କ୍ୟାମ୍ପ)ରେ ଯୋଗଦେଇଛନ୍ତି। ଏମ୍‌ଏସ୍‌ଡବ୍ଲ୍ୟୁ ବିଭାଗର ମୁଖ୍ୟ ଅଧ୍ୟାପକ ଡ. ଦିଲୀପ ମିଶ୍ର, ଡ. ବିଶ୍ୱଭୂଷଣ ଘଡ଼େଇଙ୍କ ନେତୃତ୍ୱରେ ଗତ ୨୨ତାରିଖରୁ ଆୟୋଜିତ ୩ଦିନିଆ ଶିବିରରେ ଛାତ୍ରୀଛାତ୍ରମାନେ ଯାଜପୁର ଜିଲା ବଡ଼ଚଣା ବ୍ଲକର ଆରୁହା ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମକୁ ଯାଇ ସେଠାକାର ଲୋକଙ୍କ ନାନା ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ପ୍ରଥମ ଦିନରେ ମହିଳା, ଚାଷୀ, କିଶୋରୀ, ଗର୍ଭବତୀ, ପ୍ରସୂତି ମହିଳା, ଶିଶୁ, ବିପିଏଲ୍ ଶ୍ରେଣୀର ଲୋକଙ୍କୁ ଭେଟିଥିଲେ। ୨ୟ ଦିନରେ ଧାନମଣ୍ଡଳ ନିକଟସ୍ଥ ଉଦୀୟମାନ ସ୍ୱେଚ୍ଛାସେବୀ ସଂଗଠନର ସମ୍ପାଦକ ଅନିଲ କୁମାର ଦାସ ଏବଂ ଯୁଗ୍ମ ସମ୍ପାଦକ ଚନ୍ଦନ କୁମାର ପଣ୍ଡା ତଥା ଗ୍ରୁପର ଅନ୍ୟ ସଦସ୍ୟଙ୍କ ସହାୟତାରେ ସଞ୍ଜୟନଗର ନିକଟସ୍ଥ ବିଡିସାହି ଭ୍ରମଣ କରିଥିଲେ।

# ୧୪ ଜୋନ୍‌ରେ ବିଜେଡି ଆଗୁଆ

**କଟକ ଅଫିସ,୨୭।୨**

ପଞ୍ଚାୟତ ନିର୍ବାଚନ ଫଳାଫଳ ପାଇଁ ବିଭିନ୍ନ ଜୋନ୍‌ରେ ରବିବାର ଗଣତି ଆରମ୍ଭ ହୋଇଛି। ସନ୍ଧ୍ୟା ୬ଟା ସୁଦ୍ଧା କଟକ ଜିଲା ଅଧୀନ ୧୪ଟି ବ୍ଲକର ଜୋନ୍‌ସ୍ତରୀୟ ନିର୍ବାଚନରେ ବିଜେଡି ୧୪ଟିରେ ଆଗୁଆ ଥିବାବେଳେ ଭାଜପା ଦ୍ୱିତୀୟ ଓ କଂଗ୍ରେସ ତୃତୀୟ ସ୍ଥାନରେ ରହିଛି। ଆଠଗଡ ଜୋନ୍-୨ରେ ବିଜେଡି ପ୍ରାର୍ଥୀ ମିନତି ଗାଗରାଇ ୯୧୧୮ ଖଣ୍ଡ ଭୋଟ ପାଇ ଆଗରେ ରହିଥିବାବେଳେ ଭାଜପା ପ୍ରାର୍ଥୀ ଚିନ୍ମୟୀ ପୂର୍ତ୍ତି ୩୨୬୧ ଭୋଟ ପାଇ ଦ୍ୱିତୀୟ ଓ କଂଗ୍ରେସ ପ୍ରାର୍ଥୀ ରଞ୍ଜିତା ହେସାହା ୧୧୪୭ ଖଣ୍ଡ ଭୋଟ ପାଇ ୩ୟ ସ୍ଥାନରେ ରହିଛନ୍ତି। ୨୦୧୭ରେ ଉକ୍ତ ଜୋନ୍‌ରେ ବିଜେଡିର କେଶବ ଦଳେଇ ନିର୍ବାଚିତ ହୋଇଥିଲେ। ସେହିପରି ବଡ଼ମ୍ବା ଜୋନ୍ ୩୦ରେ ବିଜେଡି ପ୍ରାର୍ଥୀ ରବୀନ୍ଦ୍ର କୁମାର ସାହୁ ୧୧,୨୧୨ ଭୋଟ ପାଇ ଆଗରେ ଥିବାବେଳେ ଭାଜପା ପ୍ରାର୍ଥୀ ସରୋଜ କୁମାର ବେଉରା ୬୩୬୨ ଭୋଟ ପାଇ ଦ୍ୱିତୀୟ ଓ ଆମ୍ ଆଦ୍‌ମୀ ପାର୍ଟିର ନିରଞ୍ଜନ ପତି ୧୧୨ ଭୋଟ ପାଇ ୩ୟ ସ୍ଥାନରେ ରହିଛନ୍ତି। ୨୦୧୭ରେ ଉକ୍ତ ଜୋନ୍‌ରେ ଭାଜପାର ସସ୍ମିତା ବେଉରା ନିର୍ବାଚିତ ହୋଇଥିଲେ। ବାଙ୍କୀ ଜୋନ୍-୩୫ରେ ବିଜେଡି ପ୍ରାର୍ଥୀ ସଞ୍ଜୟ କୁମାର ପାତ୍ର ୫୭୨୧ ଭୋଟ ପାଇ ଆଗରେ ଥିବାବେଳେ କଂଗ୍ରେସ ପ୍ରାର୍ଥୀ ରମେଶ ସେନାପତି ୩୩୮୨ ଭୋଟ ପାଇ ୨ୟ ଓ ଭାଜପା ପ୍ରାର୍ଥୀ ରବୀନ୍ଦ୍ର କୁମାର ସାହୁ ୧୦୧୯ ଖଣ୍ଡ ଭୋଟ ପାଇ ୩ୟ ସ୍ଥାନରେ ରହିଛନ୍ତି। ବାଙ୍କୀ-ଡମପଡା ଜୋନ୍-୩୮ରେ ବିଜେଡି ପ୍ରାର୍ଥୀ ଆଶିଷ କୁମାର ସାହୁ ୬୬୧୯ ଭୋଟ ପାଇ ଆଗରେ ଥିବାବେଳେ ଭାଜପା ପ୍ରାର୍ଥୀ ଅନନ୍ତ ନାରାୟଣ ମିଶ୍ର ୨୮୭୯ ଭୋଟ ପାଇ ଦ୍ୱିତୀୟ ଓ କଂଗ୍ରେସ ପ୍ରାର୍ଥୀ ପ୍ରଶାନ୍ତ କୁମାର ମହାନ୍ତି ୧୮୮୧ ଭୋଟ ପାଇ ୩ୟ ସ୍ଥାନରେ ରହିଛନ୍ତି । ୨୦୧୭ରେ ଉକ୍ତ ଜୋନ୍‌ରେ ବିଜେଡିର ପୁଷ୍ପାଞ୍ଜଳି ପ୍ରଧାନ ନିର୍ବାଚିତ ହୋଇଥିଲେ।

ବାରଙ୍ଗ ଜୋନ୍ ନଂ. ୩୩ରେ ବିଜେଡି ପ୍ରାର୍ଥୀ ପ୍ରଦୀପ୍ତ କୁମାର ଭୋଇ ୬୯୧୦ ଭୋଟ ପାଇ ଆଗରେ ଥିବାବେଳେ ଭାଜପା ପ୍ରାର୍ଥୀ ଗନ୍ଧର୍ବ ଜେନା ୩୦୫୪ ଭୋଟ ପାଇ ୨ୟ ଓ କଂଗ୍ରେସ ପ୍ରାର୍ଥୀ ଦୀପକ କୁମାର ଭୋଇ ୧୩୬୯ ଖଣ୍ଡ ଭୋଟ ପାଇ ୩ୟ ସ୍ଥାନରେ ରହିଛନ୍ତି । ୨୦୧୭ରେ ଉକ୍ତ ଜୋନ୍‌ରେ ବିଜେଡିର ପୁଷ୍ପଲତା ପାତ୍ର ନିର୍ବାଚିତ ହୋଇଥିଲେ। କଟକ ସଦର ଜୋନ୍-୫ରେ ବିଜେଡି ପ୍ରାର୍ଥୀ ପ୍ରଦୀପ୍ତ କୁମାର ମାହାଳି ୫୫୭୩ ଭୋଟ ପାଇ ଆଗରେ ରହିଥିବାବେଳେ ଭାଜପା ପ୍ରାର୍ଥୀ ନିମାଇଁ ଚରଣ ଦାସ ୧୭୪୫ ଭୋଟ ପାଇ ୨ୟ ଓ କଂଗ୍ରେସ ପ୍ରାର୍ଥୀ ରାକେଶ ରଞ୍ଜନ ଭୋଇ ୪୧୦ ଭୋଟ ପାଇ ତୃତୀୟ ସ୍ଥାନରେ ରହିଛନ୍ତି। ୨୦୧୭ରେ ଉକ୍ତ ଜୋନରେ ବିଜେଡିର ଜିନୁ ବେହେରା ନିର୍ବାଚିତ ହୋଇଥିଲେ। କଣ୍ଟାପଡା ଜୋନ୍-୯ରେ ବିଜେଡି ପ୍ରାର୍ଥୀ କ୍ରିଷ୍ଣାରାଣୀ ବେହେରା ୫୪୪୪ ଖଣ୍ଡ ଭୋଟ ପାଇ ଆଗରେ ରହିଥିବାବେଳେ ଭାଜପା ପ୍ରାର୍ଥୀ ଗୀତାଞ୍ଜଳି ମଲ୍ଲିକ ୩୩୧୯ ଭୋଟ ପାଇ ୨ୟ ଓ କଂଗ୍ରେସ ପ୍ରାର୍ଥୀ ଲିପିନା ଭୋଇ ୧୨୭୫ ଭୋଟ ପାଇ ୩ୟ ସ୍ଥାନରେ ରହିଛନ୍ତି । ୨୦୧୭ରେ ଉକ୍ତ ଜୋନ୍‌ରେ ବିଜେଡିର କୈଳାସ ଚନ୍ଦ୍ର ମହାରଣା ନିର୍ବାଚିତ ହୋଇଥିଲେ। ମାହାଙ୍ଗା ଜୋନ୍-୪୦ରେ ବିଜେଡି ପ୍ରାର୍ଥୀ ସୁସ୍ମିତା ଦାସ ୮୫୦୦ ଖଣ୍ଡ ଭୋଟ ପାଇ ଆଗରେ ରହିଥିବାବେଳେ ଭାଜପା ପ୍ରାର୍ଥୀ ଯାଜ୍ଞସେନୀ ଜେନା ୬୫୩୩ ଭୋଟ ପାଇ ୨ୟ ଓ କଂଗ୍ରେସ ପ୍ରାର୍ଥୀ ପ୍ରତିଭା ପରିଡା ୮୩୧ ଭୋଟ ପାଇ ୩ୟ ସ୍ଥାନରେ ରହିଛନ୍ତି। ୨୦୧୭ରେ ଉକ୍ତ ଜୋନ୍‌ରେ ବିଜେଡିର ହୃଷୀକେଶ ସ୍ୱାଇଁ ନିର୍ବାଚିତ ହୋଇଥିଲେ।

ନରସିଂହପୁର-ଜୋନ୍ ୧୭ରେ ବିଜେଡି ପ୍ରାର୍ଥୀ ଗୀତାଞ୍ଜଳି ପାତ୍ର ୧୧,୪୬୨ ଭୋଟ ପାଇ ଆଗରେ ରହିଥିବାବେଳେ ଭାଜପା ପ୍ରାର୍ଥୀ ମଞ୍ଜୁଲତା ବାରିକ ୫୪୩୯ ଭୋଟ ପାଇ ୨ୟ ଓ କଂଗ୍ରେସ ପ୍ରାର୍ଥୀ ଅନ୍ନପୂର୍ଣ୍ଣା ବେହେରା ୬୮୨ ଭୋଟ ପାଇ ୩ୟ ସ୍ଥାନରେ ରହିଛନ୍ତି । ୨୦୧୭ରେ ଉକ୍ତ ଜୋନ୍‌ରେ ବିଜେଡିର ନିର୍ମଳ କୁମାର ଜେନା ନିର୍ବାଚିତ ହୋଇଥିଲେ। ନିଆଳି ଜୋନ୍-୨୧ରେ ବିଜେଡି ପ୍ରାର୍ଥୀ ସୌଦାମିନି ମହାପାତ୍ର ୧୩୯୩ ଭୋଟ ପାଇ ଆଗରେ ଥିବାବେଳେ ଭାଜପା ପ୍ରାର୍ଥୀ ସୁମିତ୍ରା ପରିଡା ୩୭୨ ଭୋଟ ପାଇ ୨ୟ ଓ କଂଗ୍ରେସ ପ୍ରାର୍ଥୀ ରେଣୁକା ସିଂ ୨୭୩ ଭୋଟ ପାଇ ୩ୟ ସ୍ଥାନରେ ରହିଛନ୍ତି। ୨୦୧୭ରେ ଉକ୍ତ ଜୋନ୍‌ରେ ବିଜେଡିର ପୁଲକ ମହାନ୍ତି ନିର୍ବାଚିତ ହୋଇଥିଲେ। ନିଶ୍ଚିନ୍ତକୋଇଲି ଜୋନ୍-୨୫ରେ ବିଜେଡି ପ୍ରାର୍ଥୀ ବିକାଶ କୁମାର ଭୋଇ ୬୭୦୫ ଭୋଟ ପାଇ ଆଗରେ ଥିବାବେଳେ ଭାଜପା ପ୍ରାର୍ଥୀ ବିବେକାନନ୍ଦ ବେହେରା ୩୬୧୫ ଭୋଟ ପାଇ ୨ୟ ଓ କଂଗ୍ରେସ ପ୍ରାର୍ଥୀ ଦିବାକର ନାୟକ ୮୪୫ଟି ଭୋଟ ପାଇ ୩ୟ ସ୍ଥାନରେ ରହିଛନ୍ତି । ୨୦୧୭ରେ ଉକ୍ତ ଜୋନ୍‌ରେ ବିଜେଡିର ସବିତା ସାମଲ ନିର୍ବାଚିତ ହୋଇଥିଲେ।

ସାଲେପୁର ଜୋନ-୪୪ରେ ବିଜେଡି ପ୍ରାର୍ଥୀ ରଞ୍ଜିତା ସେଠୀ ୬୬୨୨ ଭୋଟ ପାଇ ଆଗରେ ଥିବାବେଳେ ଭାଜପା ପ୍ରାର୍ଥୀ ସବିତା ନାୟକ ୨୮୯୬ ଭୋଟ ପାଇ ୨ୟ ଓ କଂଗ୍ରେସ ପ୍ରାର୍ଥୀ ଚିନ୍ମୟୀ ଦାସ ୮୬୮ ଖଣ୍ଡ ଭୋଟ ପାଇ ୩ୟ ସ୍ଥାନରେ ରହିଛନ୍ତି। ୨୦୧୭ରେ ଉକ୍ତ ଜୋନ୍‌ରେ ବିଜେଡିର ଶୁଭାଶିଷ ପ୍ରଧାନ ନିର୍ବାଚିତ ହୋଇଥିଲେ। ଟାଙ୍ଗୀ-ଚୌଦ୍ୱାର ଜୋନ୍-୧୧ରେ ବିଜେଡି ପ୍ରାର୍ଥୀ ଜ୍ୟୋସ୍ନାରାଣୀ ସୁବୁଦ୍ଧିରାଏ ୬୩୧୧ ଭୋଟ ପାଇ ଆଗରେ ଥିବାବେଳେ ଭାଜପା ପ୍ରାର୍ଥୀ ଆର୍ଯ୍ୟବାଳା ସ୍ୱାଇଁ ୫୪୩୨ ଭୋଟ ପାଇ ୨ୟ ଓ କଂଗ୍ରେସ ପ୍ରାର୍ଥୀ ସରସ୍ୱତୀ ବେହେରା ୧୬୮ ଖଣ୍ଡ ଭୋଟ ପାଇ ୩ୟ ସ୍ଥାନରେ ରହିଛନ୍ତି। ୨୦୧୭ରେ ଉକ୍ତ ଜୋନ୍‌ରେ ବିଜେଡିର ଶ୍ରୀଧର ରାଉଳ ନିର୍ବାଚିତ ହୋଇଥିଲେ। ତିଗିରିଆ ଜୋନ ୧୫ରେ ବିଜେଡି ପ୍ରାର୍ଥୀ ସସ୍ମିତା ରାଉତ ୯୧୬୪ ଭୋଟ ପାଇ ଆଗରେ ରହିଥିବାବେଳେ ଭାଜପା ପ୍ରାର୍ଥୀ ସନ୍ତୋଷ ରାଉତ ୪୦୬୬ ଭୋଟ ପାଇ ୨ୟ ଓ କଂଗ୍ରେସ ପ୍ରାର୍ଥୀ ପ୍ରସନ୍ନ କୁମାର ନାୟକ ୯୪୨ ଖଣ୍ଡ ଭୋଟ ପାଇ ୩ୟ ସ୍ଥାନରେ ରହିଛନ୍ତି। ୨୦୧୭ରେ ଉକ୍ତ ଜୋନ୍‌ରେ ବିଜେଡିର ରଶ୍ମିତା ମହାଲିକ ନିର୍ବାଚିତ ହୋଇଥିଲେ।

**ପଞ୍ଚାୟତ ନିର୍ବାଚନ**





କଟକ ସିଟି ହସ୍ପିଟାଲରେ ରବିବାର ଶିଶୁଙ୍କୁ ପଲ୍‌ସ ପୋଲିଓ ବୁନ୍ଦା ଦିଆଯାଉଛି।

## ଶିଶୁଙ୍କୁ ଦିଆଗଲା ପଲ୍‌ସ ପୋଲିଓ

**କଟକ ଅଫିସ, ୨୭।୨**

ରବିବାରଠାରୁ ଜିଲାରେ ପଲସ ପୋଲିଓ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ସିଟି ହସ୍ପିଟାଲରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସତ୍ୟବ୍ରତ ଛୋଟରାୟ ଓ ସିଟି ହସ୍ପିଟାଲ ଅଧ୍ୟକ୍ଷ ଡା. ଏସ୍.ଏନ୍. ଗିରି ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ଅବସରରେ ଶିଶୁଙ୍କୁ ପଲ୍‌ସ ପୋଲିଓ ଦିଆଯାଇଥିଲା। ସ୍ୱାସ୍ଥ୍ୟ କର୍ମୀମାନେ ୧୧୩୬ଟି ବୁଥ୍ ସହ ଘରକୁ ଘର ବୁଲି ଜନ୍ମରୁ ୫ ବର୍ଷର ପିଲାଙ୍କୁ ପୋଲିଓ ଖୁଆଇବେ।

## ସଂକ୍ଷେପରେ

### ପଶୁ ସେବା ସଦନ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

**କଟକ ଅଫିସ, ୨୭।୨:** ରାଣୀହାଟସ୍ଥିତ ପଶୁ ସେବା ସଦନ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଣୀ ଚିକିତ୍ସକ ଡା. ଅନନ୍ତ ଚରଣ ଦାଶ, ରଜନୀକାନ୍ତ ଦାଶ ଓ ବିଶ୍ୱଜିତ ପଣ୍ଡା ଉପସ୍ଥିତ ରହି ପ୍ରାଣୀଙ୍କ ଚିକିତ୍ସା କରିଥିଲେ। ଡା. ବସନ୍ତ କୁମାର ସାହୁ, ଅନ୍ତର୍ଯ୍ୟାମୀ ମହାନ୍ତି, କେଶବ ଚନ୍ଦ୍ର ମହାନ୍ତି, ପ୍ରଭାତ ସାହୁ, ଡା. ବିଚିତ୍ରାନନ୍ଦ ସାହୁ, ଯୋଗେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତଥିଲେ ।

### ଡାଳିଯୋଡ଼ା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

**ଚୌଦ୍ୱାର,୨୭।୨(ଡି.ଏନ୍.ଏ.):** ଚୌଦ୍ୱାରସ୍ଥିତ ଡାଳିଯୋଡା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ସ୍ଥାନୀୟ ରୋଟାରୀ କ୍ଲବ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ପ୍ରଶାସନିକ ଅଧିକାରୀ ବଂଶୀଧର ରାଉତ, ସମାଜର ପୂର୍ବତନ ସମ୍ପାଦକ ଡ. ସତ୍ୟ ରାୟ, ପୂର୍ବତନ ଅଧକ୍ଷ ଜିତେନ୍ଦ୍ରନାଥ ପତି ପ୍ରମୁଖ ଯୋଗଦେଇ ସମାଜ ପାଇଁ ସାହିତ୍ୟର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସଂସଦର ସଭାପତି କେ.ସି.ପ୍ରତାପସିଂଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସାମାଜିକ କର୍ମୀ ମାନସ ରଞ୍ଜନ ବସ୍ତିଆ, କବି ପବିତ୍ର ମୋହନ ସାହୁ, ଭାଗବତ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସଂସଦର ବାର୍ଷିକ ମୁଖପତ୍ର 'ଡାଳିଯୋଡା', ବ୍ରଜକିଶୋର ପାତ୍ରଙ୍କ ରଚିତ 'ପିନା ତୁମେ' ଓ ଇଂ. ହରିହର ରଣାଙ୍କ ଲିଖିତ ପୁସ୍ତକ ତଲ୍ଲୀନ ତପସ୍ୟା ଉନ୍ମୋଚିତ ହୋଇଥିଲା। ଶ୍ରୀନିବାସ ବେହେରା ଓ ଶରତ ଖୁଣ୍ଟିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଡ.ସୁରେନ୍ଦ୍ର ମହାନ୍ତିଙ୍କୁ ଜ୍ଞାନଭକ୍ତି ପ୍ରଦୀପ ସମ୍ମାନ

**ବାଙ୍କୀ,୨୭।୨(ସ୍ୱ.ପ୍ର.):** ନିଖିଳ ଉତ୍କଳ ଭାଗବତ ପ୍ରଚାର ପ୍ରସାର ସମିତି ଓଡ଼ିଶା ଆନୁକୂଲ୍ୟରେ ବାଙ୍କୀ ବ୍ଲକସ୍ଥିତ ବୈଦ୍ୟେଶ୍ୱର ପ୍ରସିଦ୍ଧ କଇଁଫୁଲ ମଠରେ ଏକ ସ୍ୱତନ୍ତ୍ର ଉତ୍ସବରେ ବିଶିଷ୍ଟ ଇଂରାଜୀ ଭାଷା ସାହିତ୍ୟ ଅଧାପକ ତଥା ଆଧାତ୍ମିକ ପୁସ୍ତକ ଲେଖକ ଡ.ସୁରେନ୍ଦ୍ର ମହାନ୍ତିଙ୍କୁ ଜ୍ଞାନଭକ୍ତି ପ୍ରଦୀପ ସମ୍ମାନ ୨୦୨୨ରେ ସମ୍ବର୍ଦ୍ଧିତ କରାଯାଇଛି । ଆୟୋଜିତ ଉତ୍ସବରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି କବି ଲଲାଟେନ୍ଦୁ ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବାଙ୍କୀ ମହାବିଦ୍ୟାଳୟ ଉପାଧକ୍ଷ ପ୍ରାଧାପକ ମନୋଜ କୁମାର ମହାପାତ୍ର, ସମ୍ମାନିତ ଅତିଥିଭାବେ ଅଧାପିକା ଲକ୍ଷ୍ମୀପ୍ରିୟା ମହାପାତ୍ର ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ କଇଁଫୁଲ ମଠ ପୂଜକ ଦେବରାଜ ପାତ୍ର, ନିଖିଳ ଉତ୍କଳ ଭାଗବତ ପ୍ରଚାର ପ୍ରସାର ସମିତି ସମ୍ପାଦକ କମଳାକାନ୍ତ ପ୍ରହରାଜ , ବଂଶୀଧର ବେହେରା , ଅଧାପକ ଜିତେନ୍ଦ୍ର ମହାନ୍ତି ଓ ବୈଜୟନ୍ତୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।



ପଙ୍କୋଦ୍ଧାର ଏକାଦଶୀରେ କଟକ ଚାନ୍ଦିନୀଚୌକ ଅଷ୍ଟଶମ୍ଭୁ ମନ୍ଦିର ପ୍ରାଙ୍ଗଣରେ ଧାତୁରେ ନିର୍ମିତ ନାଗଦେବତାଙ୍କୁ ସଫା କରାଯାଉଛି।

## ଜିଲାପାଳଙ୍କ ଗଣତି କେନ୍ଦ୍ର ପରିଦର୍ଶନ

**ନିଶ୍ଚିନ୍ତକୋଇଲି, ୨୭।୨(ସ୍ୱ.ପ୍ର.)**

କଟକ ଜିଲାପାଳ ଭବାନୀ ଶଙ୍କର ଚୟିନୀ ରବିବାର ନିଶ୍ଚିନ୍ତକୋଇଲି ବ୍ଲକର ପିପି କଲେଜରେ ହୋଇଥିବା ଗଣତିକେନ୍ଦ୍ର ପରିଦର୍ଶନ କରିଥିଲେ। ଏହି ସମୟରେ ତାଙ୍କ ସହ ବ୍ଲକ ନିର୍ବାଚନ ଅଧିକାରୀ କର୍ଣ୍ଣଦେବ ସମାଦ୍ଧାର, ଅତିରିକ୍ତ ତହସିଲଦାର କ୍ରିଷ୍ଣା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। କାଉଣ୍ଟିଂ ସମୟରେ ବାଲଟ ବାକ୍ସର ସୁରକ୍ଷା ନେଇ ସେ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାତି ସମୟରେ ବାଲଟ ବାକ୍ସ ସ୍ଥାନାନ୍ତର ସମୟରେ କଡ଼ା ସୁରକ୍ଷା ରଖିବାକୁ ପରାମର୍ଶ ଦେଇଥିଲେ।

## ଲିଙ୍ଗରାଜ ମନ୍ଦିରରେ ପଲିଥିନ ନିଷିଦ୍ଧ କରାଯାଉ

**ପୁରୁଣା ଭୁବନେଶ୍ୱର,୨୭।୨(ଡି.ଏନ୍.ଏ.)**

ଆଉ ଦିନକ ପରେ ଜାଗର ଯାତ୍ରା। ଏନେଇ ଚଳଚଞ୍ଚଳ ହୋଇପଡ଼ିଛି ଏକାମ୍ର କ୍ଷେତ୍ର। ଜାଗରରେ ଶ୍ରୀଲିଙ୍ଗରାଜଙ୍କ ଦର୍ଶନ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ। ଠାକୁରଙ୍କ ନିକଟରେ ଭୋଗ କିମ୍ବା ଦୀପ ଜାଳିବା ଲାଗି ଅନେକ ଭକ୍ତ ମନ୍ଦିର ଭିତରକୁ ପଲିଥିନ୍, ପ୍ଲାଷ୍ଟିକ ଦ୍ରବ୍ୟ ଆଦି ଭୋଗ ସାଥିରେ ନେଇ ଆସିଥାନ୍ତି। ପରବର୍ତ୍ତୀ ସମୟରେ ସେଗୁଡ଼ିକୁ ମନ୍ଦିର ବେଢ଼ା ଭିତରେ ଏଣେତେଣେ ଫୋପାଡ଼ି ପଳାଇଥାନ୍ତି। ଏହାଦ୍ୱାରା ମନ୍ଦିରର ପରିବେଶ ନଷ୍ଟ ହୋଇଥାଏ। ଏଥିସହ କେତେଜଣ ଅସାମାଜିକ ବ୍ୟକ୍ତି ମନ୍ଦିର ଭିତରେ ମାଦକଦ୍ରବ୍ୟ ଖାଇଥାନ୍ତି। ଯାହା ମନ୍ଦିର ସଫେଇ ସମୟରେ ନଜରକୁ ଆସିଥାଏ। ତେଣୁ ଏନେଇ ସ୍ୱତନ୍ତ୍ର ମାର୍ଗଦର୍ଶିକା ସହ ପଲିଥିନ ଓ ମାଦକଦ୍ରବ୍ୟ ନିଷିଦ୍ଧ ପାଇଁ କଟକଣା ଜାରି କରାଯାଉ ବୋଲି ପରିବେଶବିତ୍ ସୁଶାନ୍ତ ସାହୁ ଲିଙ୍ଗରାଜ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

## ଆଜି ସ୍କୁଲ ସ୍ଥିତି ଅନୁଧ୍ୟାନ କରିବେ ଡିଇଓ

**କଟକ ଅଫିସ, ୨୭।୨**

- ଛାତ୍ରୀଛାତ୍ର, ଅଭିଭାବକ ଉତ୍ସାହିତ
- ମାନସିକସ୍ତରରେ ଚାପମୁକ୍ତ କରିବାକୁ ବ୍ୟାପକ ବ୍ୟବସ୍ଥା

ପ୍ରଥମରୁ ସପ୍ତମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଅଫଲାଇନ୍ ପାଠପଢା ସୋମବାର ଆରମ୍ଭ ହେବାକୁ ଯାଉଛି। ୨ ବର୍ଷ ହେବ ସେମାନେ ବିଦ୍ୟାଳୟ ପରିବେଶଠାରୁ ଦୂରେଇ ରହିଛନ୍ତି। ହେଲେ ଏବେ ସ୍କୁଲ ଖୋଲିବା ନେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ମଧ ଉତ୍କଣ୍ଠା ପ୍ରକାଶ ପାଇଛି। ଅପରପକ୍ଷେ ସ୍କୁଲ ଆସିବା ପରେ ସେମାନଙ୍କ ଉପରେ ଚାପ ପଡିବାକୁ ଦିଆଯିବ ନାହିଁ। ଏଥିପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏ ନେଇ ଜିଲା ଶିକ୍ଷା ଅଧିକାରୀ(ଡିଇଓ) କୃଷ୍ଣଚନ୍ଦ୍ର ନାୟକ କହିଛନ୍ତି, ସରକାରଙ୍କ ନର୍ଦ୍ଦେଶ ଅନୁଯାୟୀ ସମସ୍ତ ପ୍ରସ୍ତୁତି କରାଯାଇଛି । ଶନିବାର ଜିଲାର ବିଭିନ୍ନ ସ୍ଥାନରେ ଅଭିଭାବକ ଓ ଶିକ୍ଷକଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ସ୍କୁଲ ଖୋଲିବାର ପ୍ରଥମ ସପ୍ତାହରେ ପାଠ ପଢାଯିବ ନାହିଁ ବୋଲି ସମସ୍ତ ବିଇଓ ଓ ସ୍କୁଲ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ପ୍ରଥମ ୬ ଦିନ ପିଲାମାନଙ୍କୁ ଖେଳ, ନାଚ, ଗୀତ ଓ ବିଭିନ୍ନ ପ୍ରତିଯୋଗିତାମୂଳକ କାର୍ଯ୍ୟରେ ନିୟୋଜିତ କରାଯିବ । ମାର୍ଚ୍ଚ ୯ରୁ ୩ ଧରି ସାହିତ୍ୟ, ଗଣିତ ଓ ଇଂଲିଶରେ ଦକ୍ଷତା ପରୀକ୍ଷା କରାଯାଇ ଛାତ୍ରୀଛାତ୍ରଙ୍କର ଦୁଇବର୍ଷର ଶିକ୍ଷା କ୍ଷେତ୍ରରେ ହୋଇଥିବା କ୍ଷତିକୁ ଭରଣା କରିବା ପାଇଁ ପ୍ରୟାସ କରାଯିବ। ଜିଲାରେ ଅଧିକ ସ୍କୁଲ ନିର୍ବାଚନ କାର୍ଯ୍ୟରେ ବ୍ୟବହୃତ ହୋଇନାହିଁ। ୨/୩ ସ୍କୁଲରେ ନିର୍ବାଚନ କରାଯାଇଥିଲା। ଆସନ୍ତା ୨ରୁ ୩ ଦିନ ମଧ୍ୟରେ ଉକ୍ତ ସ୍କୁଲ ଖୋଲାଯିବ ବୋଲି ଡିଇଓ ସୂଚନା ଦେଇଛନ୍ତି। ତେବେ ଏତେଦିନ ପରେ ସ୍କୁଲ ଆସୁଥିବା ଛାତ୍ରୀଛାତ୍ର ଓ ସ୍କୁଲର ଅବସ୍ଥା କ'ଣ ରହିଛି, ତାହାର ସ୍ଥିତି ଅନୁଧ୍ୟାନ କରିବା ପାଇଁ ସୋମବାର ଡିଇଓ ନାୟକ ବିଭିନ୍ନ ସ୍କୁଲ ପରିଦର୍ଶନ କରିବେ। ଏ ସମ୍ପର୍କରେ ଚାଉଳିଆଗଞ୍ଜ ଅଞ୍ଚଳର ଅଭିଭାବକ ଜ୍ୟୋତିର୍ମୟୀ ରାଉତରାୟ କହିଛନ୍ତି ୨ବର୍ଷ ହେବ ଶ୍ରେଣୀଗୃହ ଶିକ୍ଷାଦାନ ବନ୍ଦ ରହିଛି। ଯାହା ଶିକ୍ଷା କ୍ଷେତ୍ରରେ ବଡ କ୍ଷତି। ତେବେ ଯେତେଶୀଘ୍ର ପାଠପଢା ଆରମ୍ଭ ହେବ ପିଲାଙ୍କ ପାଇଁ ସେତେ ଉପକାରୀ। ସେହିପରି ୪ର୍ଥ ଶ୍ରେଣୀ ଛାତ୍ର ସୁପ୍ରତୀକ ସାହୁ କହିଛନ୍ତି, ସ୍କୁଲ ବନ୍ଦ ଯୋଗୁ ଶ୍ରେଣୀଗୃହ ଶିକ୍ଷାଦାନ ଓ ସାଙ୍ଗମାନଙ୍କୁ ବହୁତ ମିସ୍ କରୁଥିଲି। ଏବେ ସ୍କୁଲ ଖୋଲିବାରୁ ବହୁତ ଖୁସି।

## ପ୍ରଫେସର ନବକିଶୋର ଥିଲେ ଚିନ୍ତନଧର୍ମୀ ସାରସ୍ୱତ ସ୍ରଷ୍ଟା

**କଟକ ଅଫିସ,୨୭।୨**

କଟକ ଶ୍ରୀରାମଚନ୍ଦ୍ର ଭବନରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ସାଧକ ପ୍ରଫେସର ନବକିଶୋର ପୃଷ୍ଟିଙ୍କ ତୈଳଚିତ୍ର ରବିବାର ଉନ୍ମୋଚିତ ହୋଇଯାଇଛି। ସାହିତ୍ୟ ସମାଲୋଚକ ପ୍ରଫେସର ଦାଶରଥି ଦାସ ତୈଳଚିତ୍ରକୁ ଅନାବରଣ କରି କହିଥିଲେ, ପ୍ରଫେସର ପୃଷ୍ଟିଙ୍କ ସାହିତ୍ୟ ରଚନା ଓ ଅଧ୍ୟାପନା କ୍ଷେତ୍ରରେ ପାରଦର୍ଶିତା ତାଙ୍କୁ ସ୍ମରଣୀୟ କରି ରଖିବ। ଓଡ଼ିଆ ସମାଲୋଚନା ସାହିତ୍ୟ କ୍ଷେତ୍ରରେ ପ୍ରଫେସର ପୃଷ୍ଟି ଥିଲେ ଚିନ୍ତନଧର୍ମୀ ସାରସ୍ୱତ ସ୍ରଷ୍ଟା। ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ରେକି ମିଶନର ପ୍ରତିଷ୍ଠାତା ଶ୍ରୀ ସନ୍ଥ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ପ୍ରଫେସର ପୃଷ୍ଟି ଜଣେ ମହାନ ଶିକ୍ଷକ ଥିଲେ। ସମ୍ମାନିତ ଅତିଥି ବିଶିଷ୍ଟ କଥାଶିଳ୍ପୀ ଡ. ସୁଲୋଚନା ଦାସ ଯୋଗଦେଇ ପ୍ରଫେସର ପୃଷ୍ଟିଙ୍କ ସାଧନାମୟ ଓ ବ୍ୟକ୍ତିଗତ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ କହିଥିଲେ, ଯୁବ ଅଧ୍ୟାପକ ସମୟରୁ ପ୍ରଫେସର ପୃଷ୍ଟି ନିଜର ସ୍ୱତନ୍ତ୍ର ଦୃଷ୍ଟିକୋଣ ପ୍ରତିପାଦନ କରିଆସିଥିଲେ। ଅନୁଷ୍ଠାନର ଉପସଭାପତି ତଥା ନାଟ୍ୟକାର ସଞ୍ଜୀବ୍ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ, ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା, ଅଧ୍ୟାପକ କମଳ ମାହୁନ୍ତ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବାବେଳେ କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ବ୍ରହ୍ମାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ।



ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

## କଟକ ଜିଲାର ନିର୍ବାଚିତ ସରପଞ୍ଚ, ସମିତିସଭ୍ୟ

**କଣ୍ଟାପଡା/ଫୁଲନଖରା, ୨୭।୨(ଡି.ଏନ୍.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଫଳ ରବିବାର ପ୍ରକାଶ ପାଇଛି। ଏଥିରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। କଣ୍ଟାପଡା ୮ନଂ. ଜୋନ୍ ଅଧୀନ ନାହାଳପୁର ପଞ୍ଚାୟତରେ ସରପଞ୍ଚ ଭାବେ ନିରୁପମା ଜେନା ଓ ସମିତିସଭ୍ୟ ପ୍ରିୟବ୍ରତ ବେଉରା ନିର୍ବାଚିତ ହୋଇଛନ୍ତି। ସେହିପରି ଝାରପଡା ପଞ୍ଚାୟତରେ ସରପଞ୍ଚ ଭାବେ ଇତିଶ୍ରୀ ବେହେରା ଓ ସମିତିସଭ୍ୟ ଭାବେ ଜଗନ୍ନାଥ ସାହୁ, ବ୍ରାହ୍ମଣସାଇଲୋ ପଞ୍ଚାୟତର ସରପଞ୍ଚ ଭାବେ ତୃପ୍ତିମୟୀ ରାଉତ ଓ ସମିତିସଭ୍ୟ ଭାବେ ପ୍ରଶାନ୍ତ କୁମାର ପାଢୀ, ନୂଆଗାଁର ସରପଞ୍ଚ ଭାବେ ସୁପ୍ରିୟା ଭୋଇ ଓ ସମିତିସଭ୍ୟ ଭାବେ ରଜନୀକାନ୍ତ ଭୋଇ, ଗୋବିନ୍ଦପୁର ପଞ୍ଚାୟତର ସରପଞ୍ଚ ଭାବେ ସୁମିତ୍ରା ପାଢୀ ଓ ସମିତିସଭ୍ୟ ସନ୍ଧ୍ୟାରାଣୀ ଦାସ, ବଡ଼ ପାଟସୁନ୍ଦର ପଞ୍ଚାୟତର ସରପଞ୍ଚ ଭାବେ ମାନସୀ ମଲ୍ଲିକ ଓ ସମିତିସଭ୍ୟ ଭାବେ ଯତୀନ୍ଦ୍ର ନାଥ ବରାଳ ନିର୍ବାଚିତ ହୋଇଛନ୍ତି।

ସେହିପରି କଟକ ସଦର ୪ନଂ. ଜୋନ୍ ଅଧୀନ ଆମଣ ପଞ୍ଚାୟତର ସରପଞ୍ଚ ଭାବେ ମାନସୀ ପୃଷ୍ଟି ଓ ସମିତିସଭ୍ୟ ଭାବେ ରାଜକିଶୋର ପଟ୍ଟନାୟକ, ଉରାଳି ପଞ୍ଚାୟତର ସରପଞ୍ଚ ଅଭିଷେକ ବେହେରା ଓ ସମିତିସଭ୍ୟ ଭାବେ ଶୁକଦେବ ମଲ୍ଲିକ, ଖଣ୍ଡାଏତା ପଞ୍ଚାୟତର ସରପଞ୍ଚ ଭାବେ ଗାୟତ୍ରୀ ପରିଡା ଓ ସମିତିସଭ୍ୟ ଭାବେ ଜୟନ୍ତୀ ପ୍ରଧାନ ନିର୍ବାଚିତ ହୋଇଥିବା ଜଣାପଡିଛି।

**ମାହାଙ୍ଗା,(ସ୍ୱ.ପ୍ର.):** କଟକ ଜିଲା ମାହାଙ୍ଗା ବ୍ଲକ ୩୯ ନଂ. ଜୋନର ସମସରପୁର ପଞ୍ଚାୟତ ସରପଞ୍ଚ ଦେବକୀ ମଲ୍ଲିକ, ସମିତିସଭ୍ୟ ଉର୍ମିଳା ଦାସ, ସାହାପୁର ସରପଞ୍ଚ ସାରଦା ପ୍ରସାଦ ମହାନ୍ତି, ସମିତିସଭ୍ୟ ଗଙ୍ଗାରାଣୀ ଦେହୁରୀ, ମୂଳବସନ୍ତ ସରପଞ୍ଚ ଅନ୍ନପୂର୍ଣ୍ଣା କର, ସମିତିସଭ୍ୟ ସଙ୍ଗୀତା ମାହାନ୍ତି, ମଧୁପୁର ସରପଞ୍ଚ ରବୀନ୍ଦ୍ର ବାଗ, ସମିତିସଭ୍ୟ ଲିଲି ସେଠୀ, କୁଣ୍ଡି ସରପଞ୍ଚ ବିଜୟାନନ୍ଦ ସ୍ୱାଇଁ, ସମିତିସଭ୍ୟ ସେକ୍ ଲତିଫୁର ରହେମାନ, କୋଳିଅଠା ସରପଞ୍ଚ ଶୁଭଶ୍ରୀ ବିଶ୍ୱାଳ, ସମିତିସଭ୍ୟା କଳ୍ପନା ସିଂହ, କଇଥା ସରପଞ୍ଚ ଶୈଳବାଳା ବେହେରା, ସମିତିସଭ୍ୟ ବନଲତା ଦଳେଇ, ବାଜପୁରା ସରପଞ୍ଚ ପ୍ରଭାତ କିଶୋର ରାଉତ, ସମିତିସଭ୍ୟ ପରମାନନ୍ଦ ନାୟକ, ବାସୁଦେବ ସରପଞ୍ଚ ଅନୁସୂୟା ଦାଶ ଓ ସମିତିସଭ୍ୟ ସତ୍ୟନାରାୟଣ ମହାନ୍ତି ନିର୍ବାଚିତ ହୋଇଛନ୍ତି।

**ନିଶ୍ଚିନ୍ତକୋଇଲି,(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକର ୨୪ ନଂ. ଜିଲା ପରିଷଦ ଜୋନର ନିଶ୍ଚିନ୍ତକୋଇଲି ପଞ୍ଚାୟତର ସରପଞ୍ଚ ମଧୁସ୍ମିତା ରାଉତ, ସମିତିସଭ୍ୟ ସବିତା ସିଂ, ରାମକୃଷ୍ଣପୁର ସରପଞ୍ଚ ଭାରତୀ ସ୍ୱାଇଁ, ସମିତିସଭ୍ୟ ନର୍ମଦା ରାଉତ, ଜିଗ୍ନିପୁର ସରପଞ୍ଚ ତିଳୋତମା ରାଉତ, ସମିତିସଭ୍ୟ ଅଶୋକ କୁମାର ଓଝା, ବଡକ୍ଷୀର ସରପଞ୍ଚ ହିମାଂଶୁ ନାରାୟଣ ମଲ୍ଲ, ସମିତିସଭ୍ୟ ପ୍ରଦୋସ କୁମାର ସାହୁ, ଫଗୋଳ ରୂପେ ବୈଷ୍ଣବ ଚରଣ ସାମଲ, ସମିତିସଭ୍ୟ ନୃସିଂହ ମିଶ୍ର, ବରାଦୋ ସରପଞ୍ଚ ଦୀପ୍ତିମୟୀ ବରାଳ, ସମିତିସଭ୍ୟା ଶୁଭଶ୍ରୀ ସାହୁ, ନଟକାଇ ସରପଞ୍ଚ ଜୟଦେବ ରାଉତ, ସମିତିସଭ୍ୟା ସରସ୍ୱତୀ ରାଉତ, ଜୟରାମପୁର ସରପଞ୍ଚ ସ୍ୱାତୀ ସୁଚରିତା ରାଉତ, ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ଦାସ ନିର୍ବାଚିତ ହୋଇଛନ୍ତି।

**ବାଙ୍କୀ,(ସ୍ୱ.ପ୍ର.):** ଡମପଡ଼ା ବ୍ଲକ ୩୭ ନଂ. ଜିଲା ପରିଷଦ ଜୋନର ଦୁର୍ଗାପୁର ପଞ୍ଚାୟତ ସରପଞ୍ଚ ଭାରତୀ ମହାପାତ୍ର, ସମିତିସଭ୍ୟ ଶ୍ରୀକାନ୍ତ ଦାସ, ବିଲିପଡା ସରପଞ୍ଚ ବିଦ୍ୟୁଲତା ପରିଡା, ସମିତିସଭ୍ୟା ରେଣୁବାଳା ସ୍ୱାଇଁ, ରଗଡି ସରପଞ୍ଚ ବିଜୟଲକ୍ଷ୍ମୀ ମହାନ୍ତି, ସମିତି ସଭ୍ୟ ଭାଗୀରଥି ପାଣି, ତୁଳସୀପୁର ସରପଞ୍ଚ ଶରତ ପ୍ରଧାନ, ସମିତିସଭ୍ୟ ନାରଣ ଜେନା, ଶିମିଳିପୁର ସରପଞ୍ଚ ଶ୍ରୀକାନ୍ତ ବେହେରା, ସମିତିସଭ୍ୟା ଝୁନା ନାଏକ, ହରିରାଜପୁର ସରପଞ୍ଚ ଅଦ୍ୱୈତ୍ୟ ବେଉରା, ସମିତିସଭ୍ୟା ପୁଷ୍ପଲତା ମହାନ୍ତି, ଗୋପାଳପୁର ସରପଞ୍ଚ ଅବନ୍ତୀ ବେହେରା, ସମିତିସଭ୍ୟ ଦିବାକର ପଟ୍ଟନାୟକ, ନରଗାଙ୍ଗ ସରପଞ୍ଚ ରେବତୀ ଜେନା, ସମିତିସଭ୍ୟ ପ୍ରଶାନ୍ତ ମତଗଜସିଂହ, ଢ଼ଁସର ସରପଞ୍ଚ ମିନତି ବେହେରା, ସମିତିସଭ୍ୟା ପିଙ୍କି ବେହେରା ନିର୍ବାଚିତ ହୋଇଛନ୍ତି।

ବାଙ୍କୀ ବ୍ଲକ ୩୪ ନଂ. ଜିଲା ପରିଷଦ ଜୋନର ବୈଦ୍ୟେଶ୍ୱର ପଞ୍ଚାୟତ ସରପଞ୍ଚ ସୁରଞ୍ଜନ ପଣ୍ଡା, ସମିତିସଭ୍ୟ ମହେଶ୍ୱର ମହାପାତ୍ର, କେନ୍ଦୁପଲ୍ଲୀ ସରପଞ୍ଚ ପ୍ରଦ୍ୟୁମ୍ନ ସୁବୁଦ୍ଧି, ସମିତିସଭ୍ୟ ପ୍ରେମାନନ୍ଦ ସାହୁ, ଜଗନ୍ନାଥପୁର ସରପଞ୍ଚ ପ୍ରଭୁପ୍ରସାଦ ବେହେରା, ସମିତିସଭ୍ୟ ପ୍ରଶାନ୍ତ ମହାନ୍ତି, ବଳଭଦ୍ରପୁର ସରପଞ୍ଚ ସନ୍ଧ୍ୟାରାଣୀ ସାହୁ, ସମିତିସଭ୍ୟ ପୁଷ୍ପଲତା ସାମନ୍ତ, କଳାପଥର ସରପଞ୍ଚ କମଳା ସ୍ୱାଇଁ, ସମିତିସଭ୍ୟା ଝରଣା ରଣା, କାଳିପୋଇ ସରପଞ୍ଚ ସୁଧିର ବେହେରା, ସମିତିସଭ୍ୟ ମନୋରମା ନାୟକ ବଜୟୀ ହୋଇଛନ୍ତି।

**ସାଲେପୁର,(ଡି.ଏନ.ଏ.):** ସାଲେପୁର ବ୍ଲକ ଅଧୀନ ୪୩ ନଂ. ଜିଲା ପରିଷଦ ଜୋନର ଶିଶୁଆ ପଞ୍ଚାୟତ ସରପଞ୍ଚ ପ୍ରତିମା ସାହୁ, ସମିତିସଭ୍ୟ ମାନସ କୁମାର ଦାଶ, ନନ୍ଦୋଳ ସରପଞ୍ଚ ଜ୍ଞାନରଞ୍ଜନ ପଟ୍ଟନାୟକ, ସମିତିସଭ୍ୟା ବନ୍ଦନା ରାଉତ, ସୌରୀ ସରପଞ୍ଚ ପ୍ରଭାତୀ ବେହେରା, ସମିତିସଭ୍ୟ ରାମଚନ୍ଦ୍ର ଭୋଇ, ମହଣ ସରପଞ୍ଚ ପ୍ରଭାତ କୁମାର ପାତ୍ର ଓ ସମିତିସଭ୍ୟା ଗୀତାଞ୍ଜଳି ବେହେରା, ରାମେଶ୍ୱର ସରପଞ୍ଚ ଅନିତା ରାଉତ, ସମିତିସଭ୍ୟ ମୋନାଲିସା ପରିଡ଼ା, ଗୋପୀନାଥପୁର ସରପଞ୍ଚ ଦମୟନ୍ତୀ ମହାନ୍ତି, ସମିତିସଭ୍ୟ ହୃଷୀକେଶ କାନୁନ୍‌ଗୋ, ନାଇଗୁଁଆ ସରପଞ୍ଚ ପ୍ରିୟଦର୍ଶିନୀ ମଲ୍ଲିକ, ସମିତିସଭ୍ୟ ମନମୋହନ ନନ୍ଦ, ସତ୍ୟଭାମାପୁର ସରପଞ୍ଚ ସୁଧାଂଶୁବାଳା ଜେନା, ସମିତିସଭ୍ୟ ସରୋଜ କୁମାର ମହାନ୍ତି ବିଜୟୀ ହୋଇଛନ୍ତି।

**ଆଠଗଡ଼(ସ୍ୱ.ପ୍ର.):** ଆଠଗଡ ବ୍ଲକ ବଡଭୂଇଁ ପଞ୍ଚାୟତରେ ସରପଞ୍ଚ ଗୋପାଳ ସାହୁ, ସମିତି ସଭ୍ୟ ବାପିନା ପଣ୍ଡା, ଇଛାପୁର ସରପଞ୍ଚ କବିରାଜ ସାହୁ, ସମିତି ସଭ୍ୟ ମୋନାଲିସା ସାହୁ, ଜେନାପଦା ସରପଞ୍ଚ ରଶ୍ମିତା ଦେବତା, ସମିତିସଭ୍ୟା ମେନକା ସେଠୀ, ସଠିଲୋ ସରପଞ୍ଚ ବୀଣାପାଣି ପରିଡ଼ା, ସମିତି ସଭ୍ୟ ସୁବାସ ପାଳ, ସମସରପୁର ସରପଞ୍ଚ ପୂର୍ଣଚନ୍ଦ୍ର ରାଉତ, ସମିତିସଭ୍ୟା ଲିଲି ମହାପାତ୍ର, ଖୁଣ୍ଟକଟା ସରପଞ୍ଚ ମନୋଜ କୁମାର ନାୟକ, ସମିତିସଭ୍ୟ ଜୟଶ୍ରୀ ଦେହୁରୀ, ଦୋରଡ ସରପଞ୍ଚ ଜ୍ୟୋସ୍ନାରାଣୀ ଭୋଇ, ସମିତିସଭ୍ୟ ବିଭୁତି ବେହେରା, କୁଲାଇଲୋ ସରପଞ୍ଚ ସୁଜାତା ବେଉେରାୟ, ସମିତି ସଭ୍ୟ ଅନସୂୟା ସ୍ୱାଇଁ, ଯୋରନ୍ଦା ସରପଞ୍ଚ କମଳା ନାୟକ, ସମିତି ସଭ୍ୟ ମାନସ ସ୍ୱାଇଁ, ତରଡିଙ୍ଗ ସରପଞ୍ଚ ସିଦ୍ଧାନ୍ତ ଦଳେଇ ଓ ସମିତିସଭ୍ୟ ଭାବେ ଲୀଳାବତି ନାଏକ ବିଜୟୀ ହୋଇଥିବା ଜଣାପଡ଼ିଛି।

# ଜିଲା ପରିଷଦ ଆସନ: ସବୁ ପୋଛିନେଲା ବିଜେଡି

■ ୧ ନମ୍ବର ଜୋନ୍‌ରେ କଂଗ୍ରେସ ନିରାଶ
■ ପ୍ରଥମ ପର୍ଯ୍ୟାୟରେ ୭୦୮୮ ଭୋଟ ନାକଚ

**ପୁରୀ ଅଫିସ,୨୭।୨:**

ପୁରୀ ଜିଲାର ୧୧ଟି ଯାକ ଜିଲା ପରିଷଦ ଆସନରେ ବିଜୁ ଜନତା ଦଳ (ବିଜେଡି) ପ୍ରାର୍ଥୀ ବିଜୟ ଲାଭ କରିଛନ୍ତି। ଅସ୍ତରଙ୍ଗ ବ୍ଲକର ୧ ନମ୍ବର ଜୋନ୍‌ରେ ବିଜେଡି ପ୍ରାର୍ଥୀ ସରସ୍ୱତୀ ସ୍ୱାଇଁ ଜିତିଛନ୍ତି। ସରସ୍ୱତୀଙ୍କୁ ୧୭,୩୪୮ ଭୋଟ ମିଳିଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ଶୁଭସ୍ମିତା ସାହୁ ୭,୬୪୪ ଭୋଟ ପାଇଛନ୍ତି। ବ୍ରହ୍ମଗିରି ବ୍ଲକର ୨୮ ନଂ. ଜୋନ୍‌ରେ ବିଜେଡିର କୈଳାସ ଚନ୍ଦ୍ର ପରିଡ଼ାଙ୍କୁ ୧୫,୧୯୭ ଭୋଟ ପାଇ ଜିତିଛନ୍ତି। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର କୃଷ୍ଣଚନ୍ଦ୍ର ରାୟଙ୍କୁ ୧୩,୦୬୨ଖଣ୍ଡ ଭୋଟ ମିଳିଛି। ଡେଲାଙ୍ଗ ବ୍ଲକ ୧୫ ନମ୍ବର ଜୋନ୍‌ରେ ବିଜେଡିର ପ୍ରଜ୍ଞା ଛୋଟରାୟ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଗୀତାଞ୍ଜଳି ସ୍ୱାଇଁଙ୍କଠାରୁ ୬,୬୭୨ ଖଣ୍ଡ ଅଧିକ ଭୋଟ ପାଇ ଜିତିଛନ୍ତି। ଗୋପ ବ୍ଲକର ୧୧ ନଂ. ଜୋନ୍‌ରେ ବିଜେଡିର ଧର୍ମେନ୍ଦ୍ର କୁମାର ସାହୁ ୧୪, ୭୭୨ ଭୋଟ ପାଇ ଜିତିଛନ୍ତି। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ନିରଞ୍ଜନ ମହାପାତ୍ରଙ୍କୁ ୯୮୪୬ ଭୋଟ ମିଳିଛି। କାକଟପୁର ବ୍ଲକ ୬ନଂ. ଜୋନ୍‌ରେ ଜ୍ୟୋସ୍ନାରାଣୀ ଦଳାଇ ୧୦, ୧୨୬ ଭୋଟ ପାଇ ଜିତିଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ସସ୍ମିତା ସ୍ୱାଇଁ ୬୯୪୨ ଭୋଟ ପାଇଛନ୍ତି। କଣାସ ବ୍ଲକର ୩୦ ନଂ. ଜୋନ୍‌ରେ ବିଜେଡି ପ୍ରାର୍ଥୀ ପ୍ରଣତି ଜେନା ୧୫, ୮୩୦ ଭୋଟ ପାଇ ଜିତିଛନ୍ତି। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ମିନାକ୍ଷୀ ମିଶ୍ରଙ୍କୁ ୧୨, ୮୨୪ ଖଣ୍ଡ ଭୋଟ ମିଳିଛି। କୃଷ୍ଣପ୍ରସାଦ ବ୍ଲକ ୯ ନଂ. ଜୋନ୍‌ରେ ବିଜେଡିର ଲକ୍ଷ୍ମୀଧର ସାହୁ ୧୭,୬୨୫ ଭୋଟ ପାଇ ଜିତିଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ଜୟରାମ ଦାଶଙ୍କୁ ହରାଇଛନ୍ତି। ନିମାପଡ଼ା ବ୍ଲକର ୧୮ନଂ. ଜୋନ୍‌ରେ ବିଜେଡିର କୁଞ୍ଜଲତା ସାମଲ ୧୬, ୧୦୩ ଖଣ୍ଡ ଭୋଟ ପାଇ ଜିତିଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ସ୍ୱପ୍ନକୁମାର ମିଶ୍ର ୧୩,୫୮୭ ଭୋଟ ପାଇଛନ୍ତି। କୁଞ୍ଜଲତା ୨୫୧୬ ଖଣ୍ଡ ଭୋଟ୍‌ରେ ବିଜୟ ଲାଭ କରିଛନ୍ତି। ପିପିଲି ବ୍ଲକର ୨୨ନଂ. ଜୋନ୍‌ରେ ବିଜେଡିର ସଙ୍ଗୀତା ବେହେରା ୧୯,୬୫୦ ଖଣ୍ଡ ଭୋଟ ପାଇ ଜିତିଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ପ୍ରଭାସିନି ବେହେରାଙ୍କୁ ୧୨, ୧୪୩ ଖଣ୍ଡ ଭୋଟ ମିଳିଛି। ପୁରୀ ସଦର ବ୍ଲକ୍ ୨୫ ନଂ. ଜୋନ୍‌ରେ ମୋନାଲି ମିଶ୍ର ୧୫, ୫୨୨ ଖଣ୍ଡ ଭୋଟ ପାଇ ଜିତିଥିବାବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଅଲିସା ମିଶ୍ରଙ୍କୁ ୧୩, ୬୧୨ ଖଣ୍ଡ ଭୋଟ ମିଳିଛି। ସତ୍ୟବାଦୀ ବ୍ଲକର ୩୧ ନଂ. ଜୋନ୍‌ରେ ବିଜେଡିର ନାରାୟଣ ରାଉତରାୟଙ୍କୁ ୧୫,୫୫୪ ଭୋଟ ପାଇ ଜିତିଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଜାନକୀ ବଲ୍ଲଭ ବରାଳଙ୍କୁ ୧୧, ୧୫୪ ଖଣ୍ଡ ଭୋଟ ମିଳିଛି। ବିଜୟ ପରେ ପୁରୀ ଜିଲା ବିଜେଡି ସଭାପତି ମହେଶ୍ୱର ମହାନ୍ତି କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଓ ନିର୍ମଳ ଭାବମୂର୍ତ୍ତି ଉପରେ ଭରସା କରି ମତଦାତାମାନେ ବିଜେଡି ପ୍ରତିନିଧିମାନଙ୍କୁ ବିଜୟ ମୁକୁଟ ପିନ୍ଧାଇଛନ୍ତି। ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାର ସୁବିଧା ପୁରୀ ଜିଲାବାସୀଙ୍କୁ ମିଳିଛି ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପିପିଲି ବ୍ଲକରେ ସର୍ବାଧିକ ୧୦୮୪, ପୁରୀ ସଦରରେ ୧୦୬୧, ଡେଲାଙ୍ଗରେ ୧୦୨୬, ସତ୍ୟବାଦୀରେ ୬୯୩, କଣାସରେ ୬୮୯, ବ୍ରହ୍ମଗିରିରେ ୫୧୮, କୃଷ୍ଣପ୍ରସାଦରେ ୪୮୪, ନିମାପଡ଼ାରେ ୪୭୯, କାକଟପୁରରେ ୪୧୦, ଗୋପରେ ୩୧୫ ଏବଂ ଅସ୍ତରଙ୍ଗ ବ୍ଲକରେ ସର୍ବନିମ୍ନ ୨୪୯ ଭୋଟ ନାକଚ ହୋଇଛି। ୧୧ଟି ଜୋନ୍‌ରେ ସର୍ବମୋଟ୍ ୭ ହଜାର ୮୮ଟି ଭୋଟ ନାକଚ ହୋଇଛି। ରବିବାର ଓ ସୋମବାର ୨ୟ ଓ ୩ୟ ପର୍ଯ୍ୟାୟ ଭୋଟ ଗଣତି ଜାରି ରହିବ।

## ୬ଷ୍ଠ ଥର ପଦ ହାତେଇଲେ କୁଞ୍ଜଲତା



**ନିମାପଡା, ୨୭।୨ (ଡି.ଏନ୍.ଏ.):** ନିମାପଡା ବ୍ଲକ ଅନ୍ତର୍ଗତ ୧୮ନଂ. ଜୋନ ଭାଜପା ଜିଲା ପରିଷଦ ପ୍ରାର୍ଥୀ ସ୍ୱପ୍ନ କୁମାର ମିଶ୍ରଙ୍କୁ ପରାସ୍ତ କରି ବିଜେଡି ଜିଲା ପରିଷଦ ପ୍ରାର୍ଥୀ କୁଞ୍ଜଲତା ସାମଲ ବିଜୟୀ ହୋଇଛନ୍ତି। କୁଞ୍ଜଲତା ୫ ଥର ବିଭିନ୍ନ ଜୋନ୍‌ରୁ ନିର୍ବାଚିତ ହୋଇଥିବାବେଳେ ଚଳିତ ଥର ନିର୍ବାଚନ ଜିତି ୬ଷ୍ଠ ଥର ପାଇଁ ବିଜୟ ହାସଲ କରିଛନ୍ତି। ରବିବାର ୧୯ନଂ. ଜିଲା ପରିଷଦ ଜୋନ୍‌ର ଭୋଟ ଗଣତି ଚାଲୁ ରହିଛି। ୭ମ ରାଉଣ୍ଡ ଗଣତି ସୁଦ୍ଧା ଭାଜପା ଜିଲା ପରିଷଦ ପ୍ରାର୍ଥୀ ବିଜୟ କୁମାର ପଣ୍ଡା ୫ ହଜାର ୧୭୪ ଖଣ୍ଡ ଭୋଟ ପାଇଥିବାବେଳେ ବିଜେଡି ଜିଲା ପରିଷଦ ପ୍ରାର୍ଥୀ ପ୍ରଦୀପ୍ତ କୁମାର ଖଟୋଇ ୮ ହଜାର ୮୦୪ ଭୋଟ ପାଇ ୩ ହଜାର ୬୩୦ ଭୋଟରେ ଆଗରେ ରହିଛନ୍ତି।

## ସଂକ୍ଷେପରେ

### ଶିଶୁଙ୍କୁ ଦିଆଗଲା ପୋଲିଓ ବୁନ୍ଦା



ପୁରୀ ଅଫିସ, ୨୭।୨: ପୁରୀ ଜିଲାରେ ରବିବାରଠାରୁ ପଲ୍ସ ପୋଲିଓ ବୁନ୍ଦା ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସକାଳ ୮ଟାରେ ଜିଲା ମୁଖ୍ୟ ଚିକିତ୍ସାଳୟର ମାତୃ ଓ ଶିଶୁ ମଙ୍ଗଳ କେନ୍ଦ୍ରରେ ସିଡିଏମ୍‌ଓ ଡାକ୍ତର ସୁଜାତା ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଜନ୍ମରୁ ୫ ବର୍ଷ ବୟସ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯିବ। ଜିଲାର ୧,୮୫,୯୦୧ ଜଣ ଶିଶୁଙ୍କୁ ବୁନ୍ଦା ଦିଆଯିବା ନେଇ ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଛି। ଟିକାଦାତାମାନେ ୩,୬୮,୮୦୫ ଘର ଘର ବୁଲି ପୋଲିଓ ବୁନ୍ଦା ପ୍ରଦାନ କରିବେ। ସହରାଞ୍ଚଳରେ ୫୫,୧୦୦ ଓ ଗ୍ରାମାଞ୍ଚଳରେ ୧,୩୦,୮୦୧ ଜଣଙ୍କୁ ପୋଲିଓ ବୁନ୍ଦା ଦିଆଯିବ। ଏଥିପାଇଁ ୭୬୬ଟି ବୁଥ ପ୍ରସ୍ତୁତ କରାଯାଇଛି। ଜିଲା ବାହାରୁ ଆସୁଥିବା ଶିଶୁଙ୍କୁ ବୁନ୍ଦା ଦେବା ନିମନ୍ତେ ଶ୍ରୀମନ୍ଦିର ନିକଟ, ବସଷ୍ଟାଣ୍ଡ, ରେଳଷ୍ଟେଶନ ଏବଂ ଅନ୍ୟ ଜନଗହଳି ଭଳି ୫୬ଟି ସ୍ଥାନ ଚିହ୍ନଟ କରାଯାଇଛି। ୨୪ଟି ଭ୍ରାମ୍ୟମାଣ ଦଳ ସାମିଲ ଅଛନ୍ତି। ଏହି ଅଭିଯାନରେ ୩,୦୬୪ ଜଣ ବୁନ୍ଦା ପ୍ରଦାନକାରୀ ଓ ୧୬୨ ଜଣ ସୁପରଭାଇଜରଙ୍କ ସମେତ ୩୩୮୬ ବ୍ୟକ୍ତି ଓ ଅଙ୍ଗନୱାଡି କର୍ମୀ ସାମିଲ ଅଛନ୍ତି। ସୋମବାର ଓ ମଙ୍ଗଳବାର ସହରର ବିଭିନ୍ନ ସ୍ଥାନ ଏବଂ ଲୋକଙ୍କ ଘରକୁ ଘର ବୁଲି ଶିଶୁମାନଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯିବ ବୋଲି ସିଡିଏମ୍‌ଓ ସୁଜାତା ମିଶ୍ର ସୂଚନା ଦେଇଛନ୍ତି।

### ଖରାରେ ପୋଲିଓ ବୁନ୍ଦା ପ୍ରଦାନ ନେଇ ଅସନ୍ତୋଷ

ଗୋପ,୨୭।୨(ଡି.ଏନ୍.ଏ.): ପୁରୀ ଜିଲାରେ ରବିବାର ପଲ୍‌ସ ପୋଲିଓ ଟିକାକରଣ ଆରମ୍ଭ ହୋଇଛି। ଗୋପ ବଜାର ପାର୍ଶ୍ୱରେ ପୋଲିଓ ଟିକାକରଣ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଅଭିଯୋଗ ପରେ ଡାକ୍ତରଖାନା ପରିସରରେ ଏହି ପୋଲିଓ ଟିକାକାରଣ କରାଯାଇଥିଲା।ପୋଲିଓ ଟିକାକରଣ ଦାୟିତ୍ୱରେ ଥିବା ନର୍ସ ବନଶ୍ରୀ ପରମାଣିକ କୁହନ୍ତି, ଅଧିକାରୀଙ୍କ ନିର୍ଦ୍ଦେଶରେ ପୋଲିଓ ବୁନ୍ଦା ଦେଉଥିବା କରିଥିଲେ। ଅନ୍ୟପକ୍ଷରେ ଏ ସମ୍ପର୍କରେ ଜିଲା ସ୍ୱାସ୍ଥ୍ୟ ବିଭାଗର ଏଡିଏମ ଡା.ଦେବୀ ପ୍ରସାଦ ମହାପାତ୍ର ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ।

### ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

ପୁରୀ ଅଫିସ, ୨୭।୨: ପୁରୀ ପୌରପାଳିକା ଅଧୀନ ୧୨ନମ୍ବର ୱାର୍ଡରେ ରବିବାର ବିଜେଡିର ନୂତନ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ ହୋଇଛି। ଅଞ୍ଚଳର ବିକାଶ ତ୍ୱରାନିତ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ବିଜେଡିର ପୁରୀ ଜିଲା ସଭାପତି ମହେଶ୍ୱର ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ କାର୍ଯ୍ୟାଳୟ ଖୋଲାଯାଇଥିବା କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ୧୨ ନମ୍ବର ୱାର୍ଡ ସଭାପତି ଭାଗିରଥୀ ଖୁଣ୍ଟିଆ, ରାଜ୍ୟ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ଇଂ. ଶକ୍ତି ପ୍ରସାଦ ରଥ, ହରିହର ଜେନା, ଶିବ ଶଙ୍କର ରଣା, ଜଗନ୍ନାଥ ସାହୁ, କୃଷ୍ଣଚନ୍ଦ୍ର ସାହୁ, ଦୁର୍ଗେଶ ଆଚାର୍ଯ୍ୟ, ଲକ୍ଷ୍ମୀଧର ଖୁଣ୍ଟିଆ, ମାଧବ କର ପ୍ରମୁଖ ଉପସ୍ଥିତ ଥିଲେ।



ସାକ୍ଷୀଗୋପାଳସ୍ଥିତ ଲେଖନୀ ସାହିତ୍ୟ ଅନୁଷ୍ଠାନର ବାର୍ଷିକ ଉତ୍ସବରେ ରବିବାର କବି ସୁଜାତା ଦେବୀଙ୍କ ଶିଶୁଗଳ୍ପ ପୁସ୍ତକ 'ନୂଆ କାହାଣୀ'କୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

# କାଳଜୟୀ କବିତା ଉପରେ ଆଲୋଚନା

**ଲେଖନୀ ସାହିତ୍ୟ ଅନୁଷ୍ଠାନର ବାର୍ଷିକ ଉତ୍ସବ**

**ସାକ୍ଷୀଗୋପାଳ,୨୭।୨(ଡି.ଏନ୍.ଏ.)**

ଲେଖନୀ ସାହିତ୍ୟ ଅନୁଷ୍ଠାନର ବାର୍ଷିକ ଉତ୍ସବ ସ୍ଥାନୀୟ ବନପୁର ଗ୍ରାମରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସାହିତ୍ୟିକା ଡ.ପ୍ରତିଭା ମହାରଥୀ, ମୁଖ୍ୟ ବକ୍ତା ନିରଞ୍ଜନ ବାହିନୀପତି ଓ ଅତିଥି ଭାବେ କ୍ଷୀରୋଦ କୁମାର ରାୟମହାପାତ୍ର ଯୋଗଦେଇ କାଳଜୟୀ କବିତା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥିଭାବେ ରବୀନ୍ଦ୍ରନାଥ ଷଡ଼ଙ୍ଗୀ, ଦିଲୀପ ସେନାପତି ଯୋଗଦେଇଥିଲେ। ଉତ୍ସବ କମିଟିର ଆବାହକ ମାନସ ରଞ୍ଜନ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ଲେଖନୀ ଅନୁଷ୍ଠାନର ସମ୍ପାଦକ ବିଜୟ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ଜିଲାର ପ୍ରାୟ ୭୦ଜଣ କବୟିତ୍ରୀ ଓ କବି ଯୋଗଦେଇ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। କବି ସୁଜାତା ଦେବୀଙ୍କ ଶିଶୁଗଳ୍ପ ପୁସ୍ତକ 'ନୂଆ କାହାଣୀ'କୁ ଅତିଥିମାନେ ଲୋକାର୍ପିତ କରିଥିଲେ। ନଳିନୀପ୍ରଭା ଦାସ, ଦେବୀ ପ୍ରସାଦ ମହାପାତ୍ର, ଶରତ କୁମାର ଚଉଁରୀ ଓ ସୁନିତା ପଣ୍ଡା କବିତା ଆସର ସଂଯୋଜନା କରିଥିଲେ। ଏହି ଅବସରରେ କଳାକାରଙ୍କ ଦ୍ୱାରା ପାଲା ପ୍ରତିଯୋଗିତା ହୋଇଥିଲା। ଦାଶରଥି ମହାନ୍ତି ଧନ୍ୟବାଦ ଦେଇଥିଲେ।

# ୧୦ ଜିଲା ପରିଷଦ ଆସନରେ ବିଜେଡି ଆଗୁଆ

**ପୁରୀ ଅଫିସ, ୨୭।୨:**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗଣତିରେ ପୁରୀ ଜିଲାର ୧୧ଟି ଜୋନ୍ ସାମିଲ ହୋଇଛି। ରବିବାର ରାତ୍ର ୧୦ଟା ସୁଦ୍ଧା ଜୋନ୍‌ଗୁଡ଼ିକରେ ସର୍ବାଧିକ ୬ରୁ ୭ ରାଉଣ୍ଡ ଗଣତି ହୋଇଛି। ବିଜେଡି ୧୦ଟି ଜୋନ ଜିଲା ପରିଷଦ ଆସନରେ ଆଗୁଆ ଥିବା ବେଳେ ଭାଜପା ଗୋଟିଏରେ ଆଗରେ ରହିଛି। ବ୍ରହ୍ମଗିରିର ୨୯, କୃଷ୍ଣପ୍ରସାଦର ୧୦ ଓ ନିମାପଡ଼ା ୧୯, କାକଟପୁର ୭, ଅସ୍ତରଙ୍ଗର ୨, ଡେଲାଙ୍ଗର ୧୬, ଗୋପର ୧୨, କଣାସର ୪, ନିମାପଡ଼ାର ୧୯ , ପିପିଲିର ୨୩, ପୁରୀ ସଦରର ୨୬ ଏବଂ ସତ୍ୟବାଦୀ ବ୍ଲକ୍‌ର ୩୨ ନମ୍ବର ଜୋନର ଭୋଟ୍ ଗଣତି ହୋଇଥିଲା। ଅସ୍ତରଙ୍ଗ ବ୍ଲକ୍‌ର ୨ ନଂ ଜୋନ୍‌ରେ ମମତା ଜାଲିଙ୍କୁ ୪୧୩୭ ଖଣ୍ଡ ଓ ବନିତା ବେହେରାଙ୍କୁ ୬୩୮୯ ଭୋଟ ମିଳିଛି। ବ୍ରହ୍ମଗିରି ବ୍ଲକ୍ ୨୯ନଂ ଜୋନ୍‌ର ଭାଜପାର ସିଲ୍‌ସ୍ମିତା ନାୟକଙ୍କୁ ୮୫୩୫ ଓ ବିଜେଡିର ସ୍ୱପ୍ନାରାଣୀ ସ୍ୱାଇଁଙ୍କୁ ୧୦୮୯୫ ଭୋଟ ମିଳିଛି। ଡେଲାଙ୍ଗର ୧୬ ନଂ ଜୋନ୍‌ରେ ବିଜେଡିର ପ୍ରସନ୍ନ କୁମାର ସାହୁ ୬୪୪୩ ଓ କଂଗ୍ରେସର ରବିନ୍ଦ୍ର କୁମାର ଦାସ ୬୧୫୦ ଭୋଟ ପାଇଛନ୍ତି । ଗୋପର ୧୨ ନଂ ଜୋନ୍‌ରେ ଭାଜପାର ଚୁନାମଣି ବେହେରାଙ୍କୁ ୬୪୩୯ ଓ ବିଜେଡିର ପୁଷ୍ପାରାଣୀ ସ୍ୱାଇଁଙ୍କୁ ୯୦୫୫ ଖଣ୍ଡ ଭୋଟ ମିଳିଛି। କାକଟପୁରର ୭ ନଂ ଜୋନ୍‌ରେ ଭାଜପାର ମମତା ମଲ୍ଲିକ ୨୩୬୯ ଓ ବିଜେଡିର ସଂଯୁକ୍ତା ଦୀକ୍ଷିତ୍ ୪୭୬୮ ଖଣ୍ଡ ଭୋଟ ପାଇଛନ୍ତି। କଣାସର ୪ନଂ. ଜୋନ୍‌ରେ ସୌମ୍ୟ ରଞ୍ଜନ ବଳିଆରସିଂହ ୫୩୬୮ ଓ ବଜେଡିର ଭୀମସେନ୍ ପାଇକରାୟ ୬୩୮୬ ଭୋଟ ପାଇଛନ୍ତି। କୃଷ୍ଣପ୍ରସାଦ ବ୍ଲକ୍‌ରେ ଭାଜପା ପ୍ରାର୍ଥୀ ରୋହିତ୍ ଜେନା ୯୨୦୪ ଓ ବିଜେଡିର ସନ୍ଦୀପ କୁମାର ଜେନା ୯୮୩୭ ଭୋଟ ପାଇଛନ୍ତି। ନିମାପଡ଼ାର ଭାଜପା ପ୍ରାର୍ଥୀ ବିଜୟ କୁମାର ପଣ୍ଡା ୮୩୬୧ ଓ ବିଜେଡିର ପ୍ରଦୀପ୍ତ କୁମାର ଖଟେଇ ୧୩୪୭୩ ଖଣ୍ଡ ଭୋଟ ପାଇଛନ୍ତି। ପିପିଲି ବ୍ଲକ୍ ୨୩ ନଂ ଜୋନର ଭାଜପାର ସୁରେନ୍ଦ୍ର ବେହେରା ୧୦,୦୨୦ ଭୋଟ ପାଇଥିବା ବେଳେ ବିଜେଡିର ସୁଶାନ୍ତ କୁମାର ମଲ୍ଲିକ୍ ୧୨, ୫୧୧ ଖଣ୍ଡ ଭୋଟ ପାଇଛନ୍ତି। ପୁରୀ ସଦର ୨୬ ନଂ ଜୋନର ଭାଜପାର ପିଙ୍କି ପାତ୍ର ୮୩୭୦ ଓ ବିଜେଡିର ମାମିନା ଦାସ ୧୧୫୪୮ ଖଣ୍ଡ ଭୋଟ ପାଇଛନ୍ତି। ସେହିପରି ସତ୍ୟବାଦୀ ବ୍ଲକ୍‌ର ୩୨ ନଂ ଜୋନରେ ଭାଜପାର ବିଷ୍ଣୁପ୍ରିୟା ବରାଳ ୮୮୧୧ ଓ ବିଜେଡିର ସ୍ୱପ୍ନା ଜେନା ୮୬୫୭ ଖଣ୍ଡ ଭୋଟ ପାଇଛନ୍ତି। ସତ୍ୟବାଦୀ ବ୍ଲକ୍‌ର ୧୦ ନଂ ଜିଲାପରିଷଦ ଜୋନ ବ୍ୟତୀତ ଅନ୍ୟ ୧୦ଟି ଜୋନରେ ବିଜେଡି ପ୍ରାର୍ଥୀ ଆଗୁଆ ଅଛନ୍ତି। ପୂର୍ବଥର ଭଳି ଚଳିତ ନିର୍ବାଚନରେ ଜିଲାରେ ବିଜେଡି ଜିଲା ପରିଷଦ ଅଧ୍ୟକ୍ଷ ପଦ ହାତେଇବ ବୋଲି ଜଣାପଡୁଛି ।

# ନିର୍ବାଚିତ ସରପଞ୍ଚ ଓ ସମିତି ସଭ୍ୟ

**ଡେଲାଙ୍ଗ/ବ୍ରହ୍ମଗିରି/ସାକ୍ଷୀଗୋପାଳ/ ନିମାପଡ଼ା/ କାକଟପୁର/କଣାସ ୨୭।୨(ଡି.ଏନ୍.ଏ./ସ୍ୱ.ପ୍ର.):**

ଡେଲାଙ୍ଗ ବ୍ଲକ ୧୫ନଂ.ଜିଲାପରିଷଦ ଜୋନ ଅନ୍ତର୍ଗତ ୭ଟି ପଞ୍ଚାୟତର ଫଳାଫଳ ପ୍ରକାଶ ପାଇଛି। ଗଡ଼ମୋଟରି ପଞ୍ଚାୟତର ସରପଞ୍ଚ ଭାବେ ମାର୍କଣ୍ଡ ମଙ୍ଗରାଜ ଓ ସମିତିସଭ୍ୟ ଲଲାଟ କେଶରୀ ସାମନ୍ତରାୟ ନିର୍ବାଚିତ ହୋଇଛନ୍ତି। ସେହିପରି ଚାଇଁପୁର ପଞ୍ଚାୟତରେ ସରପଞ୍ଚ ଜୟନ୍ତୀ ବରାଳ ଓ ସମିତିସଭ୍ୟ ମଞ୍ଜୁଲତା ହାତୀ, ସୁଜନପୁର ପଞ୍ଚାୟତରେ ସରପଞ୍ଚ ପ୍ରିୟଙ୍କା ବଳବନ୍ତରାୟ ଓ ସମିତିସଭ୍ୟ ଅଜୟ ରାଉତରାୟ, ସିଂହବରହମପୁର ପଞ୍ଚାୟତରେ ସରପଞ୍ଚ ରଶ୍ମିତା ବେହେରା ଓ ସମିତିସଭ୍ୟ ନରେନ୍ଦ୍ର ପ୍ରଧାନ, ରେଙ୍ଗାଳରେ ସରପଞ୍ଚ ସାଗରିକା ବଡ଼ଜେନା ଓ ସମିତିସଭ୍ୟ ବିନୋଦିନୀ ସ୍ୱାଇଁ, ଗୋଡ଼ିପୁଟ ମାଟିଆପଡ଼ାରେ ସରପଞ୍ଚ ରଜନୀ ଶାସମଲ ଓ ସମିତିସଭ୍ୟ ଦୁର୍ବାସା ନିଶଙ୍କ, ହରିରାଜପୁର ପଞ୍ଚାୟତରେ ସରପଞ୍ଚ ରୀନାରାଣୀ ରାଉତରାୟ ଓ ସମିତିସଭ୍ୟ ବାସନ୍ତୀ ସାହୁ ନିର୍ବାଚିତ ହୋଇଛନ୍ତି।

ବ୍ରହ୍ମଗିରି ବ୍ଲକ ୨୮ନଂ.ଜିଲାପରିଷଦ ଜୋନ ଅନ୍ତର୍ଗତ ୧୦ଟି ପଞ୍ଚାୟତର ଫଳାଫଳ ପ୍ରକାଶ ପାଇଛି। ଭୁବନପୁର ପଞ୍ଚାୟତର ସରପଞ୍ଚ ଭାବେ ଅମୂଲ୍ୟ କୁମାର ପ୍ରଧାନ ଓ ସମିତିସଭ୍ୟ ଭାବେ ତ୍ରିନାଥ ପଲାଇ ନିର୍ବାଚିତ ହୋଇଛନ୍ତି। ସେହିପରି ଗଡରୋଡଙ୍ଗ ପଞ୍ଚାୟତରେ ସରପଞ୍ଚ ନମିତା ବଳିଆରସିଂ ଓ ସମିତି ସଭ୍ୟ କରିସ୍ମା ସେଠୀ, ବ୍ରହ୍ମଗିରିରେ ସରପଞ୍ଚ ରାଧାରାଣୀ ଦଳାଇ ଓ ସମିତିସଭ୍ୟ ରତ୍ନମାଳା ବେହେରା, ବେଷ୍ଟପୁରରେ ସରପଞ୍ଚ ବିଜୟ ଲକ୍ଷ୍ମୀ ପଲାଇ ଓ ସମିତି ସଭ୍ୟ ମାଳିନୀ ଦଳାଇ, ବ୍ରହ୍ମଣିଆରେ ସରପଞ୍ଚ ନିରଞ୍ଜନ ସେଠୀ ଓ ସମିତି ସଭ୍ୟ ବବିତା ସ୍ୱାଇଁ, ଚାପମାଣିକରେ ସରପଞ୍ଚ ଅମୂଲ୍ୟ ପ୍ରଧାନ ଓ ସମିତି ସଭ୍ୟ ରେଖା ନାୟକ, ଧରଣୀକୁଦୀରେ ସରପଞ୍ଚ ଗୀତାଞ୍ଜଳୀ ବିଶ୍ୱାଳ ଓ ସମିତି ସଭ୍ୟ ପ୍ରମିଳା ମଲ୍ଲିକ, କହଲପଦାରେ ସରପଞ୍ଚ ଭଗବାନ ପରିଡା ଓ ସମିତି ସଭ୍ୟ ସୁମିତ୍ରା ବରାଳ, ନିଆଳପୁରରେ ସରପଞ୍ଚ ସୁରେନ୍ଦ୍ର କାଣ୍ଡି, ସମିତି ସଭ୍ୟ ଭାବେ ଶୁକଦେବ ପଟ୍ଟନାୟକ ନିର୍ବାଚିତ ହୋଇଛନ୍ତି।

ସତ୍ୟବାଦୀ ବ୍ଲକ ୩୧ନଂ. ଜିଲାପରିଷଦ ଜୋନ ଅନ୍ତର୍ଗତ ୯ଟି ପଞ୍ଚାୟତର ଫଳାଫଳ ପ୍ରକାଶ ପାଇଛି। ଅଳଗୁମ ପଞ୍ଚାୟତର ସରପଞ୍ଚ ଭାବେ ସରସ୍ୱତୀ ବିଶ୍ୱାଳ ଓ ସମିତି ସଭ୍ୟ ଭାବେ ପୁଷ୍ପାଞ୍ଜଳି ବିଶ୍ୱାଳ ନିର୍ବାଚିତ ହୋଇଛନ୍ତି। ସେହିପରି ଆଳିସ ପଞ୍ଚାୟତର ସରପଞ୍ଚ ସୁରଥ ଚନ୍ଦ୍ର ସେଠୀ ଓ ସମିତି ସଭ୍ୟ ବିପିନ କୁମାର ବେହେରା, ଦାଶବିଦ୍ୟାଧରପୁର ପଞ୍ଚାୟତରେ ସରପଞ୍ଚ ଝରଣା ବାଳା ସ୍ୱାଇଁ ଓ ସମିତିସଭ୍ୟ ଶକୁନ୍ତଳା ପ୍ରଧାନ, ନରେନ୍ଦ୍ରପୁର ପଞ୍ଚାୟତରେ ସରପଞ୍ଚ ଗୌରାଙ୍ଗ ମଲ୍ଲିକ ଓ ସମିତିସଭ୍ୟ ଝରଣା ମଲ୍ଲିକ, ନୂଆସୋମେଶ୍ୱରପୁରରେ ସରପଞ୍ଚ ପ୍ରଶାନ୍ତ କୁମାର ପାଣି ଓ ସମିତିସଭ୍ୟ ଜ୍ୟୋତିର୍ମୟୀ ପଣ୍ଡା, ବିରାମଚନ୍ଦ୍ରପୁରରେ ସରପଞ୍ଚ ଦୀପା ବେହେରା ଓ ସମିତିସଭ୍ୟ କିଶୋର ଭୋଇ, ମଧୁବନ ପଞ୍ଚାୟତରେ ସରପଞ୍ଚ କାନ୍ତିଲତା ପରିଡା ଓ ସମିତିସଭ୍ୟ ପୁଷ୍ପଲତା ସାହୁ, ସାଣ୍ଡରା ଶାସନରେ ସରପଞ୍ଚ ବାସନ୍ତୀ ବେହେରା ଓ ସମିତି ସଭ୍ୟ ସମିତ୍ରା ବେହେରା, ଶୁକଳ ପଞ୍ଚାୟତରେ ସରପଞ୍ଚ ଭାବେ ଲଳିତ ମୋହନ ସେନାପତି ଓ ସମିତିସଭ୍ୟ ଭାବେ ବସନ୍ତ କୁମାର ବିଶ୍ୱାଳ ନିର୍ବାଚିତ ହୋଇଛନ୍ତି।

ନିମାପଡ଼ା ବ୍ଲକ ୧୮ନଂ. ଜିଲାପରିଷଦ ଜୋନ ଅନ୍ତର୍ଗତ ୮ଟି ପଞ୍ଚାୟତର ଫଳାଫଳ ପ୍ରକାଶ ପାଇଛି। ଉଚ୍ଛୁପୁର ପଞ୍ଚାୟତରେ ସରପଞ୍ଚ ଭାବେ ସୁରେଶ ମଙ୍ଗରାଜ ଓ ସମିତିସଭ୍ୟ ଭାବେ ଅନୁସୟା ମହାନ୍ତି ନିର୍ବାଚିତ ହୋଇଛନ୍ତି। ସେହିପରି ଗୋପୀନାଥପୁର ପଞ୍ଚାୟତରେ ସରପଞ୍ଚ ପ୍ରଭାତ କୁମାର ରାୟ ଓ ସମିତିସଭ୍ୟ ମୁକୁନ୍ଦ ମହାରଣା, ନୂଆସନ୍ଥ ପଞ୍ଚାୟତରେ ପ୍ରଫୁଲ୍ଲ କୁମାର ସ୍ୱାଇଁ ଓ ସମିତିସଭ୍ୟ ଦୁର୍ଗା ପ୍ରସାଦ ପ୍ରଧାନ, ବଳଙ୍ଗା ପଞ୍ଚାୟତର ସରପଞ୍ଚ ଅଞ୍ଜଳି ପ୍ରଧାନ ଓ ସମିତି ସଭ୍ୟ ପ୍ରକାଶ କୁମାର ସାହୁ, କୋଟକୋସାଙ୍ଗ ପଞ୍ଚାୟତରେ ସରପଞ୍ଚ ଜୟନ୍ତୀ ବିଶ୍ୱାଳ ଓ ସମିତିସଭ୍ୟ ପାର୍ଥନା ନାୟକ, ଗଡ଼ପଦନପୁର ପଞ୍ଚାୟତରେ ସରପଞ୍ଚ ରାକେଶ କୁମାର ବାରିକ ଓ ସମିତିସଭ୍ୟ ରଞ୍ଜିତ୍ ରାଉତରାୟ, ଶାଇଁସଶାସନ ପଞ୍ଚାୟତରେ ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ ଓ ସମିତିସଭ୍ୟ ସନ୍ଧ୍ୟାରାଣୀ ରଥ, ହରିପୁର ପଞ୍ଚାୟତରେ ସରପଞ୍ଚ ତିଳୋତ୍ତମା ସାହୁ ଓ ସମିତିସଭ୍ୟ ସୁନିଲ କୁମାର ରଥ ନିର୍ବାଚିତ ହୋଇଛନ୍ତି।

କାକଟପୁର ବ୍ଲକର ୬ନଂ ଜୋନ୍ ଅନ୍ତର୍ଗତ ସୁହାଗପୁର ଗ୍ରାମପଞ୍ଚାୟତର ସରପଞ୍ଚ ଭାବେ ସେକ୍ ଅବତାର, ସମିତି ସଭ୍ୟ ଭାବେ ଶ୍ରୀଧର ନାୟକ, କଂପଡ଼ା ପଞ୍ଚାୟତର ସରପଞ୍ଚ ରୀନା ନାୟକ, ସମିତି ସଭ୍ୟା ମିତା ପାତ୍ର ନିର୍ବାଚିତ ହୋଇଛନ୍ତି। କଟକଣା ପଞ୍ଚାୟତର ସରପଞ୍ଚ ରୁକ୍‌ସାନା ବିବି, ସମିତି ସଭ୍ୟା ପ୍ରଭାତୀ ବିଶ୍ୱାଳ, ଲତାହରଣ ପଞ୍ଚାୟତ ସରପଞ୍ଚ ପ୍ରଦୀପ୍ତ ବିଶ୍ୱାଳ, ସମିତିସଭ୍ୟା ସନ୍ଧ୍ୟାରାଣୀ ସାହୁ, ପାଟସୁନ୍ଦରପୁର ପଞ୍ଚାୟତ ସରପଞ୍ଚ ଚତୁର୍ଭୁଜ ରାଉତ, ସମିତି ସଭ୍ୟ ମନୋଜ କୁମାର ନାୟକ, ଭଣ୍ଡାଘର ପଞ୍ଚାୟତର ସରପଞ୍ଚ ଭୀମା ଦାସ, ସମିତି ସଭ୍ୟା ସଙ୍ଗୀତା କାଣ୍ଡି ବିଜୟୀ ହୋଇଥିବା କାକଟପୁର ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ତୁଷାର ଜ୍ୟୋତି ରଞ୍ଜନ ସୂଚନା ଦେଇଛନ୍ତି।

କଣାସ ବ୍ଲକ ୩ ନମ୍ବର ଜୋନ୍ ଅଧୀନ ୯ଟି ଗ୍ରାମପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଫଳାଫଳ ପ୍ରକାଶ ପାଇଛି। ବଡାଲ ଗ୍ରାମପଞ୍ଚାୟତରେ ଧନେଶ୍ୱର ଲେଙ୍କା ୨୧୩୨ ଓ ବକୁରେ ଗୀତାଞ୍ଜଳି ଶର୍ମା ୧୮୫୩ ଖଣ୍ଡ ଭୋଟ ପାଇ ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି। ଦେଈପୁର ସରପଞ୍ଚ ଭାବେ ସ୍ୱାଗତିକା ପ୍ରଧାନ ୧୪୦୩ ଖଣ୍ଡ ଏବଂ ଦୋଛିଆ ସରପଞ୍ଚ ଭାବେ ବନମାଳି ରାଉତ ୧୩୫୮ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ଗଡ଼ଖାରଦରେ ମହେଶ୍ୱର ସେଠୀ ୧୮୭୭ ଓ ଦିବ୍ୟସିଂହପୁରରେ ଝରଣା ମିଶ୍ର ୧୭୭୬ ଖଣ୍ଡ ଭୋଟ ପାଇ ସରପଞ୍ଚ ଭାବେ ଜିତିଛନ୍ତି। କାଦୁଆ ପଞ୍ଚାୟତରେ ଦୁଃଶାସନ ସ୍ୱାଇଁ ୧୯୮୨, ଗୋପୀନାଥପୁରରେ ସୁକାନ୍ତି ବେହେରା ୧୭୮୦, ସାହୁପଡ଼ାରେ ଭିକାରୀ ଚରଣ ବଳିଆରସିଂହ ୨୧୯୫ ଖଣ୍ଡ ଭୋଟ ପାଇ ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି। ସାହୁପଡ଼ା ପଞ୍ଚାୟତରେ ସୁମିତ୍ରା ମଙ୍ଗରାଜ ୨୦୧୫ ଓ ବକୁରେ ଲକ୍ଷ୍ମୀଧର ଜଗଦେବ ୧୭୫୦ଟି ଭୋଟ ପାଇ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଦେଈପୁରରେ ମନୋରଞ୍ଜନ ପାଇକରାୟ ୮୧୧, ବଡାଲରେ ସଞ୍ଜୟ କୁମାର ମାନସିଂହ ୧୭୭୧, କାଦୁଆରେ ଶକ୍ତିଧର ପ୍ରଧାନ ୧୯୩୮ ଏବଂ ଗୋପୀନାଥପୁରରେ ଜୟନ୍ତୀ ମହାପାତ୍ର ୧୭୬୭ଟି ଭୋଟ ପାଇ ସମିତିସଭ୍ୟା ଭାବେ ନିର୍ବାଚିତ ହୋଇଛନ୍ତି। ଗଡ଼ଖାରଦରେ ଗୌରହରି ନାୟକ ୧୯୯୨, ଦିବ୍ୟସିଂହପୁରରେ ସୁମିତ୍ରା ପ୍ରଧାନ ୧୯୪୫ଟି ଭୋଟ ପାଇ ସମିତି ସଭ୍ୟା ଭାବେ ନିର୍ବାଚିତ ହୋଇଥିବା ଜଣାପଡ଼ିଛି।

# 'ଆଚାର୍ଯ୍ୟ ହରିହରଙ୍କ ସରଳ ଜୀବନ ଅନୁକରଣ କର'

**ପୁରୀ ଅଫିସ,୨୭।୨:**

ପୁରୀ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ଆଚାର୍ଯ୍ୟ ହରିହର ସ୍ମୃତି ସଂସଦ ମିଳିତ ଆନୁକୂଲ୍ୟରେ ରବିବାର ଆଚାର୍ଯ୍ୟ ହରିହରଙ୍କ ୧୪୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଆଚାର୍ଯ୍ୟ ହରିହର ଛକସ୍ଥିତ ଆଚାର୍ଯ୍ୟ ହରିହର ଓ ଗାନ୍ଧୀସ୍ମୃତି ପୀଠରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ଗାନ୍ଧୀ ସ୍ମୃତି ପୀଠରେ ଆଚାର୍ଯ୍ୟ ହରିହର ସ୍ମୃତି ସଂସଦର ସଭାପତି ଉମାବଲ୍ଲଭ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଆଚାର୍ଯ୍ୟ ହରିହରଙ୍କ ବାଣୀ, ସେବା ଓ ତ୍ୟାଗ ଆଗାମୀ ପିଢ଼ୀଙ୍କୁ ପ୍ରେରଣା ଯୋଗାଇବା ସହ ଯୁବପିଢ଼ୀଙ୍କୁ ସୁପଥଗାମୀ କରିବ। ଶିକ୍ଷାକ୍ଷେତ୍ରରେ ଆଚାର୍ଯ୍ୟ ହରିହରଙ୍କର ଯଥେଷ୍ଟ ଅବଦାନ ରହିଛି। ଆଜିକାର ପୀଢ଼ି ଏହାକୁ ପାଥେୟ କରି ଆଗକୁ ବଢ଼ିବା ଦରକାର। ସେହିଭଳି ତାଙ୍କ ସରଳ ଜୀବନକୁ ଅନୁକରଣ କରିବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ରୀୟ ଜେନା, ଅବସରପ୍ରାପ୍ତ ପ୍ରଶାସକ ବିଜୟ କୁମାର ନନ୍ଦ, ଶିକ୍ଷାବିତ୍ ସୁଧାକର ମହାପାତ୍ର ଏବଂ ଗଙ୍ଗାଧର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ଜିଲା ସ୍କୁଲର ଛାତ୍ରୀ ସଂଘମିତ୍ରା ବେହେରା ଓ ରାମଚନ୍ଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସାଇ ଇପ୍ସିତା ପାଢ଼ୀଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଥିଲା। ଶିବପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ନବକିଶୋର ରଥ ଧନ୍ୟବାଦ ଦେଇଥିଲେ। ପ୍ରଫେସର ମାନସ ରଞ୍ଜନ ମହାପାତ୍ରଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।




ଜିଲାସ୍ତରୀୟ ସମାରୋହରେ ମଞ୍ଚାସୀନ ଅତିଥି ।

# ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତି ପ୍ରତି ଅବହେଳା ଅଭିଯୋଗ

**ପୁରୀ ଅଫିସ, ୨୭।୨:**

ପୁରୀ ସହରରେ ରବିବାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆଚାର୍ଯ୍ୟ ହରିହରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆପଣଙ୍କ ସେବାରେ ଅନୁଷ୍ଠାନ ପକ୍ଷରୁ ସମୁଦ୍ରକୂଳ ନିକଟ ହରିହର ଛକସ୍ଥିତ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଅନୁଷ୍ଠାନର ରାଜ୍ୟ ଉପସଭାପତି ବିଜୟକୃଷ୍ଣ ବ୍ରହ୍ମା, ରାଜ୍ୟ ମହାସଚିବ ମନୋଜ କୁମାର ରଥ, ଦେବେନ୍ଦ୍ର ମହାରଣା, ସୌମ୍ୟଶ୍ରୀ ଆଶ୍ରିପାଦମ୍, ଶିବ ପ୍ରସାଦ ରଥ, ବିନୋଦ ସେନାପତି, ଲକ୍ଷ୍ମୀପ୍ରିୟା ସାହୁ, ଅର୍ଜୁନ ମହାରଣା, ସୁକାନ୍ତ ପଣ୍ଡା, ମିତା ବାରିକ, ଶଶାଙ୍କ ଶେଖର ପ୍ରଧାନ, ଦିବ୍ୟରଞ୍ଜନ ଦାଶ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତି ପ୍ରତି ପ୍ରଶାସନ ଅବହେଳା କରୁଥିବା ସଙ୍ଗଠନ କର୍ମକର୍ତ୍ତା ଅଭିଯୋଗ କରିଥିଲେ। ଆପଣଙ୍କ ସେବାରେ ଅନୁଷ୍ଠାନର କର୍ମକର୍ତ୍ତାମାନେ କହିଛନ୍ତି, ଗତ ନବକଳେବର ସମୟରେ ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତିକୁ ଛକର ମଧ୍ୟଭାଗରୁ କାଢ଼ି ଏକ କୋଣକୁ ପ୍ରଶାସନ ନେଇଯାଇଛି। ଏହା ଆଚାର୍ଯ୍ୟ ହରିହରଙ୍କ ଭଳି ମହାପୁରୁଷ ପ୍ରତି ଅସମ୍ମାନ ସଦୃଶ। ତେଣୁ ଅନୁଷ୍ଠାନ ତୁରନ୍ତ ଏହି ପ୍ରତିମୂର୍ତ୍ତିକୁ ପୁନର୍ବାର ଛକ ମଧ୍ୟ ଭାଗରେ ପ୍ରତିଷ୍ଠା କରାଯାଉ। ଏ ନେଇ ସରକାରଙ୍କୁ ଅନୁରୋଧ କରାଯିବ ବୋଲି କର୍ମକର୍ତ୍ତା କହିଛନ୍ତି। ସେହିପରି ସାଲବେଗ ସାହିରେ ଥିବା ଶିଶୁ କ୍ଲବରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଚାର୍ଯ୍ୟ ହରିହରଙ୍କ ଜୀବନୀ ଉପରେ ଆଲୋକପାତ କରାଯାଇଥିଲା। ଅନୁଷ୍ଠାନର ପୁରୀ ଶ୍ରୀଜଗନ୍ନାଥ ଧାମ ଭାଷା ପକ୍ଷରୁ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଶାଖାର ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ସମତା ଅନୁଷ୍ଠାନ ପକ୍ଷରୁ ଶ୍ରୀକ୍ଷେତ୍ର କଲୋନୀରେ ଆଚାର୍ଯ୍ୟ




ଆପଣଙ୍କ ସେବାରେ ଅନୁଷ୍ଠାନ ପକ୍ଷରୁ ଆଚାର୍ଯ୍ୟ ହରିହରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି ।

**ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜୟନ୍ତୀ ପାଳିତ**

ହରିହର ଦାଶଙ୍କ ୧୪୪ ତମ ଜୟନ୍ତୀ ପାଳିତ ହୋଇଛି। ଏଥିରେ ଅନୁଷ୍ଠାନର ସଭାପତି ଭାଗବତ ପ୍ରସାଦ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଗୋପ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ପଣ୍ଡା ଅତିଥି ଭାବେ ଯୋଗଦେଇ କହିଥିଲେ, ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ପିଲାମାନଙ୍କ ବୌଦ୍ଧିକ ବିକାଶ ପାଇଁ ଏକ ବ୍ୟାକରଣ ପୁସ୍ତକ ରଚନା କରିଥିଲେ, ଯାହା ଓଡ଼ିଶାର ପ୍ରଥମ ବ୍ୟାକରଣ ପୁସ୍ତକ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଲେଖକ ରାଧାକୃଷ୍ଣ ପ୍ରଧାନୀ ଓ ଖବରଦାତା ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଯୋଗଦେଇ ଆଚାର୍ଯ୍ୟ ହରିହରଙ୍କ ଜୀବନଚର୍ଯ୍ୟା ଉପରେ ଆଲୋକପାତ କରିଥିଲେ। ତପନ କୁମାର ଓ ହେମାଙ୍ଗିନୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।